ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୭୮
୧୪ ଫେବୃଆରୀ, ୨୦୨୬ ଶନିବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 278
14th February, 2026 Saturday
Kendrapara

ODISHA EXPRESS    SIGHTS TRUTH WRITES TRUTH    ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in    E-mail : odishaexpress@gmail.com    RNI Regd. No. ODIODI/2009/28880    ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

କୁତ ଆଗତ୍ୟ ଘଟତେ ବିଘଟ୍ୟ କ୍ୱନୁ ଯାତିଚ ।
ନ ଲକ୍ଷ୍ୟତେ ଗତିଶ୍ଚିତ୍ରା ଘନସ୍ୟ ଚ ଧନସ୍ୟ ଚ ।

ମେଘ ଏବଂ ଧନର ଗତି ବିଚିତ୍ର । ଏହା ଦେଖାଯାଏ ନାହିଁ । କେଉଁଠାରୁ ଆସି ମିଳିତ ହୁଏ ଏବଂ ବିଭକ୍ତ ହୋଇ କେଉଁଆଡ଼େ ଚାଲିଯାଏ !

# ୯ ପର୍ଯ୍ୟନ୍ତ ସଂସଦ ମୁଲତବୀ

**ନୂଆଦିଲ୍ଲୀ, ୧୩।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବଜେଟ ଅଧିବେଶନର ପ୍ରଥମାର୍ଦ୍ଧ ଶୁକ୍ରବାର ଶେଷ ହୋଇଛି । ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଏବଂ ପୂର୍ବତନ ସେନା ମୁଖ୍ୟ ଏମ୍.ଏମ୍. ନରବଣେଙ୍କ ଅପ୍ରକାଶିତ ଆତ୍ମଜୀବନକୁ ନେଇ ବଜେଟ ଅଧିବେଶନର ପ୍ରଥମ ଭାଗରେ ଉଭୟ ସଦନରେ ପ୍ରବଳ ହୋହଲ୍ଲା ଓ ହଟ୍ଟଗୋଳ ଦେଖାଯାଇଥିଲା । ଶୁକ୍ରବାର ଅଧିବେଶନ ଆରମ୍ଭ ହେବା କ୍ଷଣି ହୋହଲ୍ଲା ଚାଲିଥିବାବେଳେ ଉଭୟ ଗୃହକୁ ଆସନ୍ତା ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ଶୁକ୍ରବାର ସଂସଦ ପରିସରରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ଇସ୍ତଫା ଦାବି କରି ବିରୋଧୀ ସାଂସଦମାନେ ସ୍ଲୋଗାନ ଦେଇ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ । ହରିଦ୍ୱାରର ପୂର୍ବତନ ସାଂସଦ ଭଗବାନଦାସ ରାଠୋରଙ୍କ ପରଲୋକରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଏକ ମିନିଟ୍ ନିରବ ପାଳନ କରାଯାଇଥିଲା ।

ଶାସକ ଓ ବିରୋଧୀଙ୍କ ହୋହଲ୍ଲା ମଧ୍ୟରେ ଲୋକସଭାକୁ ଦିନ ୧୨ଟା ଓ ରାଜ୍ୟସଭା ଦିନ ୧ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା । ପରେ ଉଭୟ ସଦନକୁ ମାର୍ଚ୍ଚ ୯ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା । କଂଗ୍ରେସ ସହିତ ସମାଜବାଦୀ ପାର୍ଟି ମଧ୍ୟ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ତୀବ୍ର ବିରୋଧ କରିଛି । ସମାଜବାଦୀ ପାର୍ଟି ସାଂସଦ ରାମ ଗୋପାଳ ଯାଦବ ଶୁକ୍ରବାର ପ୍ରସ୍ତାବିତ ଭାରତ-ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିନାମାକୁ ସମାଲୋଚନା କରିଥିଲେ । ସେ ଅଭିଯୋଗ କରିଛନ୍ତି ଯେ, ଆମେରିକୀୟ କୃଷି ଉତ୍ପାଦର ଶୁଳ୍କମୁକ୍ତ ଆମଦାନୀ ଭାରତୀୟ ଚାଷୀମାନଙ୍କୁ ଗୁରୁତର ଭାବରେ ପ୍ରଭାବିତ କରିବ । ବିଜେପି ସାଂସଦ ରାମେଶ୍ୱର *(ଶେଷ ପୃଷ୍ଠା ଦେଖନ୍ତୁ)*

## ଓଡ଼ିଶାରେ ଜାତିଗତ ଭେଦଭାବର କୁତ୍ସିତ ମାନସିକତା

**ନୂଆଦିଲ୍ଲୀ, ୧୩।୨ : ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାଲିଥିବା ଅଙ୍ଗନବାଡି କେନ୍ଦ୍ରରେ ଦଳିତ ସହାୟିକାଙ୍କ ସହ ହୋଇଥିବା ଜାତିଗତ ଭେଦଭାବ ଘଟଣା ନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି କଂଗ୍ରେସ ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖଡଗେ । ଗୃହର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ଯଦି ଏଥିରେ କାହା ଦ୍ୱାରା ନିୟମ ଉଲ୍ଲଂଘନ ହୋଇଥିବା ଜଣାପଡେ ତାହାହେଲେ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରାଯିବା ଦରକାର ।



ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ୨୧ତମ ଶତାବ୍ଦୀରେ ଆମେ ବହୁ ସାମାଜିକ ବିକାଶ ଏବଂ ସାମାଜିକ ସଂସ୍କାର କଥା କହୁଛୁ, କିନ୍ତୁ ଓଡିଶାରେ ଏକ ଦଳିତ ସହାୟିକାଙ୍କ ଦ୍ୱାରା ରନ୍ଧା ଖାଦ୍ୟକୁ ଏକ ବିଶେଷ ସମୁଦାୟର ଲୋକମାନେ ସେମାନଙ୍କ ପିଲାଙ୍କୁ ଖାଇବାକୁ ନଦେବା ପାଇଁ କହିଛନ୍ତି । ଗତ ତିନି ମାସ ଧରି ସେହି ଅଙ୍ଗନବାଡିକୁ ମଧ୍ୟ ବହିଷ୍କାର କରାଯାଉଛି । ଖଡଗେ୍ କହିଥିଲେ ଯେ, ଏହି ଘଟଣା ଦ୍ୱାରା ସମ୍ବିଧାନର ଧାରା ୨୧(କ)ର ଉଲ୍ଲଂଘନ ହୋଇଛି । ଏହାସହ ସମ୍ବିଧାନର ଧାରା ୪୭ରେ ଯେଉଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି ତାହାର ମଧ୍ୟ ବ୍ୟତିକ୍ରମ ଘଟିଛି ।

## ପତ୍ନୀହନ୍ତାକୁ ଫାଶୀ ଦଣ୍ଡାଦେଶ

**ବାଲେଶ୍ୱର, ୧୩।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱରରେ ବହୁଚର୍ଚ୍ଚିତ ଏସିଡ୍ ମାଡ ଘଟଣାରେ ଆଜି ଆସିଛି ରାୟ । ରାୟ ଶୁଣାଇଛନ୍ତି ବାଲେଶ୍ୱର ସ୍ପେଶାଲ କୋର୍ଟ (ଏସସି/ ଏସଟି) ଜଜ୍ ଅବଦୁଲ୍ ସମିମ୍ ଅଖତର । ଦୋଷୀ ଚନ୍ଦନ ରଣାକୁ ମିଳିଛି ଫାଶୀ ଦଣ୍ଡାଦେଶ ।

ସୂଚନାଯୋଗ୍ୟ, ୨୦୨୩ ମସିହାରେ ଅଭିଯୁକ୍ତ ଚନ୍ଦନ ବାଲେଶ୍ୱରର ବନିତା ସିଂଙ୍କୁ ପ୍ରେମ ବିବାହ କରିଥିଲେ । ତେବେ ପୂର୍ବରୁ ଚନ୍ଦନ ବିବାହିତ ଓ ତାଙ୍କର ପତ୍ନୀ ଓ ଦୁଇଟି ସନ୍ତାନ ଅଛନ୍ତି ବୋଲି ଜାଣିବା ପରେ ପତ୍ନୀ ବନିତା ଚନ୍ଦନଙ୍କୁ ଛାଡି ଭଉଣୀଙ୍କ ଘରେ ରହୁଥିଲେ । ହେଲେ ଏଥିରେ ଉତ୍କ୍ଷିପ୍ତ ହୋଇ ଚନ୍ଦନ ବନିତାଙ୍କୁ ଏସିଡ୍ ମାଡ କରିଥିବା ବେଳେ ବନିତାଙ୍କ ସମେତ ତାଙ୍କର ବଡ ଭଉଣୀ ଓ ଦୁଇ ଶିଶୁ ମଧ୍ୟ ଗୁରୁତର ହୋଇଥିଲେ ।

ତେବେ ହସ୍ପିଟାଲରେ ୬ ଦିନ କାଳ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଚିକିତ୍ସିତ ଅବସ୍ଥାରେ ପ୍ରାଣ ହରାଇଥିଲେ ବନିତା । ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ଚନ୍ଦନ ରଣାଙ୍କୁ ଗିରଫ କରିଥିଲା ପୋଲିସ । ଗତ ୪ ତାରିଖରେ ବାଲେଶ୍ୱର ସ୍ୱତନ୍ତ୍ର



ଏସ୍‌ସି/ଏସ୍‌ଟି କୋର୍ଟ ୩୪ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ ସହ ବିଭିନ୍ନ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ସ୍ୱାମୀକୁ ଦୋଷୀ ସାବ୍ୟସ୍ତ କରିଥିଲେ । ଏହି ମାମଲାରେ କୋର୍ଟ ଆଜି ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି । ସେପଟେ ଏହି ଘଟଣାରେ ନ୍ୟାୟ ମିଳିଥିବାରୁ ସନ୍ତୋଷବ୍ୟକ୍ତ କରିଛନ୍ତି ମୃତ ବନିତାଙ୍କ ପରିବାର ଲୋକ ।

## ବୋରୱେଲ୍‌ରେ ପଡ଼ି ଶିଶୁ କନ୍ୟାର ମୃତ୍ୟୁ

**ପୁରୀ, ୧୩।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଖେଳୁଥିବା ବେଳେ ବୋରୱେଲ୍‌ରେ ପଡ଼ି ଦେଢ଼ ବର୍ଷ ଶିଶୁ କନ୍ୟାର ମୃତ୍ୟୁ ଘଟିଛି । ପୁରୀ ମେଡିକାଲ୍‌ରେ ଘଟିଛି ଏଭଳି ଅଭାବନୀୟ ଘଟଣା । ମୃତ ଶିଶୁକନ୍ୟା ନରେନ୍ଦ୍ର କୋଣ ମଙ୍ଗଳା ସାହିର ଅଜୟ ନାୟକଙ୍କ ଦେଢ଼ ବର୍ଷର ଶିଶୁକନ୍ୟା । ଚିକିତ୍ସା ପାଇଁ ଶିଶୁକନ୍ୟାକୁ ତୁରନ୍ତ ପୁରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି । ଶିଶୁ କନ୍ୟାର ମୃତ୍ୟୁକୁ ନେଇ ମେଡିକାଲରେ ଏବଂ ପରିବାର ଲୋକଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

ସୂଚନା ଅନୁଯାୟୀ, ଶିଶୁକନ୍ୟା ଜଣକ ତାଙ୍କ ମାମୁଁ ଘର ରାୟବାହାଦୁର ଲେନ୍‌କୁ ବୁଲିବାକୁ ଆସିଥିଲେ । ଶୁକ୍ରବାର ମଧ୍ୟାହ୍ନ ସମୟରେ ଶିଶୁକନ୍ୟା ଜଣକ ଖେଳୁଥିବା ବେଳେ ମେଡିକାଲରେ ଚାଲିଥିବା କୋଠା କାମ ପାଇଁ ଖୋଳା ଯାଇଥିବା ବୋରୱେଲ୍ ଭିତରେ ପଡ଼ି ଯାଇଥିଲେ । ସେଠାରେ ଉପସ୍ଥିତି ଥିବା ଲୋକମାନେ ଶିଶୁକନ୍ୟାକୁ ଉଦ୍ଧାର କରି ଚିକିତ୍ସା ପାଇଁ ପୁରୀ ହସ୍ପିଟାଲକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ମୃତ ଶିଶୁକନ୍ୟାର ମାମୁଙ୍କ ଅଭିଯୋଗ ଅନୁଯାୟୀ ମେଡିକାଲ କୋଠା ନିର୍ମାଣ କରୁଥିବା ଶ୍ରମିକମାନଙ୍କୁ ସେ ବାରମ୍ବାର ବୋରୱେଲ୍‌କୁ ପୋତିବା ପାଇଁ କହିଥିଲେ । କିନ୍ତୁ କୋଠା ନିର୍ମାଣ ଦାୟିତ୍ୱରେ ଥିବା ବ୍ୟକ୍ତିମାନେ କୌଣସି ପଦକ୍ଷେପ ନେଇନଥିବାରୁ ଆଜି ତାଙ୍କ ଦେଢ ବର୍ଷର ଶିଶୁକନ୍ୟାର ପ୍ରାଣ ଚାଲି ଯାଇଛି ବୋଲି ଅଭିଯୋଗ କରିଛନ୍ତି । କୁମ୍ଭାରପଡ଼ା ଥାନା ପୋଲିସ ଖବର ପାଇ ଘଟଣାର ତଦନ୍ତ ଚଳାଇଛି ।

## ଯାତ୍ରାରେ ଅଶ୍ଲୀଳ ନୃତ୍ୟର ଭିଡିଓ ଭାଇରାଲ

**ରାଜନଗର, ୧୩।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଯାତ୍ରାରେ ଅଶ୍ଲୀଳ ନୃତ୍ୟ ପ୍ରଦର୍ଶନ ବନ୍ଦ ପାଇଁ ସରକାରଙ୍କ ଠାରୁ ଆରମ୍ଭ କରି ସମାଜସେବୀ, ପ୍ରଶାସକ, ରାଜନେତା ଓ ଯାତ୍ରା କମିଟିଗୁଡ଼ିକ ଘୋଷଣା କଲେ ମଧ୍ୟ ଏହା ଥମିବାର ନାଁ ଧରୁନି । ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନାର କେରୁଆଁପାଳ ପଞ୍ଚାୟତରେ ଏଭଳି ଘଟଣା ଘଟିଥିବା ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଥିବା ପରିଦୃଷ୍ଟ ହେଉଛି । କେରୁଆଁପାଳ ଠାରେ ଯାତ୍ରା *(ଶେଷ ପୃଷ୍ଠା ଦେଖନ୍ତୁ)*

## ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ପରଲୋକ

**ଭୁବନେଶ୍ୱର, ୧୩।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବରିଷ୍ଠ ରାଜନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କର ଆଜି ପରଲୋକ ହୋଇଯାଇଛି । ଆଜି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ୮୬ ବର୍ଷ ବୟସରେ କାହ୍ନୁଚରଣ ଲେଙ୍କାଙ୍କ ପରଲୋକ ହୋଇଯାଇଛି । ଓଡ଼ିଶା କଂଗ୍ରେସର ଜଣେ ପ୍ରମୁଖ ନେତା



ଭାବେ ଜଣାଶୁଣା କାହ୍ନୁଚରଣ ଲେଙ୍କା ୧୯୩୯ ମାର୍ଚ୍ଚ ୨ରେ ଜନ୍ମ ଗ୍ରହଣ କରିଥିଲେ । ଯିଏ ରାଜ୍ୟ ସଭାକୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ସେ ପି.ଭି. ନରସିଂହ ରାଓଙ୍କ ସମୟରେ କେନ୍ଦ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ୧୯୯୫-୨୦୦୦ ମସିହା ଯାଏଁ ଚୌଦ୍ୱାର ବିଧାୟକ ଥିଲେ ଓ ୧୯୮୮-୯୪ ମସିହା ଯାଏଁ ରାଜ୍ୟସଭା ସାଂସଦ ଥିଲେ । ପି.ଭି. ନରସିଂହ ରାଓଙ୍କ ସରକାରରେ ରେଳ ଓ କୃଷି ରାଷ୍ଟ୍ରମନ୍ତ୍ରୀ ଥିଲେ । ସେ କଂଗ୍ରେସ ଦଳ ସହ ଦୀର୍ଘ ସମୟ *(ଶେଷ ପୃଷ୍ଠା ଦେଖନ୍ତୁ)*

## ୨୦ରୁ ଠିକାଦାର ସଂଘର ଆନ୍ଦୋଳନ

**ଭୁବନେଶ୍ୱର, ୧୩।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ଫେବ୍ରୁଆରୀ ୨୦ ତାରିଖରୁ ରାଜ୍ୟବ୍ୟାପୀ ଠପ୍ ହେବ ସମସ୍ତ ସରକାରୀ ନିର୍ମାଣ କାର୍ଯ୍ୟ ଓ ପ୍ରଭାବିତ ହେବ ଆଲୋକ, ପାନୀୟ ଜଳ ବ୍ୟବସ୍ଥା ଓ ସ୍ୱେରଜ କାମ । ଏକାଠି ହେବେ ରାଜ୍ୟର ୭୦ ହଜାର ଠିକାଦାର ଓ ରାଜ୍ୟର ତିନି ପ୍ରମୁଖ ଠିକାଦାର ସଂଘ । ଭୁବନେଶ୍ୱରରେ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କୁ ଚେତାବନୀ ଦେଇଛି ମିଳିତ ମଞ୍ଚ ଓଡ଼ିଶା ଠିକାଦାର ମହାସଂଘ ।

ମିଳିତ ମଞ୍ଚର ଆବାହକ ଅନୀଲ କୁମାର ମହାଲିକଙ୍କ ସଂଯୋଜନାରେ ଏକ ସାମ୍ବାଦିକ ସମ୍ମିଳନୀରେ ମିଳିତ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ୮ ଦଫା ଦାବି ପ୍ରଦାନ କରାଯାଇଛି । ୧୮ ଫେବ୍ରୁଆରୀ ସୁଦ୍ଧା ରାଜ୍ୟ ସରକାର ଦାବି ପୂରଣ ନ କଲେ ୨୦ ତାରିଖରେ ସମସ୍ତ ନିର୍ମାଣ କାର୍ଯ୍ୟ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରି ରାଜଧାନୀ ରାଜରାସ୍ତାରେ ବିଶାଳ ବିକ୍ଷୋଭ ସମାବେଶ କରାଯିବା ନେଇ ଚେତାବନୀ ଦେଇଛି ମହାସଂଘ । ପୂର୍ତ୍ତ ବିଭାଗ ସର୍କୁଲାର ରଦ୍ଦ କରି ଟେଣ୍ଡର ମୂଲ୍ୟକୁ ୦.୦୦% ପ୍ରତିଶତରୁ କମ୍ ନ କରିବା ପାଇଁ ନୂତନ ଆଇନ ପ୍ରଣୟନ, ଏସ୍‌ଓଆର୍ ସ୍ଥିରୀକରଣ, ଟେଣ୍ଡର ସୀମା ବୃଦ୍ଧି, ଏକ ରାଜ୍ୟ ଏକ ଆଇନ, ଖଣିଜ ଦ୍ରବ୍ୟ ସମସ୍ୟା, ଜରିମାନା ଛାଡ଼, *(ଶେଷ ପୃଷ୍ଠା ଦେଖନ୍ତୁ)*

## ଜମି ହେଲାଣି ବେଶାବଣ: ଚାଷୀ ହେଉଛନ୍ତି ଦାଦନମୁହାଁ

**କେନ୍ଦ୍ରାପଡ଼ା, ୧୩।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ଧାନ ଗଣ୍ଡାକୁ ଛାଡ଼ିଦେଲେ କୃଷି କ୍ଷେତ୍ରରୁ ଆଉ ସେପରି କୌଣସି ଆଖିଦୃଶିଆ ଭାବେ ଖାଦ୍ୟ ଶସ୍ୟ, ତୈଳବୀଜ, ପନିପରିବା, ଫୁଲ, ଫଳ ମାଛ, ଅଣ୍ଡା ଆଦି ଉତ୍ପାଦିତ ହେଉନାହିଁ । ଏହି ସବୁ ଆବଶ୍ୟକତା ପୂରଣ ପାଇଁ ରାଜ୍ୟବାସୀଙ୍କୁ ପଡ଼ୋଶୀ ରାଜ୍ୟ ଓ ଏପରିକି ଅନ୍ୟ ଦେଶ ଉପରେ ନିର୍ଭର କରିବାକୁ ପଡୁଛି । କୃଷିକ୍ଷେତ୍ରର ପ୍ରକୃତ ବିକାଶକୁ ଅଣଦେଖା କରାଯିବା ଫଳରେ କୃଷି ପ୍ରତି ଲୋକେ ବିମୁଖ ହେବାରେ ଲାଗିଛନ୍ତି । କିନ୍ତୁ ରାଜ୍ୟବ୍ୟାପି କୃଷି ଉତ୍ପାଦନ ବୃଦ୍ଧି ଓ କୃଷକଙ୍କ ବିକାଶ କ୍ଷେତ୍ରରେ ପାରିଦର୍ଶିତା ପ୍ରଦର୍ଶନ ପାଇଁ ଡ଼ିଣ୍ଡିମ ପିଟୁଥିଲେ ମଧ୍ୟ ରାଜ୍ୟର କୃଷିକ୍ଷେତ୍ରର ଏହି ରହସ୍ୟାବୃତ ବୃହତ୍ ବ୍ୟବଧାନ ପଛରେ ପ୍ରକୃତରେ କ'ଣ କାରଣ ରହିଛି ତାକୁ ନେଇ କେହି କେବେ କେବେ ବିତର୍କ କଲେ ନାହିଁ । ତେବେ ଶିଳ୍ପ *(ଶେଷ ପୃଷ୍ଠା ଦେଖନ୍ତୁ)*






# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୪ ଫେବୃଆରୀ ୨୦୨୬ । ଶନିବାର




## ଲୁଟେରାଙ୍କୁ କାବୁ କଲେ ଗ୍ରାମବାସୀ

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଏହି ଜିଲ୍ଲାର ଆଗରପଡା ଥାନା ଅଧିନ ଆଡିଆ ଠାରେ ଅପେରା ଚାଲିଥିବା ବେଳେ ଏହାର ସୁଯୋଗରେ ଚୋରି ଉଦ୍ୟମ ହୋଇଛି । ଗ୍ରାମର ନିରଞ୍ଜନ ମଲ୍ଲିକ୍ ପରିବାର ଲୋକେ ଯାତ୍ରା ଦେଖିବାକୁ ଯାଇଥିବା ବେଳେ ବିଳମ୍ବିତ ରାତ୍ରରେ ପୁଅ ଆଶୁତୋଷ ଘର ଆଡେ ବୁଲି ଯାଇଥିଲେ। ଉକ୍ତ ସମୟରେ ତିନିଜଣ ଲୁଟେରା ଦୌଡି ପଳାଇ ଯିବା ବେଳେ ଆଶୁତୋଷ ଜଣଙ୍କୁ ଗ୍ରାମବାସୀଙ୍କ ସହଯୋଗରେ କାବୁ କରି ନେଇଥିଲେ। ଲୁଟେରାଙ୍କ ଆକ୍ରମଣରେ ଆଶୁତୋଷ ଆହତ ହୋଇଥିଲେ। ଧରାପଡିଥିବା ଲୁଟେରାଙ୍କ ଘର ଭଣ୍ଡାରିପୋଖରୀ ଥାନା ଅଧିନ କଣ୍ଟିମଣିବାଜ ଗ୍ରାମର ସୀତାଂଶୁ ବେହେରା ଓରଫ ଲିଟୁ ବୋଲି ଜଣାପଡିଛି । ଲୁଟେରାମାନେ ଘରର ପଛ ପଟେ ପଶି ଗଡ୍ରେଜ୍ ଭାଙ୍ଗି କାନଫୁଲ, ରୂପା ସାମଗ୍ରୀ ସମେତ ଲକ୍ଷାଧିକ ଟଙ୍କା ଲୁଟ୍ କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୋଲିସ୍ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଏଥିରେ ସଂପୃକ୍ତ ବନ୍ତ ଥାନା ଅଧିନ ସାହାଡାଗଡିଆ ଗ୍ରାମର ପ୍ରଫୁଲ୍ ଜେନା, ନିରଞ୍ଜନ ଜେନା ଓ ଦେବାଶିଷ ରାଉତଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଚଳାଇଛି।

## ଚକ୍ରାନ୍ତକରି ବସ୍ ପରମିଟ ହାତେଇବା ଅଭିଯୋଗ

**ଜୟପୁର: ଏକ୍ସପ୍ରେସ ନ୍ୟୁଜ୍**

ମା'ଜଗତ ଜନନୀ ଘରୋଇ ବସ ମାଲିକ ସଂଘର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ରାୟ ସମ୍ପାଦକ ବିଏସଆର ସେନାପତି, ଉପ ସଭାପତି ଅଜୟ ରାଉତ ତିରୁପତି ପାଣିଗ୍ରାହୀ ଫିରୋଜ ତୁରୁକ ପ୍ରମୁଖ ଏକ ସାମ୍ବାଦିକ ସମ୍ମିଳନୀରେ ଜୟପୁର ଘରୋଇ ବସ ମାଲିକ ସଂଘ ସମ୍ପାଦକ, ପରିବହନ କମିଶନର, କୋରାପୁଟ ଜିଲ୍ଲାପାଳ, ପିଡି ଡୁଡ଼ା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୁଦ୍ଧରେ ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ୪୦୧୬/୨୦୨୬ ଅନୁଯାୟୀ ଏକ ମୋକଦ୍ଦମା ରୁଜୁ କରାଯାଇଛି ଏହା ସହ ଅନ୍ୟାନ୍ୟ ଅଭିଯୋଗ ହୋଇଛି। ଏଥିରେ ଦର୍ଶାଯାଇଛି ଯେ, ଚିକିତ୍ସା ପ୍ରମାଣ ପତ୍ର ଦେଇ ସେହି ସମୟରେ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ବସ୍ ପାଇଁ ରୁଟ ପରମିଟ ହାତେଇବା, ପ୍ରାଇଭେଟ୍ ବସଷ୍ଟାଣ୍ଡର ଦୋକାନ ଗୃହ ଗୁଡ଼ିକ ପୌର ପରିଷଦ ଆବଣ୍ଟନ ନକରିବା, ବସଷ୍ଟାଣ୍ଡ ପାର୍କିଂ ଫି' ପୌରରେ ଜମା ନକରିବା, ବିନା ନିର୍ବାଚନରେ ଘରୋଇ ବସ ମାଲିକ ସଂଘର ଜୋନ ୧୧ର ଉପ ସଭାପତି ଭାବେ ନିଜକୁ ଘୋଷିତ କରିବା ଇତ୍ୟାଦି ରହିଛି ବୋଲି ଅଭିଯୋଗ କରିଛନ୍ତି।

ଘରୋଇ ବସ ମାଲିକ ସଂଘର ସମ୍ପାଦକ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ଯିଏ ନିଜ ପରିଜନଙ୍କୁ ଠକାମି କରିବାରେ ଜେଲ ପଠାଇ ଥିଲେ ସେ କରିଥିବା ଅଭିଯୋଗର କେତେ ସତ୍ୟତା ରହିଥିବ ସାଧାରଣରେ ଏକ ସମୀକ୍ଷା କରିବା ଦରକାର।

## ବିଜେପି ନେତାଙ୍କୁ ଆକ୍ରମଣ



**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ଦୃର୍ବୃତ୍ତଙ୍କ ଧାରୁଆ ଅସ୍ତ୍ରର ଶିକାର ହେଲେ ଚିତ୍ରକୋଣ୍ଡା ବ୍ଲକ ବିଜେପିର ପୂର୍ବତନ ମଣ୍ଡଳ ସଭାପତି ହେମନ୍ତ ଶଗଡ଼ିଆ। ସୂଚନା ମୁତାବକ ଚିତ୍ରକୋଣ୍ଡାର ପୂର୍ବତନ ସରପଞ୍ଚଙ୍କ ମାଆ ମୃତ୍ୟୁ ବରଣ କରିଥିଲେ। ତେବେ ହେମନ୍ତଙ୍କ ସହ ତାଙ୍କ ସାଙ୍ଗ ମଶାଣିକୁ ଯାଇଥିଲେ, ମଶାଣିରୁ ଫେରିବା ସମୟରେ ଚିତ୍ରକୋଣ୍ଡାରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଛିଡା ହୋଇଥିଲେ। ସେହି ସମୟରେ କିଛି ଅଜଣା ବ୍ୟକ୍ତିଙ୍କ ସହ କିଛି କଥାକୁ ନେଇ କଥା କଟାକଟି ହୋଇଥିଲା। ଏହାର କିଛି ସମୟ ପରେ ସେହି ଦୁଇ ଅଜଣା ବ୍ୟକ୍ତି ସେଠାରେ ପହଞ୍ଚି ହଟାତ ଏକ ଧାରୁଆ ଅସ୍ତ୍ରରେ ହେମନ୍ତଙ୍କ ଉପରେ ଆକ୍ରମଣ କରିଥିଲେ।

ଏଥିରେ ହେମନ୍ତ ଆହତ ହୋଇଥିବା ସହ ତାଙ୍କ ସାଙ୍ଗ ଏହାକୁ ରୋକିବାକୁ ଯାଇ ସେ ମଧ୍ୟ ଆହତ ହୋଇଛନ୍ତି। ତେବେ ଏ ସମ୍ବନ୍ଧରେ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି। ଆହତ ଦୁଇଜଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

## ଚୋରି ମାମଲାରେ ଜଣେ ଗିରଫ

**ଜୟପୁର: ଏକ୍ସପ୍ରେସ ନ୍ୟୁଜ୍**

ଚୋରି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ। ଗିରଫ ଅଭିଯୁକ୍ତ ଜଣକ କୁନ୍ଦୁରା ଥାନା ଅନ୍ତର୍ଗତ ଫୁପୁଗାଁ ନିକଟ ମୁଶଳିଯବା ଗ୍ରାମର ସୁବାସ ହରିଜନ (୨୩)। ପୋଲିସ ସୂଚନା ଅନୁଯାୟୀ, ଗତ ୩୧.୧୨.୨୫ ତାରିଖରେ ଜୟପୁର ଲାଲ ସାହିରେ ଥିବା ଓ୍ୱାର୍କସପରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ଓ କ୍ୟାମେରା ଚୋରି କରିଥିଲେ । ଏନେଇ ଜୟପୁର ଟାଉନ ଥାନାରେ ଗତ ୬.୧.୨୦୨୬ରେ ଓ୍ୱାର୍କସପର ମାଲିକ ଚନ୍ଦନ କୁମାର ସାହୁ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ଜାଣି ପୋଲିସ ଅଭିଯୁକ୍ତକୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ଠାରୁ ୪୦ ହଜାର ନଗଦ ଟଙ୍କା ଓ ଡିଏସଏଲଆର କ୍ୟାମେରାକୁ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ବର୍ତ୍ତମାନ ଜୟପୁର ସହର ପାରାବେଡା ରହୁଥିଲେ। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଟାଉନ ଥାନା ଅଧିକାରି ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି ।

## ହାତୀ ଭୟରେ ଗଛ ଉପରେ ବିତୁଛି ରାତି

**ନୂଆପଡ଼ା: ଏକ୍ସପ୍ରେସ ନ୍ୟୁଜ୍**



ହାତୀ ଭୟ ଯୋଗୁ ରାତି ହେଲେ ଲୋକେ ଗଛ ଉପରେ ଜୀବନ ବିତାଉଛନ୍ତି। ଏଭଳି ଦୃଶ୍ୟ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟ ଭିତରେ ବାସ କରୁଥିବା ଦାତୁନାମା ଗାଁରେ ଦେଖିବାକୁ ମିଳିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ସୁନାବେଡା ପଞ୍ଚାୟତର ୧୦ ନମ୍ବର ଓ୍ୱାର୍ଡ ଦାତୁନାମା ଗାଁରେ ୭ ପରିବାରର ୪୦ଜଣ ସଦସ୍ୟ ବସବାସ କରନ୍ତି। ସେଥିମଧ୍ୟରେ ୧୪ ଜଣ ଶିଶୁ ରହିଛନ୍ତି। ଆବାସ ଯୋଜନାରେ ସାମିଲ ହୋଇ ନ ଥିବାରୁ ପରିବାର ସଦସ୍ୟ ଚାଳ ଛପର କୁଡିଆରେ ରହିଆସୁଥିଲେ। ଗତ ୩ ତାରିଖ ରାତିରେ ୨୭ ଟିକିଆ ହାତୀପଲ ଗାଁକୁ ଆସି ସବୁ ଘର ଭାଙ୍ଗିଦେବା ସହ ଧାନ, ଚାଉଳ ଖାଇ ଜିନିଷପତ୍ର ନଷ୍ଟ କରି ଦେଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଥଇଥାନ ବ୍ୟବସ୍ଥା କରା ନ ଯିବାରୁ ଗାଁ ଲୋକେ ଗଛ ମୂଳେ ଆଶ୍ରୟ ନେଉଛନ୍ତି। ଦିନବେଳା ଗଛ ତଳେ ରହି ରୋଷେଇ କରି ଖାଇବା ସହ ରାତି ହେଲେ ପୁରୁଷମାନେ ଛୋଟ ଛୁଆଙ୍କୁ ସାଙ୍ଗରେ ଧରି ଗଛ ଉପରେ ବସି ରହୁଥିବା ବେଳେ ମହିଳାମାନେ ଗଛ ତଳେ କାଠ ମଞ୍ଚା କରି ବସିରହନ୍ତି। କାଳେ ରାତିରେ ହାତୀ କିମ୍ବା ଅନ୍ୟ ହିଂସ୍ରଜନ୍ତୁ ଆସିଯିବେ ଭାବି ପୁରୁଷ ଲୋକେ ପାଳି କରି ଗାଁ ଚାରି ପାଖରେ ପହରା ଦେଇଥାନ୍ତି। ଗାଁରେ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର, ଜଳ ଯୋଗାଣ ଭଳି ସୁବିଧା ନାହିଁ। ବିଜୁଳି ଆଲୋକ ସାତସପନ। ଫଳରେ ଟାୟାର ଜାଳି ରାତିରେ ପୁରୁଷମାନେ ପହରା ଦେଇଥାନ୍ତି। ଗାଁରେ ୪୦ ଜଣ ସଦସ୍ୟ ରହିଥିବାବେଳେ ସମସ୍ତେ ନିରକ୍ଷର। ହାତୀ ଘର ଭାଙ୍ଗିବା ପରେ ପ୍ରଶାସନ ପକ୍ଷରୁ ତାରପୋଲିନ କୁଡିଆ କରି ରହିବା ବ୍ୟବସ୍ଥା କରାଯିବ ବୋଲି କୁହାଯାଇଥିଲା। ହେଲେ ୧୦ଦିନ ବିତିଯାଇଥିଲେ ମଧ୍ୟ କୌଣସି ସୁବିଧା କରାଯାଇନାହିଁ। ଗାଁ ଲୋକଙ୍କ ଜମି କିମ୍ବା ଘରଡିହ ପଟ୍ଟା ନଥିବାରୁ କୌଣସି ସରକାରୀ ସୁବିଧା ପାଇବାରୁ ବଞ୍ଚିତ ଅଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସଂକ୍ରାନ୍ତରେ ସୁନାବେଡ଼ା ଅଭୟାରଣ୍ୟ ବନଖଣ୍ଡ ଅଧିକାରୀ ସମୀର ସାହୁଙ୍କୁ ପଚାରିବାରୁ ଦାତୁନାମା ଗାଁକୁ ହାତୀ ଆସି ସବୁ ଘରକୁ ଭାଙ୍ଗି ଧୂଳିସାତ କରିଦେଇଛି। ସେମାନଙ୍କୁ ସୁନାବେଡା ଅଭୟାରଣ୍ୟରୁ ନେଇ ତଳେ କୌଣସି ସ୍ଥାନରେ ଘରଡିହ ପାଇଁ ୪ ଡେସିମିଲ ପଟ୍ଟା ଦେଇ ଆବାସ ଯୋଜନାରେ ସାମିଲ କରାଯାଇ ଥଇଥାନ କରାଯିବ ବୋଲି କହିଥିଲେ।

## ବ୍ରାଉନସୁଗର ଜବତ, ୩ଗିରଫ

**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**

ବ୍ରାଉନସୁଗର କାରବାର ଅଭିଯୋଗରେ ଆଦର୍ଶ ଥାନା ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ଗୁରୁଜଙ୍ଗ ଦେଓ୍ୱାନ ସାହିର ମନୋଜ କୁମାର ପ୍ରଧାନ ଓରଫ କୁନା, ଗଡଖୋର୍ଦ୍ଧାର ହେମନ୍ତ ପରିଡା ଓରଫ ବର୍ଣ୍ଣି, ମୁକୁନ୍ଦପ୍ରସାଦ କଲେଜ ରୋଡ ହାଡି ସାହିର ଫିରୋଜ ଖାଁ। ପୋଲିସ ଏମାନଙ୍କୁ ଠାରୁ ୧୦ ଗ୍ରାମ ବ୍ରାଉନସୁଗର, ଗୋଟିଏ ମାରୁତି ଇର୍ଟିଗା, ଗୋଟିଏ ପଲସର୍ ବାଇକ୍, ୩ଟି ମୋବାଇଲ, ଗୋଟିଏ ପ୍ଲାଷ୍ଟିକ ଚାମଚ୍, ହଳଦିଆ ପର୍ପଲ୍ ରଙ୍ଗର ପେପର କଟିଙ୍ଗ ବଣ୍ଡଲ। ପୋଲିସ ସୂଚନା ମୁତାବକ ଗୁରୁଜଙ୍ଗ ମହୋଉସ୍ବ ପଡିଆରେ ବ୍ରାଉନସୁଗର କାରବାର କରୁଥିବା ନେଇ ଖୋର୍ଦ୍ଧା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଉକ୍ତ ପଡିଆରେ ଚଢ଼ାଉ କରି ଗିରଫ କରିଥିଲା।

## ସମୀକ୍ଷା ବୈଠକକୁ ଗଣମାଧମ ପ୍ରତିନିଧିଙ୍କୁ ବାରଣ

**ବେତନଟୀ: ଏକ୍ସପ୍ରେସ ନ୍ୟୁଜ୍**

ବେତନଟୀ ବ୍ଲକ ସମ୍ମିଳନୀ କକ୍ଷରେ ବଡ଼ସାହି ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କାର୍ଯ୍ୟର ଏକ ସମୀକ୍ଷା ବୈଠକ ଦଳର ବିଧାୟକ ସନାତନ ବିଜୁଳିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ତାଙ୍କ ବିଧାୟକ କାର୍ଯ୍ୟକାଳ ଅବଧି ବିଗତ ୨୦୧୯ରୁ ୨୦୨୪ ପାଞ୍ଚ ବର୍ଷ ମଧ୍ୟରେ କେବେ କରି ନଥିବାବେଳେ ଏବେ ଆଗକୁ ବେତନଟୀ ଏନଏସି ଓ ୨୦୨୭ରେ ଗ୍ରାପ ନିର୍ବାଚନ ଥିବା ହେତୁ ନିଜ ଭୂତ ନିଜକୁ ଡରାଉ ଥିବାରୁ ଏବଂ ଦ୍ୱିତୀୟ ପର୍ଯ୍ୟାୟ ବିଧାୟକ ହେବାର କୋଡିଏ ମାସ ପରେ ଆୟୋଜିତ କରିଥିବା ବିଜେପି ଦଳ ପକ୍ଷରୁ କର୍ମୀମାନେ ଗଣମାଧମକୁ କହିଛନ୍ତି। କାରଣ ଏହି ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ବେତନଟୀ ଓ ବଡ଼ସାହି ଦୁଇଟି ବ୍ଲକ ଓ ଦୁଇଟି ତହସିଲ ଅଧିନସ୍ଥ ସାଧାରଣ ଲୋକେ ସେମାନଙ୍କ ସାଧାରଣ ମାମୁଲି କାମ ପାଇଁ ଦୌଡି ଦୌଡି ନୟାନ୍ତ ହୋଇ ପଡିଥିବା ଏବଂ କୌଣସି ସରକାରୀ ଅଫିସମାନଙ୍କରେ ପଇସା ନାହିଁ ତ କାମ ନାହିଁ ଯୋଗୁଁ ଲୋକେ ହତାଶ ହେବା ସହିତ ଡବଲ ଇଞ୍ଜିନ ସରକାରଙ୍କ ପ୍ରତି ନକରାତ୍ମକ ଭାବନା ସୃଷ୍ଟି ହୋଇ ଭୋଟର ବିକଳ୍ପ ଖୋଜିବା ଆରମ୍ଭ କରିଥିବା ଯୋଗୁଁ ବିଧାୟକ ନିଜ ଭାବମୂର୍ତ୍ତି ରକ୍ଷା କରିବା ପାଇଁ ସ୍ଥାନୀୟ ଅଧିକାରୀମାନଙ୍କୁ ଏହି ସମୀକ୍ଷା ବୈଠକରେ ତାଗିଦ କରିଥିବା କୁହାଯାଇଛି। ରାସ୍ତା ପିଇବା ପାଣି ସ୍ୱାସ୍ଥ୍ୟ ସାଙ୍ଗକୁ ବିଭିନ୍ନ ଗ୍ରାପର ଲୋକଙ୍କର ବହୁ ପୁରୁଣା ସମସ୍ୟା ସାଧାରଣ ଜନତାଙ୍କ ସ୍ୱାର୍ଥ ରକ୍ଷା ପାଇଁ କରା ନଯାଇ ରାଜନୈତିକ ଦଳୀୟ ଭିତ୍ତିରେ କରାଯାଉ ଥିବା ଯୋଗୁଁ ବିଗତ ସାଢେ ଛଅ ବର୍ଷର ଅବଧି ମଧ୍ୟରେ ଅନେକ ଲୋକଙ୍କର ଅଟକି ରହିଛି। ସାଧାରଣ ଭୋଟରଟିଏ ବିଧାୟକଙ୍କୁ ଭେଟି ନପାରିବା ବିଧାୟକ ଲୋକଙ୍କ ସହିତ ସଂପର୍କ ନରଖିବା ଗଣମାଧମରେ ପ୍ରକାଶ ପାଇ ଆସୁଥିବା ସମସ୍ୟାକୁ ଅଣଦେଖା କରାଯିବା ବାଲିର କଳା ବଜାର ଯୋଗୁଁ ଚଢ଼ା ଦରରେ ବାଲି ମାଫିଆମାନଙ୍କ ଠାରୁ ଗରୀବ ହିତାଧିକାରୀ ଆବାସ ପାଇଁ ବାଲି କିଣି ଘରକାମ ଶେଷ କରି ନ ପାରିବା ଅତି ନିମ୍ନମାନର ରାସ୍ତା ନିର୍ମାଣ କରାଯାଉ ଥିବାଭଳି ଅଭିଯୋଗ ଦାଣ୍ଡରେ ପଡି ହାଟରେ ଗଡୁ ଥିଲେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବା ମଦ ଓ ବିଭିନ୍ନ ପ୍ରକାର ମାଦକ ଦ୍ରବ୍ୟର ବହୁଳ ପ୍ରସାର ସାଙ୍ଗକୁ ଥାନାମାନଙ୍କରେ ଅପରାଧ ସଂଖ୍ୟା ବଢି ଚାଲିଥିବା ସୁପରିକଳ୍ପିତ ହତ୍ୟାକାଣ୍ଡରେ ଆସାମୀ ଧରା ନ ପଡିବା ଭଳି ଅନେକ ଘଟଣା ଓ ଆଇନ ଶୃଙ୍ଖଳା ବିପର୍ଯ୍ୟୟ ଘଟି ଚାଲିଥିବା ସତ୍ତ୍ୱେ ନିୟନ୍ତ୍ରିତ ହୋଇ ନ ପାରିବା ଯୋଗୁଁ ଅସନ୍ତୋଷ କୁହୁଳୁ ଥିବାବେଳେ ଏହି ପ୍ରଶାସନିକ ଅଧିକାରୀମାନଙ୍କୁ ନେଇ ସମୀକ୍ଷା ବୈଠକ କେବଳ ଧର୍ମକୁ ଆଖି ଠାର ବୋଲି କୁହାଯାଇଛି। ସ୍ଥାନୀୟ ବେତନଟୀ କିମ୍ବା ବଡ଼ସାହି ଦୁଇଟି ବ୍ଲକର ଗଣମାଧମର ପ୍ରତିନିଧିମାନଙ୍କୁ ଏହି ବିଧାୟକ ଏହି ସମୀକ୍ଷା ବୈଠକକୁ ନଡାକି ବାସନ୍ଦ କରି ରଖାଯିବା ଯୋଗୁଁ ବିଧାୟକ ଗଣମାଧମକୁ ସାମନା କରିବା ପାଇଁ ଅସମର୍ଥ ବୋଲି କୁହାଯାଇଛି। ଏବେ ପ୍ରତ୍ୟେକ କାମରେ ଦୁଇଟି ଯାକ ବ୍ଲକରେ ବେତନଟୀ ସବ ଡିଭିଜନର ଆରଡି ଓ ପୂର୍ତ୍ତ ବିଭାଗର ପିସି ଆଦାୟ ବଢି ଯାଇଥିବା ସତ୍ତ୍ୱେ ଏହାକୁ ବନ୍ଦ କରାଯିବା ବଦଳରେ ଯୋଜନା ସବୁ ହରିଲୁଟରେ ଚାଲିଥିବା କୁହାଯାଇଛି।

## ମଦ ଜବତ, ଜଣେ ଗିରଫ

**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା କାଲିମେଳା ଥାନା ପକ୍ଷରୁ ଚଢ଼ାଉ କରାଯାଇ ବେଆଇନ ଭାବେ ବିକ୍ରି ହେଉଥିବା ୧୦ ଲିଟର ବିଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରାଯାଇଛି। ସୂଚନା ଅନୁସାରେ, ଭେଙ୍କଟପାଲମ ପଞ୍ଚାୟତ ଅନ୍ତର୍ଗତ ଏମପିଭି - ୬୦ ଗ୍ରାମର ରଞ୍ଜିତ ରାୟ ପାନିମେଟଲା ଗ୍ରାମ ନିକଟରେ ଏକ ଘରେ ମଦ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଥିଲା। କାଲିମେଳା ପୋଲିସ ଦ୍ୱାରା ଉକ୍ତ ଘରେ ଚଢ଼ାଉ କରାଯାଇ ସେଠାରୁ ୧୫ଟି କିଙ୍ଗ ଫିସର ବିୟର (୧୦) ଲିଟର ବିଦେଶୀ ମଦ ଜବତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏ ନେଇ କାଲିମେଳା ଥାନା ୨୯/୨୬ ସେକ୍ସନ ୫୨(ଏ) ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା କାଲିମେଳା ଥାନା ଅଧିକାରୀ ପ୍ରଭୁ ଦତ ବିଶ୍ୱାଳ ସୂଚନା ଦେଇଛନ୍ତି ।

## ବାଣିଜ୍ୟ

## ଲିଡ୍ ବ୍ୟାଙ୍କ ଯୋଜନାର ଡ୍ରାଫ୍ଟ ସର୍କୁଲାର ଉପରେ ସାଧାରଣ ମତାମତ ଲୋଡିଛି ଆରବିଆଇ

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**




ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଶୁକ୍ରବାର ଦିନ ଲିଡ୍ ବ୍ୟାଙ୍କ ଯୋଜନାର ସଂଶୋଧିତ ନିର୍ଦ୍ଦେଶାବଳୀ ଉପରେ ସାଧାରଣ ମତାମତ ଆମନ୍ତ୍ରଣ କରି ଏକ ଡ୍ରାଫ୍ଟ ସର୍କୁଲାର ଜାରି କରିଛି, ଯାହା ମାର୍ଚ୍ଚ ୬ ସୁଦ୍ଧା ଦାଖଲ କରାଯାଇପାରିବ। ଫେବୃଆରୀ ୬ ତାରିଖରେ, ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଘୋଷଣା କରିଥିଲେ ଯେ, ବିକାଶମୂଳକ ଏବଂ ନିୟାମକ ନୀତି ବିବୃତ୍ତିର ଅଂଶ ଭାବରେ, କାର୍ଯ୍ୟକ୍ଷମ ଦିଗଗୁଡ଼ିକୁ ସରଳ କରିବା ପାଇଁ ଲିଡ୍ ବ୍ୟାଙ୍କ ଯୋଜନାର ସଂଶୋଧିତ ନିର୍ଦ୍ଦେଶାବଳୀ ଶୀଘ୍ର ଜାରି କରାଯିବ। ଆରବିଆଇ ବିବୃତ୍ତି ଅନୁଯାୟୀ, ସଂଶୋଧିତ ନିର୍ଦ୍ଦେଶାବଳୀ ଯୋଜନାର ଉଦ୍ଦେଶ୍ୟଗୁଡ଼ିକୁ ପରିଷ୍କାର କରିବା, ଯୋଜନା ଅଧୀନରେ ବିଭିନ୍ନ ଫୋରମର ଗଠନ, ସଦସ୍ୟତା ଏବଂ କାର୍ଯ୍ୟସୂଚୀକୁ ପରିଭାଷିତ କରିବା, ପ୍ରମୁଖ ଅଧିକାରୀଙ୍କ ଭୂମିକା ଏବଂ ଦାୟିତ୍ୱକୁ ସ୍ପଷ୍ଟ ଭାବରେ ପରିଭାଷିତ କରିବା ଏବଂ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ଏବଂ ଲିଡ୍ ଜିଲ୍ଲା ପରିଚାଳକ କାର୍ଯ୍ୟାଳୟକୁ ଆହୁରି ମଜବୁତ କରିବା ପାଇଁ ବ୍ୟବସ୍ଥା କରିବା।

ବିବୃତ୍ତିରେ କୁହାଯାଇଛି, 'ଡ୍ରାଫ୍ଟ ସର୍କୁଲାର ଉପରେ ମତାମତ' ଲିଡ୍ ବ୍ୟାଙ୍କ ଯୋଜନାର ଡ୍ରାଫ୍ଟ ସର୍କୁଲାର ଉପରେ ମତାମତ' ବିଷୟ ଲାଇନ ସହିତ ଇମେଲ୍ ମାଧ୍ୟମରେ ଦାଖଲ କରାଯାଇପାରିବ। ମତାମତ ଦାଖଲ କରିବାର ଶେଷ ତାରିଖ ହେଉଛି ମାର୍ଚ୍ଚ ୬, ୨୦୨୬।' ଡିସେମ୍ବର ୧୯୬୯ରେ ଆରବିଆଇ ଦ୍ୱାରା ଲିଡ୍ ବ୍ୟାଙ୍କ ଯୋଜନା ଆରମ୍ଭ କରାଯାଇଥିଲା। ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ବିଭିନ୍ନ ଫୋରମ୍ ମାଧ୍ୟମରେ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବିକାଶ ଏଜେନ୍ସିଗୁଡ଼ିକର କାର୍ଯ୍ୟକଳାପକୁ ସମନ୍ୱିତ କରିବା ଯାହା ଦ୍ୱାରା ପ୍ରାଥମିକତା କ୍ଷେତ୍ର ଏବଂ ଅନ୍ୟାନ୍ୟ କ୍ଷେତ୍ରକୁ ବ୍ୟାଙ୍କ ଆର୍ଥିକ ପ୍ରବାହ ବୃଦ୍ଧି କରାଯାଇପାରିବ ଏବଂ ଗ୍ରାମୀଣ କ୍ଷେତ୍ରର ସାମଗ୍ରିକ ବିକାଶରେ ବ୍ୟାଙ୍କଗୁଡ଼ିକର ଭୂମିକାକୁ ପ୍ରୋତ୍ସାହିତ କରାଯାଇପାରିବ। ଜିଲ୍ଲାରେ କାର୍ଯ୍ୟକଳାପ ସମନ୍ୱୟ କରିବା ପାଇଁ, ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କକୁ ଜିଲ୍ଲା ଲିଡ୍ ବ୍ୟାଙ୍କର ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଋଣ ପ୍ରତିଷ୍ଠାନ ଏବଂ ସରକାରଙ୍କ ପ୍ରୟାସକୁ ସମନ୍ୱିତ କରିବାରେ ଲିଡ୍ ବ୍ୟାଙ୍କ ନେତୃତ୍ୱ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ଆର୍ଥିକ କ୍ଷେତ୍ରରେ ଅନେକ ପରିବର୍ତ୍ତନକୁ ଦୃଷ୍ଟିରେ ରଖି, ଲିଡ୍ ବ୍ୟାଙ୍କ ଯୋଜନାକୁ ଶେଷ ଥର ପାଇଁ ୨୦୦୯ ରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଏକ ଉଚ୍ଚସ୍ତରୀୟ କମିଟି ଦ୍ୱାରା ସମୀକ୍ଷା କରାଯାଇଥିଲା।

ଉଚ୍ଚସ୍ତରୀୟ କମିଟି ବିଭିନ୍ନ ଅଂଶୀଦାର- ରାଜ୍ୟ ସରକାର, ବ୍ୟାଙ୍କ, ବିକାଶ ପ୍ରତିଷ୍ଠାନ, ଶିକ୍ଷାବିତ୍, ଏନଜିଓ ଏବଂ ଏମ୍ଆଇଏଫ୍ଆଇ, ଅନ୍ୟମାନଙ୍କ ସହିତ ବ୍ୟାପକ ଆଲୋଚନା କରିଥିଲା ଏବଂ ଏହି ନିଷ୍ପତ୍ତି ନେଇଥିଲା ଯେ ଏହି ଯୋଜନା ଶାଖା ବିସ୍ତାର, ଜମା ସଂଗ୍ରହ ଏବଂ ପ୍ରାଥମିକତା କ୍ଷେତ୍ରଗୁଡ଼ିକୁ, ବିଶେଷକରି ଗ୍ରାମୀଣ ଏବଂ ଅର୍ଦ୍ଧ-ସହରୀ ଅଞ୍ଚଳରେ ଋଣ ପ୍ରଦାନ କରିବାର ଏହାର ପ୍ରାଥମିକ ଉଦ୍ଦେଶ୍ୟ ହାସଲ କରିବାରେ ସହାୟକ ହୋଇଛି। ଏହି ଯୋଜନାକୁ ଜାରି ରଖିବା ଆବଶ୍ୟକ ବୋଲି ବ୍ୟାପକ ସହମତି ଥିଲା। କମିଟିର ସୁପାରିଶ ଆଧାରରେ, ଏସଏଲବିସି ସଂଯୋଜକ ବ୍ୟାଙ୍କ ଏବଂ ଲିଡ୍ ବ୍ୟାଙ୍କଗୁଡ଼ିକୁ ଏହାର କାର୍ଯ୍ୟାନ୍ୱୟନ ପାଇଁ ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା। ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି, ଲିଡ୍ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦିଆଯାଇଥିଲା ଯେ ଲିଡ୍ ବ୍ୟାଙ୍କ ଯୋଜନା କାର୍ଯ୍ୟକାରୀ କରିବାରେ ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ଅଧିକ ନିକଟରୁ ଜଡିତ ହୁଅନ୍ତୁ। ସୂଚନା ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି ଏବଂ ରଣନୀତିକ ଯୋଜନାରେ ସେମାନଙ୍କର ବିଶେଷଜ୍ଞତା ଆଣି ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ଅଧିକ ସକ୍ରିୟ ଭାବରେ ଜଡିତ ହେବା ଉଚିତ। ସେମାନଙ୍କୁ ଜିଲ୍ଲା ଋଣ ଯୋଜନା ପ୍ରସ୍ତୁତି ଏବଂ କାର୍ଯ୍ୟାନ୍ୱୟନରେ ମଧ୍ୟ ଜଡିତ କରାଯିବା ଉଚିତ।

## ବକେୟା ପାରିଶ୍ରମିକ ଦାବିରେ ଧାରଣା

**ସାକ୍ଷୀଗୋପାଳ: ଏକ୍ସପ୍ରେସ ନ୍ୟୁଜ୍**




ପୁରୀ ଜିଲ୍ଲା ସତ୍ୟବାଦୀର ସମସ୍ତ ଉଦ୍ୟାନ ବିଭାଗରେ ନିୟୋଜିତ ଥିବା ସମସ୍ତ ଉଦ୍ୟାନ ସାଥୀ ଆଜିକୁ ପ୍ରାୟ (୨୦୨୦ରୁ ୨୦୨୬) ୬ ବର୍ଷ ଧରି ଉଦ୍ୟାନ ବିଭାଗରେ ଚାଲୁଥିବା ସମସ୍ତ ଯୋଜନାକୁ ସଫଳ ଭାବରେ କାର୍ଯ୍ୟକାରୀ ଆସୁଛନ୍ତି। କିନ୍ତୁ ଚଳିତ ବର୍ଷ ଏମ୍‌ଜି ଏନ୍‌ଆର୍ ଇଜିଏ ଯୋଜନା କାର୍ଯ୍ୟକାରୀ ନହେବା ଫଳରେ ଉଦ୍ୟାନ ସାଥୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଉଦ୍ୟାନ ସାଥୀମାନଙ୍କର ସ୍ଥିତି ବହୁତ ଗମ୍ଭୀର ଥିବାରୁ ଉଦ୍ୟାନ ସାଥୀମାନେ ନିଜ ନିଜର ପରିବାର ପ୍ରତିପୋଷଣରେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ୬ ବର୍ଷ ହେଲା ଉଦ୍ୟାନ ବିଭାଗର ସମସ୍ତ ସାଥୀ ସମୟ ବ୍ୟକ୍ତ କରିସାରିବା ପରେ ନିଜ ନିଜର ସ୍ଥିତି ଅସକ୍ଷମ। ଉଦ୍ୟାନ ବିଭାଗରେ ଚାଲୁଥିବା ସମସ୍ତ ଯୋଜନାରେ ଉଦ୍ୟାନ ସାଥୀମାନଙ୍କୁ ନିହୋଜିତ, ତତ୍‌ସହିତ ରାଜ୍ୟ ସରକାର ଉଦ୍ୟାନ ସାଥୀମାନଙ୍କର ବକେୟା ପାରିଶ୍ରମିକ ପ୍ରଦାନ ଓ ଉଦ୍ୟାନ ସାଥୀମାନଙ୍କର ପରିଚୟ ପତ୍ର ପ୍ରଦାନ କରାଗଲେ କର୍ମଚାରୀମାନେ ଚିର ଉପକୃତ ହେବେ ବୋଲି କହିଛନ୍ତି।

## କୃଷି ଋଣ ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ କରିବାକୁ ପଦକ୍ଷେପ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଗ୍ରାମୀଣ (ରାଜ୍ୟ ଓ ଜିଲ୍ଲା କେନ୍ଦ୍ର) ସମବାୟ ବ୍ୟାଙ୍କ ମାଧ୍ୟମରେ କିସାନ କ୍ରେଡିଟ୍ କାର୍ଡ (କେସିସି) ଯୋଜନାକୁ ସୁଦୃଢ଼ କରିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏକ ଡ୍ରାଫ୍ଟ ମାଷ୍ଟର୍ ଡାଇରେକ୍ସନ୍ସ ଜାରି କରିଛନ୍ତି। ଏହାର ନାମ ହେଉଛି ଆରବିଆଇ (ଗ୍ରାମୀଣ ସମବାୟ ବ୍ୟାଙ୍କ - କିଷାନ କ୍ରେଡିଟ୍ କାର୍ଡ (କେସିସି) ଯୋଜନା) ନିର୍ଦ୍ଦେଶାବଳୀ, ୨୦୨୬। ଏହି ଡ୍ରାଫ୍ଟକୁ ଜନସାଧାରଣଙ୍କ ମତାମତ ପାଇଁ ଜାରି କରାଯାଇଛି। ଏଥିରେ ରାଜ୍ୟ ସମବାୟ ବ୍ୟାଙ୍କ (ଏସ୍‌ଟିସି ବିଏସ୍) ଏବଂ କେନ୍ଦ୍ର ସମବାୟ ବ୍ୟାଙ୍କ (ସିସିବିଏସ୍) ପାଇଁ ୬ ବର୍ଷ ମିଆଦର ଏକ କମ୍ପୋଜିଟ୍ କେସିସି ଯୋଜନା ପ୍ରସ୍ତାବ ରଖାଯାଇଛି। ପ୍ରସ୍ତାବିତ ବ୍ୟବସ୍ଥା ଅନୁଯାୟୀ କେସିସି ଏକ କମ୍ପୋଜିଟ୍ ଋଣ ସୁବିଧା ଭାବରେ କାର୍ଯ୍ୟ କରିବ, ଯାହା କୃଷି ଏବଂ ସମ୍ବନ୍ଧିତ କାର୍ଯ୍ୟକ୍ରମ ପାଇଁ ସ୍ୱଳ୍ପକାଳୀନ ଚଳନ୍ତା ପୁଞ୍ଜି ଆବଶ୍ୟକତା ତଥା ଦୀର୍ଘମିଆଦି ନିବେଶ ଋଣ ଆବଶ୍ୟକତାକୁ ଅନ୍ତର୍ଭୁକ୍ତ କରିବ। ଷଷ୍ଠ ବର୍ଷ ପାଇଁ ନିର୍ଦ୍ଧାରିତ ଅଳ୍ପକାଳୀନ ଋଣ ସୀମା ସହିତ ଅନୁମାନିତ ଦୀର୍ଘକାଳୀନ ଋଣ ଅଂଶକୁ ମିଶାଇ କମ୍ପୋଜିଟ୍ ସର୍ବାଧିକ ଅନୁମତିଯୋଗ୍ୟ ସୀମା (ସିଏମ୍‌ପିଏଲ୍) ଗଠନ କରାଯିବ, ଯାହାକୁ ସମଗ୍ର କେସିସି ସୀମା ଭାବରେ ବିବେଚନା କରାଯିବ।

ସମାନତା ଆଣିବା ପାଇଁ ଫସଲ ଋତୁକୁ ମାନକ ରଖାଯାଇଛି। ଅଳ୍ପକାଳୀନ ଫସଲକୁ ୧୨ ମାସର ଋତୁ ଭାବରେ ଏବଂ ଦୀର୍ଘକାଳୀନ ଫସଲକୁ ୧୮ ମାସର ଋତୁ ଭାବରେ ଗଣନା କରାଯିବ। ଋଣ ପରିଶୋଧ ଅବଧି ପ୍ରଯୁଜ୍ୟ ଫସଲ ଋତୁ କିମ୍ବା କାର୍ଯ୍ୟକ୍ରମର ନଗଦ୍ ପ୍ରବାହ ପ୍ୟାଟର୍ନ୍ ସହିତ ସଙ୍ଗତିପୂର୍ଣ୍ଣ ହେବ। ଡ୍ରଇଙ୍ଗ୍ ସୀମା ରାଜ୍ୟସ୍ତରୀୟ ଟେକ୍ନିକାଲ୍ କମିଟି (ଏସଏଲଟିସି) ଦ୍ୱାରା ଜାରି କରାଯାଇଥିବା ଆର୍ଥିକ ପରିମାଣ ଆଧାରରେ ନିର୍ଦ୍ଧାରଣ ହେବ। ଏଥିସହ କୃଷକମାନେ ଫସଲ ଋଣ ପରିମାଣର ୧୦ ପ୍ରତିଶତ ଅମଳ ପରବର୍ତ୍ତୀ ଖର୍ଚ୍ଚ ତଥା ଘରୋଇ ବ୍ୟବହାର ଆବଶ୍ୟକତା ଓ ପରିବାର ଖର୍ଚ୍ଚ ପାଇଁ ଏବଂ ୨୦% ପର୍ଯ୍ୟନ୍ତ କୃଷି ସମ୍ପତ୍ତି ରକ୍ଷଣାବେକ୍ଷଣ, ମାଟି ପରୀକ୍ଷଣ, ଟେକ୍ନୋଲୋଜିକାଲ୍ ସେବା ଏବଂ ଜୈବିକ କିମ୍ବା ଭଲ କୃଷି ଅଭ୍ୟାସ ସାର୍ଟିଫିକେସନ୍ ପାଇଁ ଅଧିକ ଋଣ ପାଇବାକୁ ଯୋଗ୍ୟ ହେବେ। ଯେଉଁଠାରେ ପ୍ରଯୁଜ୍ୟ ହେବ ସେଠାରେ ବୀମା ଅଂଶ ମଧ୍ୟ ସୀମାରେ ଅନ୍ତର୍ଭୁକ୍ତ ହେବ।

ଯୋଜନାଟି ପଶୁପାଳନ, ମତ୍ସ୍ୟ ଚାଷ, ଜଳଚର ଚାଷ, ରେଶମ ଚାଷ, ଲାକ୍ ଚାଷ ଏବଂ ମହୁ ଚାଷ ଭଳି ସମ୍ବନ୍ଧିତ କାର୍ଯ୍ୟକ୍ରମକୁ ଅନ୍ତର୍ଭୁକ୍ତ କରିବା ଜାରି ରଖିବ। ଜମି ବିକାଶ, ଛୋଟ ସିଞ୍ଚନ, ଯନ୍ତ୍ରପାତି କ୍ରୟ ଏବଂ ପଶୁ କ୍ରୟ ପାଇଁ ନିବେଶ ଋଣ ଟର୍ମ୍ ଲୋନ୍ ଅଂଶ ହେବ। ପ୍ରତି ଋଣଗ୍ରହୀତାଙ୍କ ପାଇଁ ୨ ଲକ୍ଷ ପର୍ଯ୍ୟନ୍ତ ବନ୍ଧକ-ମୁକ୍ତ ଋଣ ଜାରି ରହିବ। ଟାଇ-ଅପ୍ ବ୍ୟବସ୍ଥା ଏବଂ ଫସଲ କିମ୍ବା ଷ୍ଟକ୍‌ର ହାଇପୋଥେକେସନ୍ ଥିବା କ୍ଷେତ୍ରରେ ଡ୍ରାଫ୍ଟ ନିୟମ ଅନୁଯାୟୀ ଟ.୩ ଲକ୍ଷ ପର୍ଯ୍ୟନ୍ତ ଋଣ ବନ୍ଧକ ରଖିବାରେ ଛାଡ଼ ଦିଆଯାଇପାରିବ।

ବ୍ୟାଙ୍କଗୁଡ଼ିକୁ କେସିସି ଆକାଉଣ୍ଟରେ ୟୁପିଆଇ (ଚଳନ୍ତା ପୁଞ୍ଜି ଋଣ ପାଇଁ), ଡେବିଟ୍ କାର୍ଡ, ମୋବାଇଲ୍ ବ୍ୟାଙ୍କିଙ୍ଗ୍, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍, ଏନଇ ଏଫଟି, ଆରଟିଜିଏସ, କେନ୍ଦ୍ରୀୟ ବ୍ୟାଙ୍କ ଡିଜିଟାଲ୍ ମୁଦ୍ରା ଏବଂ ଅନ୍ୟ ନିୟନ୍ତ୍ରିତ ଡିଲିଭରୀ ଚ୍ୟାନେଲ୍ ମାଧ୍ୟମରେ କାର୍ଯ୍ୟକାରୀ କରିବାକୁ ଆବଶ୍ୟକ ହେବ, ଯାହା ଆକାଉଣ୍ଟ ଧାରକଙ୍କ ସ୍ପଷ୍ଟ ସମ୍ମତି ସହିତ ହେବ। ଆର୍‌ବିଆଇ କର୍ତ୍ତୃପକ୍ଷ ଏହି ଡ୍ରାଫ୍ଟ ଡାଇରେକ୍ସନ୍ସ ? ଉପରେ ସମ୍ପୃକ୍ତ ପକ୍ଷମାନଙ୍କର ମତାମତ ମାର୍ଚ୍ଚ ୬, ୨୦୨୬ ପର୍ଯ୍ୟନ୍ତ ଆମନ୍ତ୍ରଣ କରିଛନ୍ତି।

## ନାନିଙ୍କ 'ଦି ପାରାଡାଇଜ୍' ସ୍ଥଗିତ




### ସିନେମାଫିନେମା ଟିଭିଫିବି

ନାନିଙ୍କ ବହୁ ପ୍ରତୀକ୍ଷିତ ଆକ୍ସନ୍ ଥ୍ରୀଲର 'ଦି ପାରାଡାଇଜ୍' ସ୍ଥଗିତ ରଖାଯାଇଛି। ନିର୍ମାତାମାନେ ଅଗଷ୍ଟ ୨୧, ୨୦୨୬ରେ ଏକ ନୂତନ ଥିଏଟର ରିଲିଜ୍ ତାରିଖ ଘୋଷଣା କରିଛନ୍ତି। ଫିଲ୍ମଟି ମୂଳତଃ ୨୬ ମାର୍ଚ୍ଚ, ୨୦୨୬ରେ ସିନେମା ଘରେ ଆସିବାକୁ ସ୍ଥିର କରାଯାଇଥିଲା। ଇନଷ୍ଟାଗ୍ରାମରେ ଯାଇ, ଦଳ ବିଳମ୍ବକୁ ନିଶ୍ଚିତ କରିଛି ଏବଂ ଏକ ନୂତନ ରିଲିଜ୍ ପୋଷ୍ଟର ସେୟାର କରିଛି।

'ଆମେ ଶୀଘ୍ର କରିବାକୁ ଚାହୁଁନାହୁଁ। ଏହାକୁ ପ୍ରଦାନ କରିବା ପାଇଁ ଆମକୁ ସମୟ ଆବଶ୍ୟକ। 'ଦିପାରାଡାଇଜ୍ - ୨୧-୦୮-୨୦୨୬' କ୍ୟାପସନରେ ଲେଖାଯାଇଛି, ଯାହା ଫିଲ୍ମଟି ବଡ଼ ପରଦାରେ ଆସିବା ପୂର୍ବରୁ ଆଶା ପୂରଣ କରିବା ପାଇଁ ନିର୍ମାତାଙ୍କ ଉଦ୍ଦେଶ୍ୟକୁ ସୂଚିତ କରୁଛି। ଶ୍ରୀକାନ୍ତ ଓଡେଲାଙ୍କ ନିର୍ଦ୍ଦେଶିତ, 'ଦି ପାରାଡାଇଜ୍' 'ଦସରା'ରେ ସଫଳ ସହଯୋଗ ପରେ ନାନିଙ୍କ ସହିତ ତାଙ୍କର ପୁନର୍ଜନ୍ମକୁ ଚିହ୍ନିତ କରେ, ଯାହାକୁ ୨୦୨୩ରେ ଦର୍ଶକଙ୍କ ଦ୍ୱାରା ଭଲ ଭାବରେ ଗ୍ରହଣ କରାଯାଇଥିଲା।

ଆଗାମୀ ଫିଲ୍ମରେ ନାନି ଧାଗଡ ଭୂମିକାରେ ଅଛନ୍ତି। ଯେତେବେଳେ ଜୁନ୍ ୨୧, ୨୦୨୫ରେ ସୁଟିଂ ଆରମ୍ଭ ହୋଇଥିଲା, ନିର୍ମାତାମାନେ ସେଟ୍‌ରୁ ଏକ ପ୍ରଥମ ଦୃଶ୍ୟ ପ୍ରତିଛବି ଉନ୍ମୋଚନ କରିଥିଲେ, ଯେଉଁଥିରେ ଅଭିନେତା ଚରିତ୍ରରେ ସବୁଜ ଚମଡା ଜୋତା ଏବଂ ଏକ ସ୍ୱତନ୍ତ୍ର ପାଦୁକା ପିନ୍ଧିଥିବା ଦେଖାଯାଇଥିଲା।

ଫିଲ୍ମର କାହାଣୀ ଏକ ସୀମାନ୍ତ ଆଦିବାସୀ ସମ୍ପ୍ରଦାୟ ଉପରେ କେନ୍ଦ୍ରିତ, ଯାହାକୁ ଦୀର୍ଘ ସମୟ ଧରି ମୌଳିକ ଅଧିକାରରୁ ବଞ୍ଚିତ କରାଯାଇଛି। ନ୍ୟାୟ ପାଇଁ ସେମାନଙ୍କର ଲଢେଇ ସେତେବେଳେ ଗତି ପାଏ ଯେତେବେଳେ ଜଣେ ନୂତନ ନେତା ଏକ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରିବାକୁ ଉଠିଲେ ଯାହା ସେମାନଙ୍କୁ ପିଢ଼ି ପିଢ଼ି ଧରି ନିର୍ଯାତିତ କରି ରଖିଛି। ଏହି ସମାହାରରେ ମହିଳା ନାୟକ ଭାବରେ କୟାଦୁ ଲୋହାର, ମୋହନ ବାବୁଙ୍କ ସହିତ, ପ୍ରତିପକ୍ଷ ଭୂମିକାରେ ରାଘବ ଜୁୟାଲ ଏବଂ ସମ୍ପୂର୍ଣ୍ଣେଶ ବାବୁ ପ୍ରମୁଖ ଭୂମିକାରେ ଅଛନ୍ତି। ଅଗଷ୍ଟକୁ ସ୍ଥାନାନ୍ତରିତ ହେବା ଦ୍ୱାରା ରକ୍ଷା ବନ୍ଧନ ଏବଂ ଜନ୍ମାଷ୍ଟମୀ ସମେତ ଏକ ଉତ୍ସବକାଳୀନ ଓ୍ୱିଣ୍ଡୋ ସମୟରେ 'ଦି ପାରାଡାଇଜ୍' ସ୍ଥାନିତ ହୁଏ।

# ଦୟା ଓ ରାଜୁଆ ଶୁଖୁଛି, ପିଲାଙ୍କ ଖେଳପଡ଼ିଆ ପାଲଟିଛି ନଦୀଶଯ୍ୟା



**୧୩।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା କଣାସ ଅଞ୍ଚଳରେ ଏବେଠୁ ପାନୀୟ ଜଳକୁ ନେଇ ଦେଖାଦେଇଛି ହାହାକାର । ଦୟା ଓ ରାଜୁଆରେ ଜଳସ୍ତର କମି ଗଲାଣି । ନଦୀ ଭିତରେ ବାଲିଚର ଫୁଟି ଦିଶୁଛି । ମଲାଗୁଣି, ଲୁଣା ଓ ଦୟାର ଛୋଟଛୋଟ ଶାଖା ନଦୀରେ କେଉଁଠି ପାଦେ ପାଣି ତ ଆଉ କେଉଠି ଆଣ୍ଠୁଏ । ଅନେକ ସ୍ଥାନରେ ନଦୀ ଶଯ୍ୟା ଶୁଖି ଯାଇଥିବାରୁ ଏହା ପିଲାମାନଙ୍କ ଖେଳ ପଡ଼ିଆ ପାଲଟିଛି । ଏଭଳି ସ୍ଥିତିରେ ପିଇବା ପାଣି ପାଇଁ ଲୋକେ ନାହିଁ ନଥିବା କଷ୍ଟ ଭୋଗୁଛନ୍ତି । ଏ ପର୍ଯ୍ୟନ୍ତ ସରକାରୀ ଯୋଜନା ମୁତାବକ ସମସ୍ତ ପରିବାରକୁ ପାଇପ୍ ପାନୀୟ ଜଳ ମିଳିପାରିଲା ନାହିଁ । ତେଣୁ ମାସ ପରେ ଆରମ୍ଭ ହେବାକୁ ଥିବା ଉତ୍କଟ ଗ୍ରୀଷ୍ମ ପ୍ରବାହ ବେଳେ ଲୋକେ କ'ଣ କରିବେ ସେନେଇ ଭାଳେଣୀ ପଡ଼ିଛି । ରାଜୁଆର ଢୋଲପାଟଣା ବ୍ୟାରେଜ୍ ଓ ତିରୁମଲ ନିକଟ ପାଣ୍ଡିଆବିଲି ଦୟା ନଦୀ ଆଡ଼ିବନ୍ଧ ଯୋଗୁ ତଳିଆ ନଦୀ କୂଳିଆବାସୀଙ୍କ ଦୁର୍ଦ୍ଦଶା ବି ଯାଇଛି । ତଳମୁଣ୍ଡକୁ ପାଣି ଆସୁନଥିବାରୁ ନଦୀ ଶୁଖି ଗଲାଣି । କେନାଲ ପାଣି ନଆସିବାରୁ ଧାନ ଓ ପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି ।

ସେପଟେ ଏପରି ସ୍ଥିତିରେ ମେଗା ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ନଦୀ ଜଳସ୍ତର ଓ ଭୂତଳ ଜଳସ୍ତର ହ୍ରାସ ଆଶଙ୍କା ରହିଛି । ତେଣୁ ନଦୀ ପାଣି ଉପରେ ନିର୍ଭରଶୀଳ ୫ ହଜାର ହେକ୍ଟର ଜମିରେ ଚାଷ ପ୍ରଭାବିତ ହେବା ଆଶଙ୍କା କରାଯାଉଛି । ନଦୀ ପାଣି ଉପରେ ରବି ଧାନ, ମୁଗ, ଚିନାବାଦାମ ଓ ପନିପରିବା ଫସଲ ନିର୍ଭରଶୀଳ । ଏନେଇ କଣାସର ଚାଷୀ ରବୀନ୍ଦ୍ର କୁମାର ରାଉତରାୟ କହିଛନ୍ତି, ଜଳ ପ୍ରବାହ ସବୁଦିନିଆ ଜାରି ରଖିବା ନିମନ୍ତେ ଦୟା ମୁହଁରେ (ପାଣ୍ଡିଆବିଲି ନିକଟରେ) କାଜ ନିର୍ମାଣ ହେବା ଦରକାର । ଢୋଲପାଟଣା ବ୍ୟାରେଜ ବନ୍ଧ ମଧ୍ୟ ସାମାନୁପାତିକ ଉଚ୍ଚ ହେବା ଆବଶ୍ୟକ । ଏମିତି ହେଲେ ଅଧିକ ପାଣି କେନାଲ ସହ ଦୟା ଓ ରାଜୁଆକୁ ଗଡ଼ିବ । ଚାଷୀଙ୍କ ସୁବିଧା ନିମନ୍ତେ ରାଜୁଆ ଗେଟ୍ ଖୋଲି ପାଣି ଛାଡ଼ିବା ଆବଶ୍ୟକ । ବ୍ୟାରେଜର ବାମ ପାର୍ଶ୍ୱ କେନାଲରେ ପାଣି ଆସୁନଥିବାରୁ ଗଡ଼ବଡ଼ପୁଟ ଓ ପାଣ୍ଡିଆକେରା ପଞ୍ଚାୟତରେ ଚାଷ ପ୍ରଭାବିତ ହେଉଛି । ଜଳଯୋଗାଣ ଠିକ୍ ପରିଚାଳନା ନହେଲେ ମେଗା ପାନୀୟ ମଧ୍ୟ ପ୍ରଭାବିତ ହେବ । ନଦୀ ଜଳକୁ ପ୍ରଦୂଷଣ ମୁକ୍ତ କରିବା ଜରୁରୀ । ତେଣୁ ତୁରନ୍ତ ଟ୍ରିଟମେଣ୍ଟ ପ୍ଲାଣ୍ଟ ହେବା ଆବଶ୍ୟକ ବୋଲି ସେ କହିଛନ୍ତି । ଜୀବନ ମହାନ୍ତି କହିଛନ୍ତି, କଣାସର ୨୮ ପଞ୍ଚାୟତ ସମେତ ବ୍ରହ୍ମଗିରି ୧୮ ସତ୍ୟବାଦୀର ୧୪ଟି ଗ୍ରାମକୁ ମେଗା ପାଇପ୍ ପାନୀୟ ଜଳ ପ୍ରକଳ୍ପରୁ ଜଳ ଯୋଗାଣ ହେବ । ମେଗା ପ୍ରକଳ୍ପରୁ ପ୍ରତି ପରିବାରକୁ ଦୈନିକ ୭୦ ଲିଟର ପାଣି ଯୋଗାଣ ଲକ୍ଷ୍ୟ ରଖିଛି । କାର୍ଯ୍ୟ ବିଳମ୍ବ ଯୋଗୁ ଲୋକେ ପାଣି ପାଇପାରୁ ନାହାନ୍ତି ।

ଫଳରେ ପନୀୟ ଜଳ ସମସ୍ୟାର ସମାଧାନ ହୋଇପାରୁନି । କଣାସ ଅଞ୍ଚଳରେ ଝାଡ଼ାବାନ୍ତି, ଜଣ୍ଡିସ ଓ ଚର୍ମ ରୋଗ ବ୍ୟାପୁଛି । ଲୋକେ ରୋଗବ୍ୟାଧିରେ ପଡ଼ି ଜୀବନ ହରାଇବା ସହ ଚିକିତ୍ସାଜନିତ ଆର୍ଥିକ କଷ୍ଟ ପାଉଛନ୍ତି । ତେଣୁ ଲୋକଙ୍କ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହେଉ ବୋଲି ସେ କହିଛନ୍ତି । ଏ ସମ୍ପର୍କରେ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ କହିଛନ୍ତି, ମେଗା ପ୍ରକଳ୍ପରେ ଆମେ ୧୨୬ଟି ଗାଁକୁ ଜଳ ଯୋଗାଣ ଯୋଜନା ରହିଛି । ସେଥିରୁ ଏବେ ୨୭ଟି ଗ୍ରାମକୁ ସମ୍ପୂର୍ଣ୍ଣ ଜଳ ଯୋଗାଣ କାର୍ଯ୍ୟକ୍ଷମ ହୋଇଛି । ଆଉ ୭୦ଟି ଗାଁକୁ ଟ୍ରାଏଲ ଚାଲିଛି । ମାର୍ଚ୍ଚ ୩୧ ସୁଦ୍ଧା ୯୬ଟି ଗାଁରେ ପାଣି ପହଞ୍ଚାଇବା ଲକ୍ଷ୍ୟ ରଖିଛି । ଜୁନ ୩୧ ସୁଦ୍ଧା ସବୁ ଗାଁ'କୁ ପାଣି ପହଞ୍ଚିବ । ଖରାଦିନ ପାଇଁ ବଡ଼ାସ, କଖାରୁବସ୍ତ ଆଦି ଜଳକ୍ଲିଷ୍ଟ ପଞ୍ଚାୟତକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ବ୍ୟବସ୍ଥା ହେବ ।

## ଆଜିର ରାଶିଫଳ

| ତାରିଖ | ଶନିବାର– ଦ୍ୱାଦଶୀ |
|---|---|
| ୧୪.୨.୨୦୨୬ | ନକ୍ଷତ୍ର– ପୂର୍ବାଷାଢ଼ା, ଧନୁଚନ୍ଦ୍ର |



| | |
|---|---|
| ମେଷ | : କିଛି ବି ଅଘଟଣ ଘଟିପାରେ । |
| ବୃଷ | : ଯାନବାହନରେ ଆଘାତ ପାଇପାରନ୍ତି । |
| ମିଥୁନ | : ଧନଦ୍ରବ୍ୟ ଲାଭ ହେବ । |
| କର୍କଟ | : ଦ୍ରବ୍ୟପ୍ରାପ୍ତି ଯୋଗ ରହିଛି । |
| ସିଂହ | : ପୁତ୍ରଚିନ୍ତା କଷ୍ଟ ଦେବ । |
| କନ୍ୟା | : ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |
| ତୁଳା | : ସ୍ୱାସ୍ଥ୍ୟରେ ଉନ୍ନତି ହେବ । |
| ବିଛା | : ହତାଶଭାବ ଦେଖାଦେବ । |
| ଧନୁ | : ସୁସମ୍ବାଦ ପ୍ରାପ୍ତି ହେବେ । |
| ମକର | : ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |
| କୁମ୍ଭ | : ଅର୍ଥଲାଭ ଯୋଗ ରହିଛି । |
| ମୀନ | : ବନ୍ଧୁ ଦର୍ଶନ ହେବ । |

## ଛାତ୍ରୀଙ୍କୁ କମେଣ୍ଟ ମାରି ବନ୍ଧା ହେଲା ରୋଡ ରୋମିଓ

**ବାଲିପାଟଣା, ୧୩।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅଞ୍ଚଳରେ କଲେଜ ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ ସହ ଅଶାଳୀନ ବ୍ୟବହାର କରିବା ପଡିଲା ମହଙ୍ଗା । ଗଛରେ ବନ୍ଧା ହେଲା ରୋଡ ରୋମିଓ । ମାଣିକ ସାହିର କିଛି କଲେଜ ଛାତ୍ରୀ କେନାଲ ବନ୍ଧ ରାସ୍ତାରେ ନିମାପଡ଼ା ସ୍ଥିତ ଏକ ଘରୋଇ କୋଚିଙ୍ଗ ସେଣ୍ଟରକୁ ପଢିବାକୁ ଯାଉଥିବା ବେଳେ ପୂର୍ବରୁ ଜଣେ ଯୁବକ ପଦ୍ମପୁର ନିକଟରେ ଲୁଚି ରହିଥିଲା । ଛାତ୍ରୀମାନଙ୍କୁ ଦେଖି ଅଭିଯୁକ୍ତ ଅଶ୍ଳୀଳ ଇଙ୍ଗିତ କରିବା ସହ ଦୁର୍ବ୍ୟବହାର କରିଥିଲା । ଛାତ୍ରୀମାନେ ଚିତ୍କାର କରିବାରୁ ସ୍ଥାନୀୟ ଲୋକ ଘଟଣାସ୍ଥଳରେ ପହଁଞ୍ଚି ଅଭିଯୁକ୍ତକୁ କାବୁ କରିଥିଲେ । ଅଭିଯୁକ୍ତ ନିମାପଡ଼ାର ହେମନ୍ତ ନାୟକକୁ ସ୍ଥାନୀୟ ଲୋକେ ଏକ ଗଛରେ ବାନ୍ଧି ପୋଲିସକୁ ଖବର ଦେଇଥିଲେ । ବାଲିପାଟଣା ଥାନା ପୋଲିସ ଘଟଣାସ୍ଥଳରେ ପହଁଞ୍ଚି ରୋଡ ରୋମିଓକୁ ଥାନାରେ ଅଟକ ରଖିଛି । ତେବେ ଏହି ରୋଡ ରୋମିଓ ବାରମ୍ବାର ଛାତ୍ରୀମାନଙ୍କୁ ଏକୁଟିଆ ଦେଖି ଅଶାଳୀନ ବ୍ୟବହାର କରୁଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି ।

## ୨ ସାଇବର ଠକ ଗିରଫ

**ବଲାଙ୍ଗିର : ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର ସାଇବର ଥାନା ପୋଲିସ କୋଟି କୋଟି ଟଙ୍କାର ସାଇବର ଠକେଇର ପର୍ଦ୍ଦାଫାଶ କରିଛି । ଏ ସଂକ୍ରାନ୍ତରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି । ଗିରଫ ଦୁଇ ଅଭିଯୁକ୍ତ ହେଲେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଚୁଡାପାଲିର ଦେବାଶିଷ କାନ୍ତି ଓ ସୌମ୍ୟ ରଞ୍ଜନ କବାଟ । ସାଧାରଣ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରି ଅଭିନବ ଉପାୟରେ ସାଇବର ଅପରାଧୀମାନେ ଟଙ୍କା ଠକେଇ କରୁଥିଲେ । ପଶ୍ଚିମବଙ୍ଗର ସାଇବର ଠକମାନେ ଏଥିରେ ସମ୍ପୃକ୍ତ ଅଛନ୍ତି । ବଲାଙ୍ଗିର ଏସପି ଅଭିଳାଷ ଜି ଶୁକ୍ରବାର ସାଇବର ଥାନାଠାରେ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି ।

## ଟୋକନ୍ ଥାଇ ବି ବିକିପାରିଲେନି ଧାନ: ଚାଲିଗଲା ଚାଷୀଙ୍କ ଜୀବନ

**ବଲାଙ୍ଗିର, ୧୩।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର: ବଲାଙ୍ଗିର ଜିଲାରେ ଚାଷୀଙ୍କ ସମସ୍ୟା ସୁଧୁରିବା ନାଁ ଧରୁ ନାହିଁ । ଖରିଫ ଧାନ ବିକ୍ରି ପୂର୍ବରୁ ପ୍ୟାକ୍ସରେ ପଞ୍ଜୀକୃତ ଚାଷୀଙ୍କ ମୃତ୍ୟୁ ପରେ ଟୋକନ ମିଳିଥିଲେ ହେଁ ପରିବାର ଲୋକେ କଷ୍ଟ ଉପାର୍ଜିତ ଧାନ ପ୍ୟାକ୍ସରେ ବିକ୍ରି କରି ନ ପାରି କ୍ଷତିଗ୍ରସ୍ତ ହୋଇଛନ୍ତି । ଟୋକନ ଅବଧି ସରିଯିବା ପରେ ବାଧ ହୋଇ କମ୍ ଦରରେ ଦଲାଲ ହାତରେ ଟେକି ଦେଇ ୨.୫ ଲକ୍ଷ ଟଙ୍କା କ୍ଷତି ସହିଥିବା ଅଭିଯୋଗ ହୋଇଛ । ଆଗଲପୁର ବ୍ଲକ ବକଟି ଗାଁରେ ଏଭଳି ଏକ ଘଟଣା ଘଟିଥିବା ଲୋକଲୋଚନକୁ ଆସିଛି । ଏହାକୁ ନେଇ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି ।

ପ୍ରକାଶ ଯେ ବକଟି ଗାଁର ବିପିନ ବିହାରୀ ହୋତାଙ୍କ ପୁଅ ସୁଧାଂଶୁ ଶେଖର ହୋତା(୪୭) ପ୍ରାୟ ୧୦ ଏକର ଧାନ ଚାଷ କରିଥିଲେ । ୧୮୦ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ନିର୍ଦ୍ଧାରିତ ସମୟରେ ବକଟି ପ୍ୟାକ୍ସରେ ପଞ୍ଜୀକରଣ କରିଥିଲେଛ ଗତ ଅଗଷ୍ଟ ୧୧ରେ ହୃଦଘାତରେ ସୁଧାଂଶୁଙ୍କ ପରଲୋକ ହୋଇଯାଇଥିଲା । ଶୁଦ୍ଧିକ୍ରିୟା ପରେ ପରିବାର ଲୋକେ ଅମଳ ଧାନ ବିକ୍ରି ପାଇଁ ବକଟି ପ୍ୟାକ୍ସ ସମ୍ପାଦକଙ୍କ ଦ୍ୱାରସ୍ଥ ହୋଇଥିଲେ । ଟୋକନ ଆସିବା ପରେ ପ୍ୟାକ୍ସରେ ଧାନ ବିକ୍ରି କରିପାରିବେ ବୋଲି କୁଆଡ଼େ ପ୍ୟାକ୍ସ ସମ୍ପାଦକ ବିପିନଙ୍କୁ କହିଥିଲେ । ଇତିମଧ୍ୟରେ ୧୮୦ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ଯୋଗାଣ ବିଭାଗ ପକ୍ଷରୁ ସୁଧାଂଶୁଙ୍କ ନାମରେ ୩ଟି ଟୋକନ ଆସିଥିଲା । ପ୍ୟାକ୍ସରେ ବ୍ୟବସ୍ଥା ଅନୁଯାୟୀ ମୃତ ଚାଷୀ ସୁଧାଂଶୁଙ୍କ ବାପା ଓ ପତ୍ନୀଙ୍କ ଆଧାର ଯାଞ୍ଚରେ ଧାନ ବିକ୍ରି ପାଇଁ ଅନୁମତି ମିଳି ନ ଥିଲା । ପରିବାର ଲୋକେ ପ୍ୟାକ୍ସ ସମ୍ପାଦକଙ୍କଠାରୁ ଏଆର୍ସିଏସ୍, ଡିଆର୍ସିଏସ୍, ଜିଲା ଯୋଗାଣ ବିଭାଗର ଦ୍ୱାରସ୍ଥ ହୋଇଥିଲେ ।

ଟୋକନ ଅନ୍ୟ ବ୍ୟକ୍ତିଙ୍କ ନାଁରେ ସ୍ଥାନାନ୍ତର ବ୍ୟବସ୍ଥା ନ ଥିବାରୁ ସୁଧାଂଶୁଙ୍କ ନାଁରେ ମିଳିଥିବା ଟୋକନରେ ପରିବାର ଲୋକେ ଧାନ ବିକ୍ରିକରିପାରି ନ ଥିଲେ । ଥରେ ଟୋକନ ଅବଧି ବାତିଲ ହେବା ପରେ ଏହାକୁ ୧୫ ଦିନ ପାଇଁ ଅବଧି ବୃଦ୍ଧି କରାଯାଇଥିଲା । ସମସ୍ୟା ସମାଧାନ ପାଇଁ ମୃତ ଚାଷୀଙ୍କ ପରିବାର ଭୁବନେଶ୍ୱର ଯୋଗାଣ ବିଭାଗ ନିର୍ଦ୍ଦେଶାଳୟର ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ । ତଥାପି ସମସ୍ୟା ସମାଧାନ ନ ହେବାରୁ ଶେଷରେ ବୃଦ୍ଧ ବିପିନ ବିହାରୀ ଓ ମୃତ ଚାଷୀ ସୁଧାଂଶୁଙ୍କ ସ୍ତ୍ରୀ ବାଧ ହୋଇ ନିଜ ବର୍ଷକର ପରିଶ୍ରମ, କଷ୍ଟ ଉପାର୍ଜିତ ୧୮୦ କ୍ୱିଣ୍ଟାଲ ଧାନ ଦଲାଲ ହାତରେ ବିକ୍ରି କରିଥିବା ଅଭିଯୋଗ କରିଛନ୍ତି । ପ୍ୟାକ୍ସରେ ସରକାରୀ ଦର ପ୍ରାୟ ୩୧ଶହ ଟଙ୍କା ହୋଇଥିବା ବେଳେ ପୀଡ଼ିତ ପରିବାର କ୍ୱିଣ୍ଟାଲ ପ୍ରତି ୧୭ରୁ ୧୮ଶହ ଟଙ୍କା ଦରରେ ଦଲାଲ୍ ହାତରେ ଧାନ ଟେକିଦେବାକୁ ବାଧ ହୋଇଥିବାରୁ ପ୍ରାୟ ୨.୫ ଲକ୍ଷ ଟଙ୍କାରୁ ଅଧିକ କ୍ଷତି ହୋଇଥିବା ବିପିନ ବିହାରୀ ଅଭିଯୋଗ କରିଛନ୍ତି ।

## ନିଖୋଜ ଯୁବକଙ୍କ ଶବ ଉଦ୍ଧାର

**ସୋର, ୧୩।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ପୌରପାଳିକା ସମ୍ମୁଖରେ ଥିବା ବଡ ପୋଖରୀରୁ ଜଣେ ନିଖୋଜ ଯୁବକଙ୍କ ଶବ ଉଦ୍ଧାର କରାଯାଇଛ । ସୂଚନା ଅନୁସାରେ ସୋର ଥାନା ମୋବାରକପୁର ଗ୍ରାମର ମନୋଜ କୁମାର ମାଝୀ ଗତ ୯ ତାରିଖରୁ ନିଖୋଜ ଥିଲେ । ଏନେଇ ତାଙ୍କ ମା ସୋର ଥାନାରେ ଅଭିଯୋଗ କରିବା ସହିତ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିଲେ । ଗୁରୁବାର ମଧ୍ୟାହ୍ନରେ ସ୍ଥାନୀୟ ଲୋକେ ମନୋଜକୁ ମାଛ ହାଟ ନିକଟ ବଡ ପୋଖରୀରେ ଭାସୁଥିବାର ଦେଖି ସୋର ପୁଲିସକୁ ଖବର ଦେଇଥିଲେ । ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ସୋର ଅଗ୍ନିଶମ ବିଭାଗର କର୍ମଚାରୀଙ୍କ ସହଯୋଗରେ ମନୋଜର ଶବକୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଏକ ମାମଲା ରୁଜୁ କରିଛି ।

## ବଧୂ ହତ୍ୟା : ଶାଶୁ–ଶଶୁର ଓ ସ୍ୱାମୀଙ୍କୁ ଆଜୀବନ

**ସୋର, ୧୩।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଯୌତୁକ ଜନିତ ବଧୂହତ୍ୟା ପାଇଁ ଶାଶୁ–ଶଶୁର ଓ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ୨୦୧୨ ମସିହାରୁ ଚାଲିଥିବା ଏହି ମାମଲାର ଗୁରୁବାର ପୂର୍ଣ୍ଣଛେଦ ପକାଇଛନ୍ତି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ମୀନାକ୍ଷୀ ଦାଶ। ଗତ ୨୦୧୦ ମସିହାରେ ସୋର ଥାନା ଉଲ୍ଲାସଖଣ୍ଡପୁରର ସ୍ୱପ୍ନା ବାରିକଙ୍କର ସିମୁଳିଆର ସନ୍ତୋଷ ବାରିକଙ୍କ ସହ ବୈଦିକ ରୀତିରେ ବିବାହ ହୋଇଥିଲା । ପରେ ଅଧିକ ଯୌତୁକ ଦାବି କରି ବିଭିନ୍ନ ସମୟରେ ସ୍ୱପ୍ନାକୁ ମାନିସିକ ଓ ଶାରୀରିକ ନିର୍ଯାତନା ଦିଆଯାଇଥିଲା। ଫଳରେ ୨୦୧୨ ମସିହାରେ ସ୍ୱପ୍ନାଙ୍କର ମୃତ୍ୟୁ ହୋଇଥିଲା। ପରିବାର ପକ୍ଷରୁ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହେବା ପରେ ଏହି ମାମଲାକୁ ସରକାରୀ ଓକିଲ ପ୍ରହ୍ଲାଦ ପତି, କାହ୍ନୁଚରଣ ବେହେରା ଓ ରଞ୍ଜନ କୁମାର ସିଂ ଲଢ଼ିଥିଲେ। ଆଜି ଅପରାହ୍ନରେ ସୋର ଅତିରିକ୍ତ ଜିଲ୍ଲା ଜଜ ମୀନକ୍ଷି ଦାଶ ୧୮ ଜଣ ସାକ୍ଷ ପ୍ରମାଣକୁ ଭିକରି ସ୍ୱପ୍ନାଙ୍କ ସ୍ୱାମୀ, ଶାଶୂ ଓ ଶ୍ୱଶୁରଙ୍କୁ ଆଜୀବନ କାରାଦଣ୍ଡାରେ ଦଣ୍ଡିତ କରିଛନ୍ତି।

## ମଝି ରାସ୍ତାରେ ଜଳିଗଲା କାର୍

**ଧର୍ମଶାଳା : ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଷୋହଳ ନମ୍ବର ଜାତୀୟ ରାଜପଥର ସଙ୍କାରିଡିଅ ଫ୍ଲାଏ ଓଭର ବ୍ରିଜ ଉପରେ ଦୁର୍ଘଟଣା । ଏକ ଚଳନ୍ତା କାରରେ ନିଆଁ ଲାଗିଯାଇଛି । ତେବେ ଚାଳକଙ୍କ ଉପସ୍ଥିତି ବୁଦ୍ଧି ଯୋଗୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।

ମିଳିଥିବା ସୂଚନା ଅନୁସାରେ ଓଡି୧୭ପି ୯୭୨୪ ପେଟ୍ରୋଲ କାରଟି କୁଆଖିଆରୁ କଟକ ଅଭିମୁଖେ ଯାଉଥିବା ବେଳେ ଗାଡ଼ିର ସମ୍ମୁଖ ଭାଗରୁ ଧୂଆଁ ବାହାରିଥିଲା । ଏହାପରେ ହଠାତ୍ ଚାଳକ ଗାଡ଼ିଟିକୁ ରଖି ଦୂରକୁ ଦୌଡି ଚାଲିଯାଇ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଖବର ପାଇ କୁଆଖିଆ ରସୁଲପୁର ଅଗ୍ନିଶମ ବାହିନୀ ଅନ୍ୟ ଏକ ସ୍ଥାନରୁ ଫେରୁଥିବା ବେଳେ ଖବର ପାଇ ଯଥା ଶୀଘ୍ର ପହଞ୍ଚିଥିଲେ । ଯାହା ଫଳରେ ନିଆଁ ସମ୍ପୂର୍ଣ ଭାବେ ଲାଗିବା ପୂର୍ବରୁ ନିଆଁକୁ ଆୟତ କରିବାରେ ସଫଳ ହୋଇଥିଲେ । ଗାଡ଼ିରେ ଚାଳକ ଏକା ରହିଥିବା ବେଳେ କାହାର କୌଣସି କ୍ଷତି ହୋଇ ନାହିଁ ।

## ନାରାୟଣପୁରକୁ ଯାତାୟାତ ପାଇଁ ଭରସା ବିଦ୍ୟୁତ୍ ଖୁଣ୍ଟ

**ଅନୁଗୋଳ, ୧୩।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଅନୁଗୋଳ ବ୍ଲକ ବନ୍ତଳା ପଞ୍ଚାୟତରେ ଥିବା ନାରାୟଣପୁର ଗାଁ ଅବହେଳିତ । ଜିଲ୍ଲା ସଦର ମହକୁମାଠାରୁ ମାତ୍ର ୧୫ କିଲୋମିଟର ଦୂରରେ ଥିବା ଏହି ଗାଁ ଉପରେ କାହାର ନଜର ପଡୁନି । କେବଳ ଭୋଟ୍ ବେଳେ ଲୋକଙ୍କୁ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦିଆଯାଉଛି । ସେପଟେ ଗାଁ ନିକଟରେ ଥିବା ନାଳରେ ପୋଲ ନ ଥିବାରୁ ଛାତ୍ରଛାତ୍ରୀମାନେ ବିପଜ୍ଜନକ ଅବସ୍ଥାରେ ବିଦ୍ୟାଳୟକୁ ଯାଉଥିବା ଦେଖିବାକୁ ମିଳିଛି । ଦୁଇଟି ସିମେଣ୍ଟ ବିଦ୍ୟୁତ୍ ଖୁଣ୍ଟ ସେମାନଙ୍କ ଯାତାୟାତର ମାଧ୍ୟମ ପାଲଟିଛି ।

ସୂଚନା ମୁତାବକ, ବନ୍ତଳା ପଞ୍ଚାୟତ ନାରାୟଣପୁରରେ ପ୍ରାୟ ୨୨ ପରିବାର ରହୁଛନ୍ତି । ଏହି ଗାଁ ଛୋଟ ହୋଇଥିବାରୁ ବିଭିନ୍ନ ସମୟରେ ଅବହେଳିତ ହୋଇ ରହିଛି । ଗ୍ରାମବାସୀ ଏ ପର୍ଯ୍ୟନ୍ତ ପକ୍କାରାସ୍ତା ଦେଖି ନଥିବା ବେଳେ ବର୍ଷା ଦିନରେ ଗାଁକୁ ଯିବା ସମ୍ଭବ ହେଉନି । ଅଧିକ ଦୁର୍ଦ୍ଦଶା ଭୋଗୁଛନ୍ତି ଗାଁର ଛାତ୍ରଛାତ୍ରୀ । ନାରାୟଣପୁର ଗାଁରେ ବିଦ୍ୟାଳୟ ନ ଥିବାରୁ ସେମାନେ କୁମୁରିସିଂହା ପଞ୍ଚାୟତ ଗଡ଼ତଇଳା ବିଦ୍ୟାଳୟକୁ ପିବାକୁ ଯାଉଛନ୍ତି । ତେବେ ଯିବା ବେଳେ ଗାଁ ନିକଟରେ ଥିବା ଟାକୁଆ ନାଳ ଛାତ୍ରଛାତ୍ରୀଙ୍କ ପାଇଁ କାଳ ସାଜିଛି । ନାଳରେ ପୋଲ ନିର୍ମାଣ ହେଉ ନ ଥିବାରୁ ବିପଜ୍ଜନକ ଅବସ୍ଥାରେ ୨୫ ଜଣ ଛାତ୍ରଛାତ୍ରୀ ଯାତାୟାତ କରୁଛନ୍ତି । ନାଳରେ ଦୁଇଟି ସିମେଣ୍ଟ ବିଦ୍ୟୁତ୍ ଖୁଣ୍ଟ ପକାଇ ସେଥିରେ ଯାତାୟାତ କରୁଛନ୍ତି । ସାମାନ୍ୟ ଅସାବଧାନତା ହେଲେ ଦୁର୍ଘଟଣାର ଆଶଙ୍କା ରହୁଛି । ନାଳ ଉପରେ ଏକ ପୋଲ ନିର୍ମାଣ ପାଇଁ ବାରମ୍ବାର ଦାବି କରାଯାଉଥିବା ବେଳେ କେହି ଗୁରୁତ୍ୱ ଦେଉ ନ ଥିବା ଗ୍ରାମବାସୀ କହିଛନ୍ତି । ପୋଲ ନିର୍ମାଣ ପାଇଁ ଗାଁର ଜିତୁ ସିଂ, ସୁନିଆ କୁରୁ, ମନୋଜ କୁରୁ, ପ୍ରକାଶ ଗୁରୁ ପ୍ରମୁଖ ଦାବି କରିଛନ୍ତି ।

## ୮ ନମ୍ବର କେନାଲ ଏବେ କମ୍ପୋଷ୍ଟ ଖାତ

**ନିଶ୍ଚିନ୍ତକୋଇଲ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଶ୍ଚିନ୍ତକୋଇଲି ୮ ନମ୍ବର କେନାଲ ଏବେ କମ୍ପୋଷ୍ଟ ଖାତ ପାଲଟିଛି । ଧାନ ଫସଲ ପରେ କେନାଲରେ ପାଣି ବନ୍ଦ ରହିଛି । ସାଧାରଣ ଲୋକେ କେନାଲରେ ଅଳିଆ, ଆବର୍ଜନା ଏପରି ଭାବରେ ପକାଇ ଚାଲିଛନ୍ତି ଯାହାକୁ ଦେଖିଲେ ମନେହୁଏ ଏହା କେନାଲ ନୁହେଁ, କମ୍ପୋଷ୍ଟ ଖାତ । ନିଶ୍ଚିନ୍ତକୋଇଲି ବଜାର ପାର୍ଶ୍ୱ ଅଞ୍ଚଳ ଦେଇ ଯାଇଥିବା ଏହି କେନାଲର ଏଭଳି ଅବସ୍ଥା ସମ୍ପର୍କରେ କେନ୍ଦୁପାଟଣା ଜଳସେଚନ ବିଭାଗର କିଛି ବି କାର୍ଯ୍ୟାନୁଷ୍ଠାନ ନାହିଁ । ନିଶ୍ଚିନ୍ତକୋଇଲି ବଜାର ପାଖ ଅଞ୍ଚଳରେ କେନାଲ ଖୁବ୍ ଦୂଷିତ ଅବସ୍ଥାରେ ଅଛି । ପଚା ମାଛ, କାତି, ଅଣ୍ଡା ଖୋଳ, ଡିସ୍ପୋଜେବଲ୍ ପ୍ଲେଟ୍, ପଚାଫଳ, କଟା ପଇଡ ଆଦି ଅନେକ ଆବର୍ଜନା ଏହି କେନାଲରେ ପଡୁଛି ଯାହା ବୁଦ୍ଧିଜୀବୀମାନଙ୍କୁ ଖୁବ୍ ବ୍ୟଥିତ କରୁଛି । ୮ ନମ୍ବର କେନାଲଟି କେନ୍ଦୁପାଟଣା ଜଳସେଚନ ବିଭାଗ ଅଧୀନରେ ଥିବାବେଳେ ଏହାର ରକ୍ଷଣାବେକ୍ଷଣ ଏବଂ ସୁରକ୍ଷାଦାୟିତ୍ୱ ସେହି ସବଡିଭିଜନର ଅଟେ, ମାତ୍ର କେନାଲର ଏତାଦୃଶ ଦୂଷିତ ଅବସ୍ଥାକୁ ନେଇ ସବଡିଭିଜନର କୌଣସି ଅଧିକାରୀଙ୍କ ଚିନ୍ତିତ ନୁହଁନ୍ତି । କେନାଲର ଏପରି ଅବସ୍ଥାର ପୁନରୁଦ୍ଧାର ଦିଗରେ ପ୍ରଶାସନର ଦୃଷ୍ଟି ପଡିବା ଜରୁରୀ ।

# ବୌଦ୍ଧଧର୍ମ ଓ ବୟନ ଶିଳ୍ପର ଗାଁ ଭାପୁର

**ଢେଙ୍କାନାଳ, ୧୩।୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ଢେଙ୍କାନାଳ ଜିଲ୍ଲାର ଭାପୁର ଅନ୍ତର୍ଗତ ସରାକ ପାଟଣା ଦୀର୍ଘ ୪୦୦ ବର୍ଷଧରି ଏହି ଗ୍ରାମରେ ତନ୍ତୁବାୟ ସଂପ୍ରଦାୟର ଲୋକେ ବସବାସ କରି ଆସୁଛନ୍ତି । ଗାଁଟିର ଗୋଟିଏ ପାର୍ଶ୍ୱରେ ବୋହି ଯାଉଛି ସାପୁଆ ନଦୀ । ସରାକପାଟଣା ଗାଁର ପ୍ରତ୍ୟେକ ପରିବାର ତନ୍ତରେ ଲୁଗା ବୁଣି ପରିବାର ଭରଣପୋଷଣ କରିଥାନ୍ତି । ଘରେ ଘରେ ହସ୍ତତନ୍ତ ଦ୍ୱାରା ବସ୍ତ୍ର ବୟନ ଏବେ ମଧ୍ୟ କରାଯାଏ । ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ସରାକ ପାଟଣାର ୯୮ ପ୍ରତିଶତ ଲୋକ ହେଉଛନ୍ତି ବୌଦ୍ଧ ଧର୍ମାବଲମ୍ବୀ । କାହିଁ କେଉଁ ପ୍ରାଚୀନ କାଳରୁ ସରାକ ସଂପ୍ରଦାୟ(ତନ୍ତୀ)ର କିଛି ପରିବାର ସାପୁଆ ନଦୀର ତୀରରେ ବସତି ସ୍ଥାପନ କରି ହସ୍ତତନ୍ତ ଦ୍ୱାରା ଲୁଗା ବୁଣି ଜୀବିକା ନିର୍ବାହ କରୁଥିଲେ । ସେହି ସରାକ ମାନଙ୍କର ନାମ ଅନୁଯାୟୀ ଏହି ଗ୍ରାମର ନାମ ସରାକପାଟଣା ହୋଇଛି । ସାଧାରଣତଃ ଏହି ଗ୍ରାମରେ ରଂଗଣୀ ସଂପ୍ରଦାୟର ଲୋକେ ଏବେ ବସବାସ କରି ନିଜର କୌଳିକ ବୃତିକୁ ଧରି ରଖିଛନ୍ତି । ପ୍ରାୟ ସମସ୍ତଙ୍କ ଘରେ ଏକାଧିକ ତନ୍ତ ରହିଛି ଓ ପରିବାରର ବୟସ୍କ ଓ ଯୁବକମାନେ ଏହି ହସ୍ତତନ୍ତରେ ଲୁଗା ବୁଣାବୁଣି କରୁଛନ୍ତି । ଏହି ଗ୍ରାମର ମଧ୍ୟସ୍ଥଳରେ ରହିଛି ଏକ ବୁଦ୍ଧ ମନ୍ଦିର । ମନ୍ଦିରରେ ସ୍ଥାପିତ ହୋଇଛି ବୁଦ୍ଧଙ୍କର ପାଷାଣ ପ୍ରତିମା । ଗ୍ରାମର ସମସ୍ତେ ବୌଦ୍ଧ ହୋଇଥିବାରୁ ଏଠାରେ ସମସ୍ତ ଲୋକ ସାକାହାରୀ ଓ ଜନ୍ମମୃତ୍ୟୁ ସଂସ୍କାର ଠାରୁ ଆରମ୍ଭ କରି ସବୁ ସାମାଜିକ ରୀତିନୀତି ବୌଦ୍ଧ ଧାରା ଅନୁଯାୟୀ ଅନୁଷ୍ଠିତ ହୁଏ । ବୈଶାଖ ପୂର୍ଣ୍ଣିମା ବୁଦ୍ଧ ଜୟନ୍ତୀରେ ସରାକପଟଣାରେ ଏକ ବଡ଼ ଉତ୍ସବ ଆୟୋଜିତ ହୋଇଥାଏ । କାହିଁକି, କେଉଁ ପରିସ୍ଥିତିରେ ଏହି ଗ୍ରାମର ଲୋକେ ବୌଦ୍ଧଧର୍ମାବଲମ୍ବୀ ହେଲେ ତାର ସଠିକ ତଥ୍ୟ ନାହିଁ। ମାତ୍ର ଭାରତରୁ ବୌଦ୍ଧଧର୍ମ ବିଲୁପ୍ତ ହୋଇ ଯାଉଥିବାବେଳେ ଢେଙ୍କାନାଳର ଜିଲ୍ଲାର ସରାକ ପାଟଣା ଗାଁର ୯୮ପ୍ରତିଶତ ଲୋକ ବୌଦ୍ଧଧର୍ମକୁ ଧରି ରଖିଛନ୍ତି ତାହା ସମସ୍ତଙ୍କ ପାଇଁ ଏକ ଅନନ୍ୟ ଉଦାହରଣ ନିଶ୍ଚୟ । ବୋଧହୁଏ କେବଳ ଢେଙ୍କାନାଳ ଜିଲ୍ଲା ନୁହେଁ ବରଂ ସମଗ୍ର ରାଜ୍ୟରେ ସରାକପାଟଣା ହେବ ଏକମାତ୍ର ବୌଦ୍ଧ ଧର୍ମର ଗାଁ। ଯାହାକି ଢେଙ୍କାନାଳ ଜିଲ୍ଲାର ସାଂସ୍କୃତିକ ଐତିହ୍ୟର ଏକ ଜ୍ୱଳନ୍ତ ଉଦାହରଣ । ଅତୀତରେ ଏହି ଗ୍ରାମକୁ ଚୀନ, ଜାପାନ, ତିବ୍ବତ ଓ ଶ୍ରୀଲଙ୍କାରୁ ବୌଦ୍ଧ ସନ୍ୟାସୀମାନେ ପରିଦର୍ଶନରେ ଆସିଥିବା କଥା ଗ୍ରାମର ବରିଷ୍ଠ ସଂସ୍କୃତିପ୍ରେମୀ ଜଗବନ୍ଧୁ ସାହୁ ସୂଚନା ଦେଇଥିଲେ । ତନ୍ତରେ ଲୁଗା ବୁଣିବାର ଓ ଏହାର କୌଶଳ ତଥା ବୁଣାକାର ମାନଙ୍କର ଜୀବନ ଜୀବିକା ସଂପର୍କରେ ପଦଯାତ୍ରୀମାନେ ପଚାଶରୁ ଉର୍ଦ୍ଧ୍ୱ ତନ୍ତ ପରିଦର୍ଶନ କରି ସେମାନଙ୍କ ସହିତ ଆଲୋଚନା କରିଥିଲେ ।

## ବିଲୁପ୍ତି ମୁଖରେ ଘରଚଟିଆ ଓ ବାଇଚଢ଼େଇ

**ବାଙ୍କୀ, ୧୩।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଜଳବାୟୁ ପରିବର୍ତ୍ତନ ଓ ପ୍ରାକୃତିକ ପରିବେଶର ସନ୍ତୁଳିତ ନହେବା ଫଳରେ ଦେଶୀ ଚଢ଼େଇ ଘରଚଟିଆ ଓ ବାଇଚଢ଼େଇ ଆସ୍ତେଆସ୍ତେ ବିଲୁପ୍ତି ହୋଇଗଲେଣି । ଏମାନଙ୍କ କିଚିରି ମିଚିରି ଶବ୍ଦ ଗାଁରୁ ସହର ଯାଏଁ ଆଉ ଶୁଭୁନାହିଁ । ଘରଚଟିଆ ପ୍ରାକୃତିକ ପରିବେଶକୁ ସନ୍ତୁଳିତ କରିଥାଏ । ବିଶେଷ କରି ଏହି ଦୁଇ ଚଢ଼େଇ ଗତ ମହାବାତ୍ୟା ୧୯୯୯ ପରଠାରୁ ଲଗାତର ଭାବେ ହ୍ରାସ ପାଉଛି । ପୂର୍ବରୁ ଘରଚଟିଆ ଚାଳଘରେ ବସା ବାନ୍ଧି ରହୁଥିଲେ। ଏବେ ଚାଳଘର ଆସ୍ତେ ଆସ୍ତେ କମିଯିବା ଫଳରେ ଗାଁ ଦାଣ୍ଡରେ କିଚିରି ମିଚିରି ଶବ୍ଦ ଆଉ ଶୁଣିବାକୁ ମିଳୁ ନାହିଁ ବୋଲି ପରିବେଶବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର କହିଛନ୍ତି । ବର୍ତ୍ତମାନ କୀଟ ନାଶକ ଔଷଧ, ରାସାୟନିକ ସାର, କଂକ୍ରିଟ୍ ଘର ନିର୍ମାଣ, ବୃକ୍ଷ କାଟିବା ଫଳରେ ପରିବେଶ ଦୂଷିତ ହେବାରେ ଲାଗିଛି। ତେଣୁ ବାଇଚଢ଼େଇମାନେ ତାଳ ଓ ଖଜୁରୀ ଗଛରେ ବସା ବାନ୍ଧୁଥିଲେ, କିନ୍ତୁ ଏହି ଗଛ ସବୁ କାଟି ଦିଆଯିବାରୁ ଏମାନଙ୍କର ସଂଖ୍ୟା ଆସ୍ତେ ଆସ୍ତେ ଲୋପ ପାଇବାକୁ ବସିଲାଣି । ଏହି ପରିପ୍ରେକ୍ଷୀରେ ପ୍ରକୃତିର ଏହି ଦୁଇଟି ଅନନ୍ୟ କ୍ଷୁଦ୍ର ପକ୍ଷୀକୁ ସୁରକ୍ଷା ଦେବା ସହିତ ବଂଶ ବିସ୍ତାରେ ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ କରିବା ଜରୁରୀ ବୋଲି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରାଣୀବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ପ୍ରକାଶ କରିଛନ୍ତି ।



# କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର କାର୍ଯ୍ୟ ବାଟବଣା

**ଖଣ୍ଡପଡ଼ା, ୧୩।୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ଖଣ୍ଡପଡ଼ା ବ୍ଲକର ରାଣିଛେଲି ପଞ୍ଚାୟତ ଅଧୀନ ଗୋଶିଙ୍ଗନାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ମରାମତି କାର୍ଯ୍ୟ ବାଟବଣା ହୋଇ ଗତ ୨ ବର୍ଷ ହେଲା ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି । ସମୟାନୁକ୍ରମେ ଉକ୍ତ ଡ୍ୟାମଟି ପୋତି ହୋଇ ପଡୁଥିବାରୁ ଡ୍ୟାମର ଜଳଧାରଣ କ୍ଷମତା ହ୍ରାସ ପାଇବାରେ ଲାଗିଛି । ଯାହାକି ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ପ୍ରତିବର୍ଷ ଅନିୟମିତ ବୃଷ୍ଟିପାତ ଯୋଗୁଁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଥିବା ବେଳେ ଚାଷ ବାସ ଓ ପନିପରିବା ଫସଲ ପ୍ରଭାବିତ ହେଉଛ । ତେବେ ନିକଟରେ ଏତେ ବଡ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଥାଇ ମଧ୍ୟ ଠିକଣା ସମୟରେ ତାହା ଚାଷୀମାନଙ୍କ କାର୍ଯ୍ୟରେ ଆସୁ ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଉପରେ ରାଣୀଛେଲି ପଞ୍ଚାୟତ ଅଧୀନ ଗୋହିରିଆପଡା, କଳପଙ୍ଗି, ରାଣିଛେଲି, ମର୍ଦ୍ଦରାଜପ୍ରସାଦ ପ୍ରଭୃତି ଗ୍ରାମର ଶହଶହ ଚାଷୀ ପରିବାରଗୁଡ଼ିକ ସଂପୂର୍ଣ୍ଣ ରୂପେ ନିର୍ଭର କରି ଆସୁଛନ୍ତି । ଉକ୍ତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ନେଇ ବାରମ୍ବାର ଦାବି ପରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ଡ୍ୟାମରୁ ପଙ୍କଉଦ୍ଧାର ସହ ପାର୍ଶ୍ୱସ୍ଥ କେନାଲ ଗୁଡିକର ଆନୁସଙ୍ଗିକ ମରାମତି କାର୍ଯ୍ୟ ଗତ ୨ ବର୍ଷ ତଳେ ଆରମ୍ଭ ହୋଇଥିଲା । ଏଥି ନିମନ୍ତେ ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଅନୁଦାନ ଅର୍ଥ ମଞ୍ଜୁର ହୋଇଥିଲା । ମାତ୍ର କାର୍ଯ୍ୟରେ ନିୟୋଜିତ ଠିକାଦାର ଯେନତେନ ଉପାୟରେ ଅଧା କାର୍ଯ୍ୟ କରି ଛାଡି ଚାଲି ଯାଇଥିବା ଜଣାପଡିଛି । ସମ୍ପୃକ୍ତ ଠିକାଦାର ପ୍ରକଳ୍ପ ଅବବାହିକାରୁ ମାଟି ଉଠାଇ ଟ୍ରିପ ଟ୍ରିପ ମାଟି ଏଣେ ତେଣେ ବିକ୍ରି କରିବାକୁ ନେଇ ସେତେବେଳେ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଅଭିଯୋଗ ଉଠାଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ସେଥିପ୍ରତି ପ୍ରଶାସନ ନତୁବା ବିଭାଗୀୟ କର୍ତ୍ତୃପକ୍ଷ କେହି ହେଲେ ସେହି ସମୟରେ ସେତେଟା ଗୁରୁତ୍ୱ ଦେଇ ନଥିବା ଜଣାପଡିଛି । ତେବେ ସେହିଦିନ ଠାରୁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର କାର୍ଯ୍ୟର ପୂର୍ଣ୍ଣାଙ୍ଗ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ନଦେଇ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି । ଚାଷୀମାନଙ୍କ କଲ୍ୟାଣ ନିମନ୍ତେ ସରକାର ଅନେକ କଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରିଥିଲେ ହେଁ ଖଣ୍ଡପଡ଼ା କ୍ଷୁଦ୍ର ଜଳସେଚନ ବିଭାଗ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଉକ୍ତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ଚତୁର୍ଦ୍ଦିଗକୁ ସଂଯୋଗ କରୁଥିବା କେନାଲ ଗୁଡିକ ଏବେ ମାଟିରେ ପୋତି ହୋଇ ପଡିଥିବା ନଜରକୁ ଆସୁଛି ।

ସେହିପରି ବେଳକୁ ବେଳ ଜଳଭଣ୍ଡାର ପୋତିହୋଇ ପଡୁଥିବା ବେଳେ ଗ୍ରୀଷ୍ମଋତୁରେ ଜଳଭଣ୍ଡାରଟି ପୁରା ଶୁଖିଲା ପଡୁଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଗୋସିଙ୍ଗ ନାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ରାଣୀଛେଲୀ ପଞ୍ଚାୟତବାସୀ ଦାବି କରିଥିବା ବେଳେ ପ୍ରକଳ୍ପ ନିର୍ମାଣରେ ହୋଇଥିବା ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷ, ଜିଲ୍ଲାପ୍ରଶାସନ ଓ ଭିଜିଲାନ୍ସ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି ।

■ ତଥ୍ୟରୁ ଜଣାଯାଇଛି ଗ୍ରାମ୍ୟ ଉନ୍ନୟନ ବିଭାଗ ଆଜିଯାଏ ଖର୍ଚ୍ଚ କରିଛି ମାତ୍ର ୪୪.୦୧ ପ୍ରତିଶତ । ଆଉ ଦୁଇମାସ ଭିତରେ ବିଭାଗ ବାକିତକ ଟଙ୍କା ଖର୍ଚ୍ଚ କରିପାରିବ ତ? ବଜେଟ୍ ଅଟକଳ ଟଙ୍କା ଖର୍ଚ୍ଚ ନହୋଇପାରିଲେ ବଜେଟ୍ କରି ଲାଭ କ'ଣ? ଲୋକଙ୍କର ଏବଂ ରାଜ୍ୟର ଆବଶ୍ୟକତାକୁ ■ ଆଖିରେ ରଖି ହିଁ ବଜେଟ୍ କରାଯାଏ । ଯଦି ବଜେଟ୍ ଟଙ୍କା ଖର୍ଚ୍ଚ ହେବାର ଆବଶ୍ୟକତା ନ ପଡୁଛି ଏଥିରୁ ପ୍ରମାଣିତ ହେଉଛି ରାଜ୍ୟରେ ଲୋକଙ୍କର ■ ଆଉ କୌଣସି ଆବଶ୍ୟକତା ନାହିଁ କିମ୍ବା ସରକାରଙ୍କଠାରୁ ଆଉ କୌଣସି ଆଶା ନାହିଁ, ଲୋକେ ବେଶ୍ ମଉଜରେ ଅଛନ୍ତି ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୧୪ ଫେବୃଆରୀ ୨୦୨୬ | ଶନିବାର


# ଓଡ଼ିଶା ଏକ୍ସପ୍ରେସ୍

## ପକେଟରେ ଟଙ୍କା ଥାଇ ପେଟ ଉପାସ!

ପକେଟରେ ଟଙ୍କା ଥାଇ ଲାଭ କ'ଣ, ଯଦି ପେଟରେ ଭୋକ ରହିଲା ?

ଏହାର କାରଣ କ'ଣ ହୋଇପାରେ ବୋଲି ଆମେ ଅନୁମାନ କରିବା ?

ହଁ, ଏମିତି ବି ହୋଇପାରେ ଘରେ ରୋଷେଇ କରିବାକୁ କେହି ଲୋକ ନଥିବେ କିମ୍ବା ସାମର୍ଥ୍ୟ ନଥିବ ରୋଷେଇ କରିବାର କିମ୍ବା ରୋଷେଇ କରିବାର ମାନସିକତା ନଥିବ କିମ୍ବା ହୋଇପାରେ ଆଖାପାଖରେ ହୋଟେଲ ନଥିବ, ଯେଉଁଠୁ କିଣିକିରି ମଧ୍ୟ ଖାଇ ହୋଇଥାନ୍ତା । ଏମିତି ବି ହୋଇପାରେ, ଭାବିଥିବେ ଟଙ୍କା ଅଛି ବୋଲି କିନ୍ତୁ ପକେଟ୍‌ରେ ନଥିବ । ଯିଏ ଦବ ବୋଲି କହିଥିଲା ସିଏ ଦେଇନି ।

ଏଇଭଳି ଅନେକ କାରଣ ଥାଇପାରେ ଉପାସ ରହିବାର । କିନ୍ତୁ ସବୁଠୁ ଦୁର୍ଭାଗ୍ୟର ବିଷୟ ବୋଲି ଧରାଯିବ ଯଦି ସବୁ ଥାଇ ପେଟ ଉପାସ ରହିଲା ।

ଏତେସବୁ ଉପକ୍ରମଣିକା ଦେବାର ଉଦ୍ଦେଶ୍ୟ ହେଲା- ଖବରରୁ ଜଣାଯାଇଛି ୨୦୨୫-୨୬ ଆର୍ଥିକ ବର୍ଷ ବଜେଟ୍‌ର ୫୦ ପ୍ରତିଶତ ମଧ୍ୟ ଖର୍ଚ୍ଚ ହୋଇନି । ହାତରେ ଆଉ ଦୁଇମାସ ସମୟ ରହିଲା, ଆଉ ୫୦ ପ୍ରତିଶତ ଖର୍ଚ୍ଚ ହୋଇପାରିବ ତ? ବିଗତ ୯ମାସ ଭିତରେ ଖର୍ଚ୍ଚ ହୋଇଛି ମାତ୍ର ୪୭ ପ୍ରତିଶତ । ବଜେଟ୍ ଆକଳନ ୩ କୋଟି ଟଙ୍କା ଛୁଇଁଥିଲା । ଏବେ ପୁଣି ନୂଆ ବଜେଟ୍ ଆସିବାକୁ ଯାଉଛି । ସରକାର ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ନୂଆ ବଜେଟ୍ ଆକଳନ ପ୍ରସ୍ତୁତ କରୁଛନ୍ତି । ଆସନ୍ତା ୧୭ ତାରିଖରୁ ବିଧାନସଭା ଅଧିବେଶନ ଆରମ୍ଭ ହେବା ପରେ ରାଜ୍ୟର ଅର୍ଥମନ୍ତ୍ରୀ ଭାବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ୍ ପ୍ରସ୍ତାବ ଆଗତ କରିବେ । ବଜେଟ୍ ଆକଳନ ଗତବର୍ଷ ବଜେଟ୍ ଆକଳନଠାରୁ ନିଶ୍ଚିତ ଭାବରେ ଅଧିକ ହେବ ବୋଲି ଆଶା କରାଯାଏ । କିନ୍ତୁ ଅର୍ଥ ଆସିବ କେଉଁଠୁ ଓ ଖର୍ଚ୍ଚ ହେବ କେମିତି ସେଇଟା ହିଁ ମୂଳ ପ୍ରଶ୍ନ ।

ଯେକୌଣସି ସାଧାରଣ ଲୋକଟିଏର ମନରେ ପ୍ରଶ୍ନ ଉଠିପାରେ- ବଜେଟ୍ ଅର୍ଥ ଖର୍ଚ୍ଚ ହୋଇପାରୁନି କାହିଁକି? ରାଜ୍ୟ ଲୋକଙ୍କର କ'ଣ ଆଉ କିଛି ଆବଶ୍ୟକତା ନାହିଁ? ଅନେକ ଜାଗାରେ ଗୋଟିଏ ବଖରାରେ ୩-୪ଟି ଶ୍ରେଣୀର ପିଲାଏ ପାଠ ପଢୁଥିବା ସ୍କୁଲ୍ ମଧ୍ୟ ରହିଛି । ଅନ୍ୟପଟେ ବଜେଟ୍ ଟଙ୍କା ଖର୍ଚ୍ଚ ହୋଇପାରୁନି । ଅଧିକାଂଶ ସରକାରୀ ସ୍କୁଲ୍‌ଗୁଡ଼ିକରେ ଶିକ୍ଷକ ଅଭାବ ଲାଗି ରହିଛି । ଏବେଠୁ ପାନୀୟ ଜଳ ସମସ୍ୟା ଦେଖାଦେଲାଣି । ମେଗା ପାନୀୟ ଜଳ ପ୍ରକଳ୍ପ କାମ ଶେଷ ହେବ ଆଉ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବେ, ସେତେ ଦିନ ଯାଏଁ କ'ଣ ପାଣି ନ ପିଇ ବଞ୍ଚି ହେବ? ଯଦି ବଜେଟ୍ ଟଙ୍କା ଖର୍ଚ୍ଚ ନହୋଇ ବଳକା ରହୁଛି ତା'ହେଲେ ଗାଁକୁ ପାଣି ଆସିବା ପୂର୍ବରୁ ଦୁଇ ଚାରିଟା ନଳକୂପ ଖନନ କଲେ କ୍ଷତି କ'ଣ? ପାଇପ୍‌ରେ କ'ଣ ୩୬୫ ଦିନ ପାଣି ଆସିବ ଏହାର କ'ଣ କିଛି ଗ୍ୟାରେଣ୍ଟି ଅଛି? ୨୦୨୭ ସୁଦ୍ଧା ସବୁ ଗ୍ରାମକୁ ପାଇପ୍ ପାଣି ପହଞ୍ଚିବ, ସେତେଦିନ ଯାଏଁ ବିକଳ୍ପ ବ୍ୟବସ୍ଥା ମଧ୍ୟ କରାଯିବା ଦରକାର । ଯଦି ବିଭିନ୍ନ ବିଭାଗରେ ଟଙ୍କା ଅଛି କିନ୍ତୁ ବିନିଯୋଗ ହୋଇପାରୁନି, ଏଥିପାଇଁ ଦାୟୀ କିଏ?

ତଥ୍ୟରୁ ଜଣାଯାଇଛି ଗ୍ରାମ୍ୟ ଉନ୍ନୟନ ବିଭାଗ ଆଜିଯାଏ ଖର୍ଚ୍ଚ କରିଛି ମାତ୍ର ୪୪.୦୧ ପ୍ରତିଶତ । ଆଉ ଦୁଇମାସ ଭିତରେ ବିଭାଗ ବାକିତକ ଟଙ୍କା ଖର୍ଚ୍ଚ କରିପାରିବ ତ?

ବଜେଟ୍ ଅଟକଳ ଟଙ୍କା ଖର୍ଚ୍ଚ ନହୋଇପାରିଲେ ବଜେଟ୍ କରି ଲାଭ କ'ଣ? ଲୋକଙ୍କର ଏବଂ ରାଜ୍ୟର ଆବଶ୍ୟକତାକୁ ଆଖିରେ ରଖି ହିଁ ବଜେଟ୍ କରାଯାଏ । ଯଦି ବଜେଟ୍ ଟଙ୍କା ଖର୍ଚ୍ଚ ହେବାର ଆବଶ୍ୟକତା ନ ପଡୁଛି ଏଥିରୁ ପ୍ରମାଣିତ ହେଉଛି ରାଜ୍ୟରେ ଲୋକଙ୍କର ଆଉ କୌଣସି ଆବଶ୍ୟକତା ନାହିଁ କିମ୍ବା ସରକାରଙ୍କଠାରୁ ଆଉ କୌଣସି ଆଶା ନାହିଁ, ଲୋକେ ବେଶ୍ ମଉଜରେ ଅଛନ୍ତି ।

# ବନବାସ

## ଅଆ-ପଣକିଆ



**ବିଜୟ ଦାସ**

ଏମିତିରେ ବନବାସୀ କହିଲେ ବଣରେ ରହୁଥିବା ଜନଜାତି ଭୂମିପୁତ୍ରମାନଙ୍କୁ ମଧ୍ୟ ବୁଝାଏ । ମୁନିରଷି ଆଦି ସାଧୁସନ୍ଥଙ୍କର ଧ୍ୟାନ ପାଇଁ ବା କୋଳାହଳରହିତ (ସମାଜର) ପ୍ରଶାନ୍ତି ପାଇଁ ବନ ଏକ ସୁନ୍ଦର ସ୍ଥାନ । ସାଂସାରିକ ସୁଖସୁବିଧା ରହିତ ଜୀବନଚର୍ଯ୍ୟା ହେଲେ ମଧ୍ୟ, ଏହା ଏକ ଏକାନ୍ତବାସ । ଶରୀରକୁ ପୀଡ଼ା କିନ୍ତୁ ମନକୁ ଶାନ୍ତି । ଅନ୍ୟପକ୍ଷରେ ସମାଜରୁ ବହିଷ୍କୃତ ବା ବିତାଡ଼ିତ ବ୍ୟକ୍ତିବିଶେଷ ବା ବ୍ୟକ୍ତିସମୂହଙ୍କୁ ମଧ୍ୟ ବନଗାମୀ ହେବାକୁ ପଡ଼େ। ସେମାନେ ମଧ୍ୟ ବନବାସୀ । ବନର ଚଳଣି ଓ ଅପରିଚିତ ଆବହାୱାରେ ଜୀବନ ନିଶ୍ଚେ କଷ୍ଟକର ଲାଗେ । ପୁଣି ବିପଦଶଙ୍କୁଳ ପରିସ୍ଥିତିରେ ଗତି କରିବାକୁ ହୁଏ । କ୍ଷୁଧା ମେଣ୍ଟେଇବା ପାଇଁ ଫଳମୂଳ ଛଡ଼ା ଖାଦ୍ୟଶସ୍ୟର ଅଭାବ ହିଁ ଆହୁରି ଜଟିଳ କରିଦିଏ ଜୀବନଚର୍ଯ୍ୟାକୁ । ଏଠାରେ ବନବାସ ଏକ ଦଣ୍ଡ, ସାମାଜିକ ବର୍ଜନ ଓ ବାଧ୍ୟ ନିର୍ବାସନ ହୋଇଯାଏ । ଆମର ରାମାୟଣ, ମହାଭାରତକୁ ଅନୁଧ୍ୟାନ କଲେ ବନବାସର କଥା ବେଶ୍ ସୁସ୍ପଷ୍ଟ ହୁଏ । ଏହା ଏକ ମୁକ୍ତ ବାତାବରଣରେ ବନ୍ଦୀଜୀବନ । କଳିଯୁଗରେ କଳାପାଣିର ଦଣ୍ଡ ପରି ସେତେବେଳର ବନବାସ ଏକ ଦଣ୍ଡ ।

କୋଦଣ୍ଡଧାରୀ ରାମଚନ୍ଦ୍ର ହୁଅନ୍ତୁ ବା ଗାଣ୍ଡିବଧାରୀ ଅର୍ଜୁନ ହୁଅନ୍ତୁ ସମସ୍ତଙ୍କୁ ଭୋଗିବାକୁ ପଡ଼ିଛି ବନବାସର ଦୁର୍ଦ୍ଦଶା । ସେ ମାତା ସୀତା ହୁଅନ୍ତୁ କି ଦ୍ରୁପଦ ଦୁହିତା ଅଥବା କୁନ୍ତୀମାତା, ସଭିଙ୍କୁ ମଧ୍ୟ ଅନିଚ୍ଛାକୃତ ବନବାସର ସମୟ କାଟିବାକୁ ହୋଇଛି କାଳର କ୍ରୂର ବିଚାରରେ । ଏଠାରେ ବନବାସ ଏକ ଦଣ୍ଡ ହୋଇଥିଲେ ବି ଅନେକ ସଂସ୍କାରର ଘଟଣା ଘଟିଛି । ଅନେକ ଦୁର୍ଘଟଣା ଅଘଟଣ ଭିତରେ ଅମୃତ ମଣିଷ ବିଷ ମଣିଷଙ୍କୁ ନିପାତ କରିଛନ୍ତି । ବନର ସୌନ୍ଦର୍ଯ୍ୟ ଓ ଶାନ୍ତକୋମଳ ବାତାବରଣ ଫେରେଇ ଆଣିବାକୁ, ଅସୁରମାନଙ୍କୁ ଶେଷ କରିବାକୁ ବା ତଡ଼ିବାକୁ ଓ ଶେଷରେ ମୁନିରଷିମାନଙ୍କର ଆଶ୍ରମକୁ ସୁରକ୍ଷିତ ରଖିବାକୁ ଯେଉଁ ଧନୁର୍ଦ୍ଧରମାନେ ପ୍ରୟାସ କରିଥିଲେ, ସମସ୍ତେ କିନ୍ତୁ ବିଧି ପ୍ରେରିତ ।

ବଣଜଙ୍ଗଲ ସଫା କରି ନଗର ସ୍ଥାପନ କରୁଥିବା ଆଜିର ମଣିଷମାନଙ୍କ ପାଇଁ ହୁଏତ କିଛିଟା ଦିଗ୍‌ଦର୍ଶନ ଦେଇପାରେ ଏ ଆଲେଖ୍ୟ । ଜୀବନଜଗତରେ ମଣିଷ ଓ ଜଙ୍ଗଲିଜୀବ ତଥା ଗଛବୃଛର ସୁରକ୍ଷାର ବାର୍ତ୍ତା ହିଁ ଆଜି ସମୟର ଡାକରା । ଏହି ପରିପ୍ରେକ୍ଷୀରେ ରାମାୟଣ ଓ ମହାଭାରତର ଅମୂଲ୍ୟଗାଥା ନିଶ୍ଚେ ମାର୍ଗଦର୍ଶନ କରିବ ଆଜିର ସମାଜକୁ । କହିବା ବାହୁଲ୍ୟ ଏହି ଯେ ଆମେ ପରିବର୍ତ୍ତିତ କରିପାରିବା ଆମର କଳୁଷିତ ସମାଜକୁ, ଅପସାଂସ୍କୃତିକ ପରମ୍ପରାକୁ ଓ ଆସୁରିକ ପ୍ରବୃତ୍ତିକୁ । ଚାଲନ୍ତୁ ରାମାୟଣର ଚଉଦବର୍ଷ ବନବ୍ବାସ ଓ ମହାଭାରତର ଏକ ବରଷର ଅଜ୍ଞାତବାସକୁ ଯିବା ।

### ଚଉଦ ବର୍ଷର ବନବାସ

'ଚଉଦବର୍ଷ' ଉଚ୍ଚାରଣ କଲା ମାତ୍ରେ ହିଁ ତ୍ରେତୟାରେ ଶ୍ରୀରାମଚନ୍ଦ୍ରଙ୍କର ବନବାସ କଥା ମନକୁ ଆସେ । ବିଧି ପ୍ରେରିତ ହେଉ ବା ବିମାତା କୈକେୟୀଙ୍କର ବର ଯାଚନାରୁ ହେଉ, ରାମଚନ୍ଦ୍ର ଯେ ବନବାସ ଯିବେ ତାହାହିଁ ନିର୍ଧାର୍ଯ୍ୟ ଥିଲା । ଏଥକୁ ଭାବି ରାଜାଙ୍କର ଆର୍ଯ୍ୟାବର୍ତ୍ତ ଭ୍ରିମଣ ଥିଲା କି ବନବାସ ଆଳରେ! ହୁଏତ ଏମିତି ହୋଇପାରେ, ଅଯୋଧ୍ୟା ନଗରରୁ ବାହାରି ଦେଶଦଶର ପ୍ରଜାଙ୍କ ସ୍ଥିତି, ଅବସ୍ଥା, ସଂସ୍କୃତି, ଅପସଂସ୍କୃତି, ରହଣିସହଣି ଓ ଚଳଣି ଇତ୍ୟାଦି ବିଷୟରେ ବିସ୍ତୃତ ଅବଗତ ହେବା ପାଇଁ ଯେ ଏକ ସୁଯୋଗ! ସର୍ବୋପରି ଆସୁରିକ ଶକ୍ତିମାନଙ୍କର ବିନାଶ ଓ ରାବଣ ପରି ଦାନର ମୁକ୍ତି ପ୍ରଦାନର ଯେ ବନବାସ ଏକ ମାର୍ଗ ଥିଲା ।

ଅଙ୍ଗେ ନ ଲିଭେଇଲେ ନା କୌଣସି ଦୁଃଖର ଆକଳନ କରିହୁଏ, ନା କୌଣସି ସୁଖର । ଏଥିପାଇଁ ବନବାସ ଏକ ତପସ୍ୟା ସଦୃଶ । ତପସ୍ୱୀ, ମୁନିରଷିମାନଙ୍କର ସାନିଧ୍ୟ ଓ ଜ୍ଞାନଗ୍ରହଣର ପର୍ଯ୍ୟାପ୍ତ ସୁଯୋଗ ପାଇଥିଲେ ଶ୍ରୀରାମ ଏବଂ ନିଜର ଶକ୍ତି ପ୍ରଦର୍ଶନ ଫଳତଃ ଅସୁରମାନଙ୍କର ବିନାଶ କରିଥିଲେ । ସୁଗ୍ରୀବଙ୍କ ସହ ମିତ୍ରତା ଓ ଜାମ୍ବବାନ, ବାନରସେନାଙ୍କ ସହାୟତା ନିଶ୍ଚୟ ବନବାସୀ ପ୍ରାଣୀମାନଙ୍କୁ ଲୋକଲୋଚନକୁ ଆଣିବାର ମଧ୍ୟ ଅଭିପ୍ରାୟ ଥିଲା ତାଙ୍କର । ଶାନ୍ତି ପାଇଁ ସମର୍ଥ୍ୟ ଲୋଡ଼ା ଓ ସାମର୍ଥ୍ୟ ପାଇଁ ସହଭାଗିତା। ପୁନଶ୍ଚ ହନୁମାନଙ୍କ ପରି ଭକ୍ତର ଭେଟ ହେବା ପାଇଁ ଯେ ବନବାସର କ'ଣ ଆବଶ୍ୟକତା ନଥିଲା କି?

ଏଥିରୁ ସ୍ପଷ୍ଟ ଅନୁମେୟ ସ୍ଥଳ ପରିଦର୍ଶନ କରିବା ଏବଂ ପ୍ରଜାଙ୍କ ସୁଖ ଦୁଃଖରେ ସାମିଲ ହେବା ନିଶ୍ଚୟ । ରାଜା, ଶାସକ, ସମ୍ରାଟମାନଙ୍କୁ ସୁଶାସନ କରିବାକୁ ମାର୍ଗ ଦର୍ଶାଏ । ତା'ଛଡ଼ା ନିଜ ରାଜ୍ୟରେ ଲୁକ୍କାୟିତ ସମ୍ପଦକୁ ଆକଳନ କରିବାକୁ ଯେ ପରିଭ୍ରମଣ ନିଶ୍ଚୟ ସାହାଯ୍ୟ କରେ । ଅରାଜକତା, କୁଶାସନ ସେତେବେଳେ ଆସେ, ଯେତେବେଳେ ରାଜା ନିଜେ କୌଣସି କଥା ଅଙ୍ଗେ ନିଭେଇନଥାଏ । ନିଜର ସମ୍ପତ୍ତିକୁ ଠାବ ନକରି ବାହାର ଦୁନିଆର ହାତଟେକା ଅନୁଦାନକୁ ଭରସା କଲେ ରାଜ୍ୟ ବା ଦେଶ ଦରିଦ୍ର ହୁଏ । କିଏ ବନ୍ଧୁ, କିଏ ମିତ୍ର ପୁଣି କିଏ ଶତ୍ରୁ, କିଏ ପ୍ରପଞ୍ଚକ ତାହା ହିଁ ତ ସାମ୍ନାକୁ ଆସେ, ଯେତେବେଳେ ରାଜା ତୃଣମୂଳ ସ୍ତରକୁ ଯାଇ ତର୍ଜମା କରେ ।

କେବଳ ରାଜା ବା ଶାସକ ନୁହେଁ, ପ୍ରତ୍ୟେକ ମଣିଷ ଜୀବନରେ ଗୃହତ୍ୟାଗ ବା ବାସସ୍ଥାନ ବର୍ଜନ କରିବାକୁ ପଡ଼ିଥାଏ ସାମୟିକ ଭାବରେ ହେଉନା କାହିଁକି? ଏହାର ଦୁଇଟି ଦିଗ ଅଛି । ଜ୍ଞାନ ଆହାରଣ କରିବାକୁ ହେଉ ବା ଜ୍ଞାନ ବିତରଣ କରିବାକୁ ହେଉ । ଶକ୍ତି ଅର୍ଜନ କରିବାକୁ ହେଉ ବା ଶକ୍ତି ପ୍ରଦର୍ଶନ କରିବାକୁ ହେଉ । ଏହାକୁ ଆପଣ ବନବାସର ନାଆଁ ଦିଅନ୍ତୁ କି ବିଦେଶ ବାସର ନାମକରଣ କରନ୍ତୁ, ସମୃଦ୍ଧ ସମାଜ ଗଠନ ପାଇଁ ପ୍ରତ୍ୟେଖ ମଣିଷ ମଣିଷ ଭିତରେ ଭାବ ବିନିମୟର ଆବଶ୍ୟକତା ଅଛି। ପୁନଶ୍ଚ ମଣିଷ ସହ ଅନ୍ୟ ପ୍ରାଣୀମାନଙ୍କର, ବୃକ୍ଷରାଜିଙ୍କର ସମ୍ପର୍କର ଦୃଢ଼ତା ବଳିଷ୍ଠ ପୃଥିବୀ ହିଁ ତିଆରି କରିବ । ସ୍ଥାନାନ୍ତର ହେବା ବହିରଣ ନୁହେଁ । ବରଂ ବଳିଷ୍ଠ ହେବାର ପ୍ରକ୍ରିୟା । ଏଥକୁ ଶ୍ରୀରାମଚନ୍ଦ୍ରଙ୍କର ଚଉଦବର୍ଷ ବନବାସକୁ ନକରାତ୍ମକ ଭାବେ ନଦେଖି ସକରାତ୍ମକ ଭାବେ ଅନୁଧ୍ୟାନ କରନ୍ତୁ, ଦେଖିବେ ଏହା ନିଶ୍ଚୟ ଜ୍ଞାନ, ଶକ୍ତିରେ ତାକୁ ପରିପୁଷ୍ଟ କରିଛି । ଅଜ୍ଞାତ ସ୍ଥାନ, କାଳ, ପାତ୍ର ବିଷୟରେ ଅଭିହିତ କରାଇଛି । ଶ୍ରୀରାମଙ୍କ ଚରିତ୍ରକୁ ମର୍ଯ୍ୟାଦାପୁରୁଷରେ ପରିଣତ କରିବାକୁ ସାହାଯ୍ୟ କଲ୍ପରିଛି । କୁହାଯାଏ 'ରାମ ବନବାସ, କାହାଣୀ ଶେଷ' ।

### ଏକ ବରଷର ଅଜ୍ଞାତବାସ

ଦ୍ୱାପର ଯୁଗରେ ମହାଭାରତର ବିଶିଷ୍ଟ ଉପାଖ୍ୟାନ ହେଲା ପାଣ୍ଡବମାନଙ୍କର ବରାବର୍ଷ ପାଇଁ ବନବାସ ଏବଂ ଏକବର୍ଷ ପାଇଁ ଅଜ୍ଞାତବାସ ଘଟଣା । ସେ ଦ୍ୟୁତକ୍ରୀଡ଼ାର ଚକ୍ରାନ୍ତରୁ ହେଉପଛେ, ଏମନ୍ତ ନିବାସନ ପଛରେ ମଧ୍ୟ ଗୂଢ଼ ରହସ୍ୟ ଅଛି । ସତ୍ୟ ଶାନ୍ତି ପଥର ଯାତ୍ରୀ ପାଣ୍ଡବମାନେ ଯଦି କ୍ଲେଶ ପୀଡ଼ା ଗଭୀର ଭାବେ ପାଇନଥାନ୍ତେ, ତାହାହେଲେ ମହାଭାରତ ଯୁଦ୍ଧର ଅବକାଶ ହିଁ ନଥାନ୍ତା ତ,ଅଧର୍ମୀ ପାପୀ କୌରବ ବଂଶର ନିପାତ ହୋଇନଥାନ୍ତା । 'ଅକ୍ଷୟ ହେଉ ପୁଣ୍ୟ ଜଗତେ, ପାପର ହେଉ କ୍ଷୟ'ର ପରାକାଷ୍ଠା ରହି ନଥାନ୍ତା । ସାଲିସ୍, ସମ୍ଭାବନାର ସମସ୍ତ ଦ୍ୱାର ବନ୍ଦ ହୋଇଗଲା ପରେ ହିଁ ଯୁଦ୍ଧର ଆବଶ୍ୟକତା ପଡ଼ିଲା । ଦୁଷ୍ଟ ଦୁର୍ଯ୍ୟୋଧନର ସେହି ଦମ୍ଭୋକ୍ତି 'ବିନା ଯୁଦ୍ଧେ ଦେବି ନାହିଁ ସୂଚ୍ୟାଗ୍ରେ ମେଦିନୀ' ଚୁର୍‌ମାର ହୋଇନଥାନ୍ତା! ଏମିତିରେ ପାଣ୍ଡବ ତ ଦଶଖଣ୍ଡ ପଡ଼ା ଗ୍ରାମରେ ସନ୍ତୁଷ୍ଟ ଥିଲେ, ଦୁର୍ଯ୍ୟୋଧନ ସେତକ ଦେଇ ଅବଶିଷ୍ଟ ରାଜ୍ୟରେ ନିଶ୍ଚୟ ଆତଙ୍କ ଖେଳାଇ ଚାଲିଥାଆନ୍ତା । ଅତ୍ୟାଚାର ଓ ପାପାର ଭାରାରେ ନିଶ୍ଚେ ଧରା କଷ୍ଟ ପାଇଥାଆନ୍ତା ।

ଯେ ବାରବର୍ଷର ବନବାସ ପାଣ୍ଡବମାନଙ୍କ ପାଇଁ ଯୁଦ୍ଧ ପ୍ରସ୍ତୁତିର ସମସ୍ତ କୌଶଳ ଆପଣେଇବାର ସମୟ ନଥିଲା କି? ତା'ଛଡ଼ା ପ୍ରତିକୂଳ ପରିସ୍ଥିତିରେ ଯିଏ ନିଜର ସ୍ଥିତି ବଜାୟ ରଖେ ସେ ହିଁ ତ ସର୍ବକାଳୀନ ବିଜୟୀ । ଏଥକୁ ଯେ ଏକବର୍ଷର ଅଜ୍ଞାତବାସ କ'ଣ? ନିଶ୍ଚିତ ଭାବରେ ଛଦ୍ମବେଶରେ ରହି ନିଜ ନିଜର ପରାକାଷ୍ଠା ପ୍ରଦର୍ଶନ କରିବାର କୌଶଳ ଶିକ୍ଷା ନୁହେଁ ତ! ଏହା କୌଣସି ବୋହୂଚୋରୀ ଖେଳ କି ଚୋର ପୋଲିସ ଖେଳର ସଂସ୍କରଣ ନୁହେଁ, ବରଂ ପ୍ରତିକୂଳ ପରିବେଶରେ ପରିଚୟ ଲୁଚେଇ ନିଜର ଜ୍ଞାନବୁଦ୍ଧି ଓ ଶକ୍ତିର ବିକାଶ କରିବାର ସମୟ । ଶକ୍ତିର, ସାମର୍ଥ୍ୟର ଭିନ୍ନ ଭିନ୍ନ ଦିଗକୁ ପ୍ରୟୋଗାତ୍ମକ ଭାବେ ପରୀକ୍ଷା କରେଇନେବାର ବେଳ । ଅଜ୍ଞାତବାସରେ, ଛଦ୍ମବେଶୀ ରୂପରେ ନିଜେ ନିଜକୁ ସୁରକ୍ଷା ଦେବା ସଙ୍ଗେ ସଙ୍ଗେ ସାଧାରଣ ଜନତାର ମଙ୍ଗଳକାରୀ ହେବାର ପ୍ରଶିକ୍ଷଣ । ଗୁପ୍ତଚର ବୃତ୍ତିର ଅଭେଦ୍ୟ ଅଙ୍ଗ ହେଲା ଅଜ୍ଞାତବାସ । ସାଧାରଣ ମଣିଷ କି ଜୀବଜନ୍ତୁଙ୍କର ପୀଡ଼ା ଦୁର୍ଦ୍ଦଶା, ଭଲମନ୍ଦ ବୁଝିବାକୁ ହେଲେ ତାଙ୍କ ସ୍ତରକୁ ଯିବା ଆବଶ୍ୟକ । ଭୟ ବଶତଃ କୌଣସି ବ୍ୟକ୍ତି ଶାସକ ଓ ଉଚ୍ଚ ପଦାଧିକାରୀଙ୍କୁ ମନଖୋଲି କହିପାରେନାହିଁ ବା କହିବାର, ଭେଟିବାର ସୁଯୋଗ ପାଏନାହିଁ । ଅତଏବ ଉଚ୍ଚପଦାଧିକାରୀଙ୍କୁ ନିମ୍ନସ୍ତରକୁ ଆସି ସରଜମିନ ତଦନ୍ତ କରିବାକୁ ହେଲେ ଅଜ୍ଞାତବାସର ଆବଶ୍ୟକତା ଅଛି ।

ସତ୍ୟାନ୍ୱେଷୀ ପାଣ୍ଡବମାନଙ୍କୁ ଭବିଷ୍ୟତର ସୁଶାସନ କରିବାର ପ୍ରଣାଳୀ ଓ ମାର୍ଗଦର୍ଶନ ପାଇଁ ଯେ ଏକ ବର୍ଷର ଅଜ୍ଞାତବାସର ପ୍ରୟୋଜନ ଥିଲା । ପୁନଶ୍ଚ ବ୍ୟକ୍ତିତ୍ୱର ବହୁଧା ବିକାଶ ନିମନ୍ତେ ଯେ ଏକ ଉପଯୁକ୍ତ ଓ ପ୍ରକୃଷ୍ଟ ସମୟ । ତ୍ମାହା ହିଁ ତ ମହାଭାରତର ଦିଗଦର୍ଶନ। କେବଳ ତୁଳାତଳପରେ ଶୟନ ଓ ସ୍ୱର୍ଣ୍ଣଥାଳିରେ ଭୋଜନ ହିଁ ରାଜାର ପରିଚୟ ନୁହେଁ, ବରଂ କଣ୍ଟକ ବନରେ ଭ୍ରମଣ ଓ ପ୍ରଜା ଦୁଃଖର ଜ୍ଞାନ ହିଁ ରାଜାର ପରିଚୟ । ପରଦୁଆରେ ମୁଣ୍ଡ ଗୁଞ୍ଜିବାର ପୀଡ଼ା ତଥା ବାସହୀନର କଷ୍ଟ ହିଁ ଅଜ୍ଞାତବାସରୁ ବୁଝାପଡ଼େ। ତା'ଛଡ଼ା ଅନ୍ୟ ଚେହେରାରେ ଥାଇ, ସେ ଚେହେରାର ମାନସିକତାକୁ, କାର୍ଯ୍ୟଧାରାକୁ, ଜୀବନପ୍ରଣାଳୀକୁ ଅନୁଧ୍ୟାନ କରିବାର ସୁଯୋଗ ମଧ୍ୟ ଇଏ। ଅନୁଭବର ସୀମା ବିସ୍ତାର କରିନେଲେ, ସମସ୍ତଙ୍କୁ ବୁଝିବା ସହଜ ହୋଇଯାଏ । ଆନୁଗତ୍ୟ ଦେଉଥିବା ବ୍ୟକ୍ତି ଯଦି କାହାର ଆନୁଗତ୍ୟ ଗ୍ରହଣ କରେ, ଅବିଳମ୍ବେ ବୁଝିପାରେ ଅଧସ୍ତନଙ୍କର ଅବସ୍ଥା ଓ ସ୍ଥିତି । ଜଣେ ରାଜା ପାଇଁ ଏତେ ସହଜ ନୁହେଁ ଭୃତ୍ୟର ଅନୁମୋଦନକୁ ଅନୁଶୀଳନ କରିବା । ଏଣୁ ଅଜ୍ଞାତବାସର ଏହା ମଧ୍ୟ ଏକ ମାର୍ମିକ ଦିଗ ଥିଲା।

ଆମ ସମୟର ସରକାର ଗଢ଼ିବା ଓ ଭାଙ୍ଗିବା ସମୟରେ ସଦସ୍ୟମାନଙ୍କର ଅଜ୍ଞାତବାସ କରାଇବା ଶୀର୍ଷ ନେତୃତ୍ୱର ଏକ ସଫଳ ଉପାୟ । କୌଣସି ଦୂର ସ୍ଥାନରେ ଏକତ୍ରିତ କରି ରଖି ଠିକ୍ ନେତା ନିର୍ବାଚନ ଯୁଦ୍ଧରେ ଅବତରଣ କରାଇ ବୈରଣୀ ପାର୍ କରାଇବା ବା ଯୁଦ୍ଧରେ ଜୟଲାଭ କରିବା ଏକ ସୁଚିନ୍ତିତ କୌଶଳ । ଏପରିକି ପଞ୍ଚାୟତ ସ୍ତରରେ ମଧ୍ୟ ଅଜ୍ଞାତବାସର କଥା ଆସୁଛି । ଅତଏବ ଏକତ୍ରିତ ହୋଇ ଶକ୍ତି ଗୋଟାଇବାର ମାର୍ଗ ଯେ ଅଜ୍ଞାତବାସ । ମଉଜ ମଜଲିସ୍ କରିବାର ସୁଯୋଗ ଦେଇ ସମର୍ଥନ ହାସଲ କରିବା କିନ୍ତୁ ଅସଲ ମହାଭାରତୀୟ ଅଜ୍ଞାତବାସ ନୁହେଁ । ଛଳନାର ଶିକାର ହୋଇ କଷ୍ଟକର ଅଜ୍ଞାତବାସ ଆପଣେଇବା, ଅନେକ ଆସୁରିକ ଶକ୍ତିକୁ ପ୍ରତିହତ କରିବା, ବନବାସୀ ହୋଇ ବା ଦେଶାନ୍ତର ହୋଇ ଅନ୍ୟ ସଂସ୍କୃତି ଓ ଚଳଣିରେ ପ୍ରବୁଦ୍ଧ ହେବା, ଆଜିକାର ବିଳାସବ୍ୟସନର ଅଜ୍ଞାତବାସଠାରୁ ଅନେକ ତଫାତ୍ ।

ସମସ୍ୟାର ସମାଧାନର ବାଟ ଯଦି ବାହାର କରି ନହେଲା, ତେବେ କିଛି କ୍ଷଣ ନିଜକୁ ଅଜ୍ଞାତବାସରେ ରଖି ଦେଖିବା ଚାଲନ୍ତୁ, ସବୁ ସମାଧାନର ବାଟ ଜ୍ଞାତ ହୋଇଯିବ ।


*ଅନନ୍ତବିହାର, ଫେଜ୍-୨,*
*ପୋଖରୀପୁଟ, ଭୁବନେଶ୍ୱର*
*ମୋ. ୯୩୪୮୮୯୩୭୫୨*


# ପ୍ରଣୟ ପରମ ବେଦଃ

■ ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର ■

ସତ୍‌ସଙ୍ଗ ପ୍ରାଣ ପୁରୁଷ ଭଗବାନ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସ୍ୱହସ୍ତ ଲିଖିତ ପବିତ୍ର ପୁସ୍ତକ ସତ୍ୟାନୁସରଣରେ କହିଛନ୍ତି- ଯେଉଁ ଖିଆଲ ବିବେକର ଅନୁଚର ତାହା ହିଁ ଅନୁସରଣ କର, ମଙ୍ଗଳ ଅଧିକାରୀ ହେବ। ବିସ୍ତାରରେ ଅସ୍ତିତ୍ୱ ହରାଅ, କିନ୍ତୁ ଲିଭିଯାଅ ନାହିଁ। ବିସ୍ତାର ହିଁ ଜୀବନ, ବିସ୍ତାର ହିଁ ପ୍ରେମ । ଯେଉଁ କର୍ମ ମନର ପ୍ରସାରଣ ଆଣିଦିଏ, ତାହା ହିଁ ସୁକର୍ମ, ଆଉ ଯେଉଁଥିରେ ମନରେ ସଂସ୍କାର, ଜିଦ୍ ଇତ୍ୟାଦି ଆସେ, ସାରକଥା ଯେଉଁଥିରେ ମନ ସଂକୀର୍ଣ୍ଣ ହୁଏ ତାହା ହିଁ କୁକର୍ମ । ଯେଉଁ ସାଧନା କରିଲେ ହୃଦୟରେ ପ୍ରେମ ଆସେ ତାହା ହିଁ କର, ଆଉ ଯେଉଁଥିରେ କ୍ରୂରତା, କଠୋରତା, ହିଂସା ଆସେ ତାହା ଆପତତଃ ଲାଭଜନକ ହେଲେ ମଧ୍ୟ ତାହା ପାଖକୁ ଯାଅନାହିଁ । ତୁମେ ଯଦି ଏପରି ଶକ୍ତି ଲାଭ କରିଥାଅ ଯାହାଦ୍ୱାରା ଚନ୍ଦ୍ର-ସୂର୍ଯ୍ୟ କକ୍ଷଚ୍ୟୁତ କରିପାର, ପୃଥିବୀ ଭାଙ୍ଗି ଟୁକୁରା ଟୁକୁରା କରିପାର ବା ସମସ୍ତଙ୍କୁ ଐଶ୍ୱର୍ଯ୍ୟଶାଳୀ କରି ଦେଇପାର, କିନ୍ତୁ ଯଦି ହୃଦୟରେ ପ୍ରେମ ନଥାଏ, ତେବେ ତୁମର କିଛି ବି ହୋଇନାହିଁ। ଜୀବନକୁ ଯେଉଁ ଭାବରେ ବଳି ଦେବ ନିଶ୍ଚୟ ସେହିପରି ଜୀବନ ଲାଭ କରିବ । ଯେ କେହି ପ୍ରେମ ପାଇଁ ଜୀବନ ଦାନ କରେ, ସେ ପ୍ରେମର ଜୀବନ ଲାଭ କରେ । ଯଦି ପ୍ରେମ ଥାଏ, ତେବେ ଅପରକୁ ମୋର ବୋଲି କୁହ କିନ୍ତୁ ସ୍ୱାର୍ଥ ରଖନାହିଁ ।

ଯିଏ ପ୍ରେମର ଅଧିକାରୀ, ନିଃସନ୍ଦେହ ଚିରେ ତାଙ୍କରି ଅନୁସରଣ କର, ମଙ୍ଗଳର ଅଧିକାରୀ ହେବ ହିଁ ହେବ। ପ୍ରେମକର, କିନ୍ତୁ ଆସକ୍ତ ହୁଅନାହିଁ, ଖୁବ୍ ଭଲପାଅ କିନ୍ତୁ ଦେହଘସା ହୁଅ ନାହିଁ । ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ-କାଞ୍ଚନ ପ୍ରତି ଆସକ୍ତିରୁ ଆସେ ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ । କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇପଡ଼ନ୍ତି। ବିଷ ଅମୃତ ହୋଇଗଲା। ଆଉ ମା' କେବଳ ମା'- କାମିନୀ ନୁହେଁ। ପ୍ରତ୍ୟେକଙ୍କର ମା' ହିଁ ଜଗଜ୍ଜନନୀ। ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ । ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକଙ୍କୁ ଛୁଇଁବା ଅନୁଚିତ- ଯେତେ ଦୂରେଇ ରହିପାର ସେତେ ଭଲ ଏପରିକି ମୁଖ ଦର୍ଶନ ନକରିବା ଆହୁରି ଭଲ। ସୃଷ୍ଟିତ୍ୱ, ଗଣିତବିଦ୍ୟା ଓ ରସାୟନ ଶାସ୍ତ୍ର ଇତ୍ୟାଦିର ଆଲୋଚନାରେ କାମ-ରିପୁର ଦମନ ହୁଏ । ବିଷୟରେ ମନ ସଂଲଗ୍ନ ରହିବାକୁ ଆସକ୍ତି କହନ୍ତି, ଆଉ ସତ୍‌ରେ ସଂଲଗ୍ନ ରହିବାକୁ ଭକ୍ତି କହନ୍ତି । ପ୍ରେମ ଭକ୍ତିର ହିଁ କ୍ରମୋନ୍ନତି । ଭକ୍ତିର ଗାଢ଼ତତ୍ତ୍ୱ ହିଁ ପ୍ରେମ । ଆସକ୍ତି କାମର ପତ୍ନୀ, ଆଉ ଭକ୍ତିର ପ୍ରେମର ଛୋଟ ଭଉଣୀ। ପ୍ରେମ ପରି ଆକର୍ଷଣକାରୀ ବା ଆଉ କିଏ? ସଦ୍‌ଗୁରୁଙ୍କର ଆଦେଶ ପାଳନ ପରି ଆଉ ମନ୍ତ୍ର କ'ଣ ଅଛି? ପ୍ରିୟଙ୍କ ପ୍ରତି ଭଲ ପାଇବା ବା ମଙ୍ଗଳବିହୀନ କର୍ମ କେବେ ହେଲେ ପ୍ରେମର ପରିଚାୟକ ନୁହେଁ। ପ୍ରେମକୁ ପ୍ରାର୍ଥନା କର ଆଉ ହିଂସାକୁ ଦୂରରୁ ପରିହାର କର। ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍-ନାମ ମନନ କର, ଆଉ ସତସଙ୍ଗର ଆଶ୍ରୟ ଗ୍ରହଣ କର- ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ ।

ଏକବିଂଶ ଶତାବ୍ଦୀର ସମସ୍ୟା ଜର୍ଜରିତ ମାନବ ସମାଜକୁ ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ - ଭାଗବତର ସେହିକଥା କୃଷ୍ଣେନ୍ଦ୍ରିୟ ପ୍ରୀତିଇଚ୍ଛା ତାକୁ କୁହେ ପ୍ରେମ, ଆତ୍ମେନ୍ଦ୍ରିୟ ପ୍ରୀତି ଇଚ୍ଛା ତାକୁ କୁହେ କାମ । ପ୍ରେମ ଈଶ୍ୱରଙ୍କର ଏକ ନୈସର୍ଗିକ, ଚିର ଶାଶ୍ୱତ ଦାନ। ପ୍ରେମାସ୍ପଦଙ୍କ ପାଖରେ ପ୍ରେମିକ ତାର ସର୍ବସ୍ୱକୁ ଅଞ୍ଜଳି ଦେଇଦିଏ । ପ୍ରେମର କୌଣସି ପ୍ରତିଦାନ ନାହିଁ, ଏହା ନିର୍ସ। ଆଜିକାଲିର ବସ୍ତୁବାଦୀ, ଭୋଗବାଦ, ସଂସ୍କୃତି ମୂଲ୍ୟବୋଧ ବିହୀନ ସନ୍ଧୀକ୍ଷଣରେ ପହଞ୍ଚିଥିବାବେଳେ ଶରୀର ସର୍ବସ୍ୱ ପ୍ରେମକୁ ପ୍ରାଥମିକତା ଦିଆଯାଉଥିବା ବେଳେ ନିଃସ୍ୱାର୍ଥ ଓ ଆତ୍ମ ସମର୍ପଣ ଭାବନାଯୁକ୍ତ ପ୍ରେମ କେବଳ ହିଁ ଅଚିନ୍ତନୀୟ ଓ ନିଜ ଗୁରୁ ବା ଇଷ୍ଟଙ୍କ ପ୍ରତି ଶ୍ରେଷ୍ଠ ସମର୍ପଣ । ଦ୍ୱାପରରେ ଶ୍ରୀରାଧାଙ୍କ କୃଷ୍ଣଭକ୍ତି ଓ ସମର୍ପଣର ଯେଉଁ ଶାଶ୍ୱତତା ତାହା ତ୍ରେତୟାରେ ପାଷାଣି ଅହଲ୍ୟାର ଚିରପ୍ରତିକ୍ଷୀତ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ପ୍ରତି ଯେଉଁ ଭାବନାଯୁକ୍ତ ଥିଲା ତାହାକୁ ଭାବିଲେ ଆଜିର ସମୟରେ ଏହା ନିଶ୍ଚିନ୍ତ ଭାବରେ ଅଚିନ୍ତନୀୟ। ନିଜ ଆରାଧ୍ୟ ପ୍ରିୟ ପରମ ପୁରୁଷ ଇଷ୍ଟଙ୍କ ପ୍ରତି ସତ୍, ଚିତ୍, ଶାଶ୍ୱତ ଭାବନାର ସମର୍ପଣ ଦ୍ୱାରା ହିଁ ଈଶ୍ୱରପ୍ରାପ୍ତି ସମ୍ଭବ। ଆଜି ତଥାକଥିତ ପାଶ୍ଚାତ୍ୟ ସଂସ୍କୃତିର ଭାଲୋଇନ୍ ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟତା କ'ଣ? ପ୍ରେମ କ'ଣ କେବଳ ଶାରିରୀକ, ଏହା କ'ଣ କେବଳ ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ନିବିଦ୍ଧ। ଗୁରୁ-ଶିଷ୍ୟ, ଇଷ୍ଟ-ଅନୁଗତ, ମାଲିକ-ନୌକର, ପିତା-ପୁତ୍ର, ସ୍ୱାମୀ-ସ୍ତ୍ରୀ, ଭାଇ-ଭଉଣୀ, ବନ୍ଧୁ-ବନ୍ଧୁ ଭିତରେ ମା'-ପୁତ୍ରଙ୍କ ପ୍ରେମ ଭାବି ଦେଖିଲେ? ମା'ର ପ୍ରତିଟି ମୁର୍ହୂ ତା ବାତ୍ସଲ୍ୟପ୍ରେମ ପିଲାଙ୍କ ପାଇଁ ହିଁ ପ୍ରତି ନିୟତରେ ଅମୃତଭରା। ଆସନ୍ତୁ ଏପରି ଏକ ଦିନରେ ତଥାକଥିତ ଶାରିରୀକ ପ୍ରେମକୁ ଜଳାଞ୍ଜଳି ଦେଇ ବିଶ୍ୱ ପିତାଙ୍କ ଶାଶ୍ୱତ ପ୍ରେମକୁ ଆବାହନ କରିବା। ଏହା ଭିତରେ ନିମଜ୍ଜିତ ହୋଇ ତାଙ୍କୁ ପାଇବାର ଯେଉଁ ଅମୃତ ଚେତନା ତାହାକୁ ବିଶ୍ୱ କଲ୍ୟାଣ ପାଇଁ ସମର୍ପଣ କରିବା ଏହା ହିଁ ଆଜିର ଦିବସର ଅନୁଚିନ୍ତନ ହେଉ ।


ମୋ. ୯୪୩୭୦୫୧୯୫୭


# ଭାଲେଣ୍ଟାଇନ ଡେ - ଏକ ବ୍ୟକ୍ତିର ମୃତ୍ୟୁ ଦିବସର ଦିନ

■ ଡକ୍ଟର ଅମୂଲ୍ୟ କୁମାର ପଣ୍ଡା ■

ଆମେ ଜାଣିଛନ୍ତି ଯେ ଗୋଟିଏ ଦେଶର ସଂସ୍କୃତି ଅନ୍ୟ ଦେଶର ସଂସ୍କୃତିଠାରୁ ଫରକ ହୋଇଥାଏ । ତେବେ ଯେଉଁଠି ଗୋଟେ ଦେଶର ସଂସ୍କୃତି ଅନ୍ୟ ଏକ ଦେଶରେ ପ୍ରସାରିତ ହୁଏ, ସେଠି ବିରୋଧାଭାଷ ହେବା ସ୍ୱାଭାବିକ , କାରଣ ସଂସ୍କୃତି ହେଉଛି ଗୋଟିଏ ଜାତିର ଆଦର୍ଶ, ଗର୍ବ ଓ ଗୌରବ ଆଉ ତାକୁ ଅବଜ୍ଞା କରି ଅନ୍ୟ କୌଣସି ସଂସ୍କୃତିକୁ ଗ୍ରହଣ କଲେ ଭାଙ୍ଗିଯାଏ ଆପଣା ସଂସ୍କୃତିର ମୌଳିକତା । ଇତିହାସ କହେ ଭାରତବର୍ଷ ଥିଲା ସଂସ୍କୃତି, ସଂସ୍କାର ଓ ସାଧନାର ଦିବ୍ୟ ଭୂମି । କିନ୍ତୁ ଏବେ ଆଧୁନିକ ଶିକ୍ଷାର ପ୍ରସାର ତଥା ପଶ୍ଚିମା ସଂସ୍କୃତିକୁ ଆପଣେଇ ନେବାର ଦୁଷ୍ଟ ମାନସିକତା ଆମ ପରମ୍ପରା ଓ ସଂସ୍କୃତିକୁ କରିଛି ଅବକ୍ଷୟ ଓ ଅପମାନ ଆଉ ଏହି ଅନ୍ୟ ବିଦେଶୀ ଉଦ୍ଭଟ ସଂସ୍କୃତି ଧୀରେ ଧୀରେ କର୍କଟ ରୋଗ ଭଳି ଗ୍ରାସ କରିଚାଲିଛି ଆମ ବର୍ତ୍ତମାନ ଓ ଆଗାମୀ ଯୁବପିଢ଼ିମାନଙ୍କୁ । ଉକ୍ତ ପାଶ୍ଚାତ୍ୟ ସଂସ୍କୃତିକୁ ଆଜିର ଯୁବପିଢି ମନେ ରଖିଥିବା ବେଳେ ଆମ ପରମ୍ପରା ଓ ସଂସ୍କୃତିକୁ ଆଦୌ ଜାଣି ନାହାଁନ୍ତି କି ବୁଝିନାହାଁନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଯେପରି ଆମ ଦେଶର ହିନ୍ଦୁ ନବବର୍ଷ, ଓଡ଼ିଆ ନବବର୍ଷ, ସଂକ୍ରାନ୍ତି, ପୂର୍ଣ୍ଣମୀ, ମହାପୁରୁଷମାନଙ୍କ ଜୟନ୍ତୀ, ଜାତୀୟ ଦିବସ, ପରମ୍ପରା ଓ ଆମ ସଂସ୍କୃତି କଣ ସେମାନେ ଜାଣି ନଥିବେ କିନ୍ତୁ ଅନ୍ୟ ଦେଶରୁ ଆସିଥିବା ଭାଲେଣ୍ଟାଇନ ଡେ'କୁ ଭଲ ଭାବରେ ଜାଣିଥିବେ ଆଉ ସେ ଦିବସ କେବେ ଆସିବ ସେ ଦିନ ଗଣୁଥିବାବେଳେ ନିଜ ପରମ୍ପରାର ଦିବସ ଯାଇ ସାରିବା ପରେ ମଧ୍ୟ ପଚାରିଲେ ଦିବସଟି କ'ଣ ଜାଣି ନଥିବେ । ଆଉ ଏକଥା ସତ୍ୟ ଯେ ଏହି ଭାଲେଣ୍ଟାଇନ ଦିବସ କାହିଁକି ପାଳନ କରାଯାଏ ଓ ଏହା ପଛରେ କି କାହାଣୀ ଅଛି ସେମାନେ ଜାଣି ନ ଥିବେ ଖାଲି ଅନୁକରଣୀୟ ଭାବେ ଏହି ଦିବସକୁ ପାଳନ କରିବାକୁ ଅନେଇ ବସିଥିବେ । ଆଉ ଏହି ଇଚ୍ଛାଶକ୍ତି ନେଇ ଆପଣା ସଂସ୍କୃତିକୁ ଅଣଦେଖା କରି ସେମାନେ ଏବେ ଖୁବ୍ ଆନନ୍ଦ ଓ ଉଲ୍ଲାସର ସହିତ ପାଳନ କରିଚାଲିଛନ୍ତି ଇଂରାଜୀ ନୂଆବର୍ଷ ଓ ବଡ଼ଦିନ ଇତ୍ୟାଦି ଅନେକ ବିଦେଶୀ ଉତ୍ସବ ସହ ଭାଲେଣ୍ଟାଇନ ଦିବସ । ବିଶେଷକରି ସେମାନଙ୍କୁ ଏବେ ଘାରିଛି 'ଭାଲେଣ୍ଟାଇନ ଡେ' ବା ପ୍ରେମ ଦିବସ ପାଳନ କରିବାର ଉତ୍କଟ ନିଶା । କିନ୍ତୁ ପ୍ରକୃତ ପ୍ରେମ କଣ ସିଏ ଜାଣି ନାହାଁନ୍ତି କି ଆମ ଧର୍ମ, ପରମ୍ପରା, ସଂସ୍କୃତି ଓ ଶାସ୍ତ୍ରରେ ଥିବା ପ୍ରକୃତ ପ୍ରେମ କାହାଣୀକୁ ବୁଝିବାକୁ କେବେ ଚେଷ୍ଟା କରି ନାହାଁନ୍ତି ଆଉ ଏ ବିଷୟରେ ସେମାନଙ୍କ ଅଭିଭାବକ ବି କେବେ ଜଣାଇବାକୁ ଚେଷ୍ଟା କରିନାହାନ୍ତି । ଯେଉଁଥିପାଇଁ ଆଜି ଆମ ପରମ୍ପରା ଆଉ ସଂସ୍କୃତି ଠାରୁ ବହୁତ ଦୂରରେ ଯୁବପିଢ଼ି ଓ ଅପସଂସ୍କୃତିର ମାୟାଜାଲରେ ସମ୍ପୂର୍ଣ୍ଣ ଛନ୍ଦି ହୋଇ ଅସ୍ୱି ମାର୍ଗ ଅପଣାଇବାକୁ ପଛାଉନାହାନ୍ତି ।

ତେବେ ଏହି ଭାଲେଣ୍ଟାଇନ ଡେ ପାଇଁ ଦୁଇଟି ପାଶ୍ଚାତ୍ୟ ଲୋକକଥା ଅଛି ଯାହା ଜାଣିବା ଆବଶ୍ୟକ । କାରଣ ଏହି ଦିବସକୁ ପ୍ରେମ ଭଳି ପୁଣ୍ୟ ଶବ୍ଦ ଦେବା କେତେଦୂର ଯୁକ୍ତି ଯୁକ୍ତ ତାହା ଏହି କାହାଣୀରୁ ଅନୁମେୟ ତଥା ଏହି ଦିବସ ଆଦୌ କୌଣସି ପ୍ରେମ ଦିବସ ନୁହଁ ଏହା ଏକ ବ୍ୟକ୍ତିର ମୃତ୍ୟୁ ଦିବସ ମାତ୍ର । ଭାଲେଣ୍ଟାଇନ ନାମକ ଜଣେ ବ୍ୟକ୍ତିଙ୍କ ପାଇଁ ଏହି ଦିନ ଜଣେ ଦୁଷ୍ଟ ରାଜା ଓ କୃପାଳୁ ଭାଲେଣ୍ଟାଇନଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । ଯୁଦ୍ଧର କାରଣ ରୋମର ରାଜା ଥିଲେ । ରାଜାଙ୍କ ଅନୁସାରେ ପୁରୁଷଙ୍କର ବିବାହ ପରେ ସବୁ ଶକ୍ତି ଓ ବୁଦ୍ଧି ନଷ୍ଟ ହୋଇଯାଏ । ଏହି କାରଣରୁ ସେ ତାଙ୍କ ରାଜ୍ୟରେ ଘୋଷଣା କରିଥିଲେ ଯେ କୌଣସି ସୈନିକ ଓ ସେନାଅଧିକାରୀ ବିବାହ କରିବେ ନାହିଁ । କିନ୍ତୁ ଭାଲେଣ୍ଟାଇନ ରାଜାଙ୍କ ବିରୁଦ୍ଧରେ ଯାଇ ରାଜ୍ୟରେ ସମସ୍ତଙ୍କୁ ବିବାହ କରିବା ପାଇଁ ଉପଦେଶ ଦେଉଥିଲେ । ରାଜ୍ୟରେ ଅନେକ ସୈନିକ ଓ ଅଧିକାରୀଙ୍କର ବିବାହ ମଧ୍ୟ କରାଇଥିଲେ ଭାଲେଣ୍ଟାଇନ । ତେବେ ରାଜା ଭାଲେଣ୍ଟାଇନଙ୍କ ଉପରେ ରାଗି ତାଙ୍କୁ ୨୬୯ ମସିହା, ଫେବୃଆରୀ ୧୪ ତାରିଖରେ ଫାଶି ଦଣ୍ଡ ଦେଇଥିଲେ । ଏହି କାରଣରୁ ଫେବୃଆରୀ ୧୪ ତାରିଖରେ ଭାଲେଣ୍ଟାଇନଙ୍କ ସ୍ମରଣରେ ଭାଲେଣ୍ଟାଇନ ଡେ' ପାଳନ କରାଯାଏ ବୋଲି ଲୋକକଥା ରହିଛି ।

ପ୍ରକୃତ ପ୍ରେମର ସଂଜ୍ଞା ବହୁତ ମୂଲ୍ୟବାନ୍ । ପ୍ରେମ ଦୁଇ ହୃଦୟର ମିଳନ । ପ୍ରେମରେ ପଡିଥିବା ମଣିଷ ଜାତି, ଧର୍ମ ଓ ବର୍ଣ୍ଣର ବାଛବିଚାର ରଖେ ନାହିଁ । ଏହା କେତେବେଳ , କିପରି ଓ କାହା ସହ ହୋଇଥାଏ ତାହା କାହାକୁ ମଧ୍ୟ ଜଣାନାହିଁ । ପ୍ରେମର ସଂଜ୍ଞା ତୀବ୍ର ଗତିରେ ପରିବର୍ତ୍ତନ ଘଟୁଛି । ଏହା ତ୍ୟାଗ ଉପରେ ପର୍ଯ୍ୟବେସିତ ନହୋଇ ଭୋଗ, ଦିଆନିଆ ବ୍ୟାପର ଉପରେ ପର୍ଯ୍ୟବେଶିତ । ଏହିଭଳି କିଛି କଦର୍ଥ କାର୍ଯ୍ୟ କଳାପ ଯୋଗୁଁ ଆଜି ପ୍ରେମର ସଂଜ୍ଞା ଆଜି ବଦଳିଯାଇଛି । ପ୍ରେମ ଶାଶ୍ୱତ, ପ୍ରେମ ଚିରନ୍ତନ, ପ୍ରେମ ନୈସର୍ଗିକ । ପ୍ରେମ ପାଇବାରେ ଥାଏ, ଥାଏବି ହରାଇବାରେ । ସଂସାର ଓ ସମାଜରେ ସମସ୍ତଙ୍କ ପାଇଁ କେବଳ ଉତ୍ସର୍ଗ ହିଁ ପ୍ରେମ । ପରସ୍ପର ପ୍ରତି ଥିବା ଆବେଗ ଓ ଅନାବିଳତା ପ୍ରକାଶରେ ଏହା ହିଁ ପ୍ରକୃଷ୍ଟ ମାଧ୍ୟମ । ତେବେ ପ୍ରେମର ନିଦର୍ଶନ କେବଳ ପାଶ୍ଚାତ ସଂସ୍କୃତିରେ ନୁହେଁ ବରଂ ଭାରତୀୟ ସଂସ୍କୃତିରେ ମଧ୍ୟ ନିଚ୍ଛକ ଉଦାହରଣ ଭରି ରହିଛି । ସବୁ ଧର୍ମ, ପରମ୍ପରା ଓ ସଂସ୍କୃତିରେ ପ୍ରତିପାଦିତ ହୋଇଛି ପ୍ରେମର ମହତ୍ତ୍ୱ । ଭାରତୀୟ ପୌରାଣିକ ଶାସ୍ତ୍ରରେ ରାଧା-କୃଷ୍ଣ, ଶିବ-ପାର୍ବତୀ, ରାମ-ସୀତା, ରତି-କାମଦେବ, ସାବିତ୍ରୀ-ସତ୍ୟବାନ ଓ ଦୁଷ୍ମନ୍ତ-ଶକୁନ୍ତଳା, ଆଦି ପ୍ରେମ କାହାଣୀରେ ରହିଛି ପ୍ରେମର ସର୍ବୋଚ୍ଚ ଉପଲବ୍ଧି । ଆମ ଇତିହାସ ଓ ଲୋକକଥାରେ ମଧ୍ୟ ଅମର ହୋଇ ରହିଛି ପୃଥ୍ୱୀରାଜ-ସଂଯୁକ୍ତା, କେଦାର-ଗୌରୀଙ୍କ ପ୍ରେମ କାହାଣୀ । ଏସବୁ ପ୍ରେମ କାହାଣୀରେ ପ୍ରେମର ଉପସ୍ଥିତି ନୁହେଁ, ବରଂ ସମାଜକୁ ଦେଇଛି ଶିକ୍ଷା, ସଚେତନତା ଓ ସାମାଜିକ ମୂଲ୍ୟବୋଧର ବାର୍ତ୍ତାବହ । ରାଧା କୃଷ୍ଣଙ୍କ ପ୍ରେମ ତ ସର୍ବୋଚ୍ଚ ଯେଉଁଠି ମିଳନ, ବିଚ୍ଛେଦ, ବିଦଗ୍ଧ, ବିଶ୍ୱସନୀୟତା, ସମର୍ପଣର କେବଳ ବାର୍ତ୍ତା ବହନ କରେ । ଏହାଠାରୁ ଶକ୍ତିଶାଳୀ ପ୍ରେମ ଆଉ କେଉଁଠି ଦେଖିବାକୁ ମିଳେ ନାହିଁ । ତେବେ ବିଦେଶୀ ସଂସ୍କୃତି ବହନ କରୁଥିବା ଏହି ଭାଲେଣ୍ଟାଇନ ଦିବସ ବର୍ତ୍ତମାନର ଯୁବପିଢିକୁ ବାଇଆ କରୁଥିବା ବେଳେ ତଥା ଏହି ଦିବସକୁ ଉତ୍ସାହର ସହିତ ପାଳନ କରୁଥିବା ବେଳେ ଅନେକ ଏହାର ବିରୋଧାଭାଷ ମଧ୍ୟ କରନ୍ତି । ବିଶେଷତଃ ବଜରଙ୍ଗ ଦଳ ଓ କଳିଙ୍ଗ ସେନା ଭଳି ସଙ୍ଗଠନ ଏହି ପ୍ରଥାର ଘୋର ବିରୋଧ କରନ୍ତି । ସେମାନଙ୍କ ମତରେ ପାଶ୍ଚାତ୍ୟ ସଂସ୍କୃତିରେ ପ୍ରଭାବିତ ହୋଇ ଏହି ଦିବସ ପାଳନ ଆମ ଭାରତୀୟ ସଂସ୍କୃତି ପ୍ରତି ଅବମାନନା ସହ ତୁଳନୀୟ । ସେମାନଙ୍କ କଥା ବି ଯୁକ୍ତି ଯୁକ୍ତ କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରେମ ଖାଲି ପୁଅ ଝିଅ ମଧ୍ୟରେ ସମ୍ପର୍କ ନୁହଁ- ପ୍ରେମ ପିତାମାତା, ଭାଇ ଭଉଣୀ, ଦେଶ ପ୍ରୀତି, ସମାଜ ପ୍ରୀତି ସହିତ ରହିବା ଦରକାର ଯାହା ଆମ ସଂସୃତି ଓ ପରମ୍ପରା ଆମକୁ ଶିଖାଇଛି ।


ଅରଙ୍ଗାବାଦ, ବରୀ, ଯାଜପୁର
ମୋ. ୮୨୪୯୫୦୨୭୭୬


## ଗାଳ୍ପିକ କୃଷ୍ଣପ୍ରସାଦ

**ବାଦଲ ଭୂୟାଁ**

ବିଂଶ ଶତାବ୍ଦୀର ଓଡ଼ିଆ ଗଦ୍ୟ ସାହିତ୍ୟର ଅନ୍ୟତମ ଶ୍ରେଷ୍ଠ ସ୍ରଷ୍ଟା ଡ.କୃଷ୍ଣପ୍ରସାଦ ମିଶ୍ର ଚ୧୯୫୬ରେ ବନାରସ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପାଠ୍ୟକ୍ରମରେ, ଦର୍ଶନଶାସ୍ତ୍ରରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇଥିଲେ। ତାହାପରେ ଆଇନ ପଢ଼ି ଅଳ୍ପ କିଛି କାଳ ଓକିଲାତି କରିଥିଲେ। ତେବେ, ଅଧ୍ୟାପନା ବୃତ୍ତି ପ୍ରତି ପ୍ରବଳ ଆଗ୍ରହ ଥିଲା। ତେଣୁ ସର୍ବଭାରତୀୟ ପ୍ରଶାସନିକ ସେବାର ଆଲାଏଡ୍ ସର୍ଭିସ୍ ପାଇଁ ମନୋନୀତ ହୋଇଥିଲେ ହେଁ, ସେଥିରେ ଯୋଗ ନଦେଇ ୧୯୫୯ରେ ଅଧ୍ୟାପକ ଜୀବନ ଆରମ୍ଭ କରିଥିଲେ। ୧୯୫୯-୬୩ ବିଜେବି ଓ ଏସ୍‌ସିଏସ୍ କଲେଜରେ ଅଧ୍ୟାପନା। ତାହାପରେ କମନ୍‌ୱେଲ୍‌ଥ ସ୍କଲାରସିପ୍ ପାଇ, କାନାଡ଼ାର ଟରୋଠୋ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡ଼ି କିରଥିଲେ। ୧୯୬୮ରେ ଡ.କୃଷ୍ଣପ୍ରସାଦ ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରାଧ୍ୟାପକ ଭାବେ ଯୋଗ ଦେଇଥିଲେ। ୧୯୮୪ରେ ପ୍ରଫେସର ପଦ ମଣ୍ଡନ କରିଥିଲେ। ୧୯୮୮ରେ ଓଡ଼ିଆ ଦର୍ଶନ କଂଗ୍ରେସର ସଭାପତି ପଦ ଅଳଂକୃତ କରିଥିଲେ। ସାରା ଜୀବନ ସାହିତ୍ୟ ସେବା ଓ ଅଧ୍ୟାପନାରେ କଟିଥିଲା।

ସେ ଥିଲେ ସୁଲେଖକ ଓ ସୁବକ୍ତା। ତାଙ୍କ ସାହିତ୍ୟିକ ଜୀବନ ଓ ଅଧ୍ୟାପକ ଜୀବନ ସମାନ୍ତରାଳ ଭାବେ ଗତି କରିଥିଲା। ସାହିତ୍ୟର ବିଭିନ୍ନ ବିଭାଗରେ ସେ ଲେଖନୀ ଚାଳନା କରିଥିଲେ ହେଁ ମୁଖ୍ୟତଃ ଥିଲେ ଗାଳ୍ପିକ। ସେ ଶତାଧିକ ଗଳ୍ପର ସ୍ରଷ୍ଟା। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପକୁ ପାରମ୍ପରିକ ପ୍ରବାହରୁ ଦୂରେଇ ନବ ରୂପ ଦେବାକୁ ସାଧ ମତେ ଚେଷ୍ଟା କରିଥିଲେ। ତାଙ୍କ ଗଳ୍ପ କେତେବେଳେ ଆନ୍ତର୍ଜାତିକ ଚେତନା ଭିକ କେତେବେଳେ ସମାଜ ଧର୍ମୀ। ପୁଣି କେତେବେଳେ ପ୍ରଥମ ପୁରୁଷରେ ରଚିତା ତାଙ୍କ ଗଳ୍ପରୁ ଦାର୍ଶନିକ ଚେତନାର ସୁଗନ୍ଧ ମିଳେ। ସେ ଅନେକ ମିନିଗଳ୍ପ ମଧ୍ୟ ଲେଖିଯାଇଛନ୍ତି। ନାଏଗ୍ରା ଓ ଦେବଯାନୀ, ଟ୍ରୋଜାନ ଅଶ୍ୱ, ଚିତ୍ରିତ ଚାଦର, କ୍ରୀତଦାସୀର କାବ୍ୟ, ସନାତନ ଓଝା ଗଲେ କୁଆଡ଼େ?, ଜଣେ ହିପି ତରୁଣୀର ଇତିବୃ, ନିଜକୁ ନାୟକ କରି, ଆଦି ତାଙ୍କର କେତେକ ପ୍ରସିଦ୍ଧ ଗପ । ୧୯୯୪ ଫେବୃଆରୀ ୧୩ ତାରିଖରେ ଏହି ପ୍ରସିଦ୍ଧ ଗାଳ୍ପିକଙ୍କର ପରଲୋକ ହୋଇଥିଲା।


ପୁରୁଣା ସୋନାରୀ, ଜାମସେଦପୁର,
ଦୂରଭାଷ : ୯୨୦୪୬୫୨୦୬୫

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୪ ଫେବୃଆରୀ ୨୦୨୬ ଶନିବାର ପୃଷ୍ଠା ୫





ପ୍ରତିବର୍ଷ ଫେବୃଆରୀ ମାସରେ ସେଣ୍ଟ୍ ଭାଲେଣ୍ଟାଇନ୍‌ଙ୍କ ନାମରେ ପ୍ରେମିକ-ପ୍ରେମିକାମାନେ ପରସ୍ପର ମଧ୍ୟରେ ଉପହାର ଆଦାନ ପ୍ରଦାନ କରନ୍ତି । ବିଶ୍ୱର ପ୍ରତ୍ୟେକ ଦେଶରେ ଏହି ଧାରା ଅଳ୍ପବହୁତେ ସମାନ । ତେବେ ଏହି ସେଣ୍ଟ୍ କିଏ ? କ'ଣ ପାଇଁ ତାଙ୍କ ନାମରେ ଏହି ଦିନଟିକୁ ପାଳନ କରାଯାଏ ? ପ୍ରେମର ରକ୍ଷକ ଭାବରେ ଜଣାଶୁଣା ସେଣ୍ଟ୍ ଭାଲେଣ୍ଟାଇନ୍‌ଙ୍କ ପ୍ରକୃତ କାହାଣୀ ରହସ୍ୟାବୃତ । କାରଣ ଉଭୟ ଖ୍ରୀଷ୍ଟିଆନ୍ ଓ ପୁରାତନ ରୋମ୍ ପରମ୍ପରାରେ ଏହି ଦିନକୁ ମହତ୍ତ୍ୱ ଦିଆଯାଏ । ଏ ପର୍ଯ୍ୟନ୍ତ ରୋମାନ୍ କ୍ୟାଥଲିକ୍ ଚର୍ଚ୍ଚ ୩ ଜଣଙ୍କୁ ସେଣ୍ଟ୍ ଭାଲେଣ୍ଟାଇନ୍‌ର ମାନ୍ୟତା ଦେଇ ସାରିଲାଣି । ଏମାନେ ସମସ୍ତେ ମାନବ ସମାଜର ମଙ୍ଗଳ ଉଦ୍ଦେଶ୍ୟରେ କାର୍ଯ୍ୟ କରି ପ୍ରାଣବଳି ଦେଇଥିଲେ । ତେବେ ସେଣ୍ଟ୍ ଭାଲେଣ୍ଟାଇନ୍‌ଙ୍କୁ ନେଇ ଦୁଇଟି କାହାଣୀ ମୁଖ୍ୟତଃ ବିଶ୍ୱାସ କରାଯାଏ, ପ୍ରଥମଟି ସେଣ୍ଟ୍ ଭାଲେଣ୍ଟାଇନ୍‌ଙ୍କୁ ପ୍ରେମର ରକ୍ଷକ ଭାବରେ ଓ ଅନ୍ୟଟି ପ୍ରେମିକ ଭାବରେ ।

# ଫ୍ରମ୍ ଇୟୋର ଭାଲେଣ୍ଟାଇନ୍



ପ୍ରଥମ ବିଶ୍ୱାସ ଅନୁଯାୟୀ ତୃତୀୟ ଶତାବ୍ଦୀ ସମୟରେ ରୋମ୍‌ରେ ଭାଲେଣ୍ଟାଇନ୍ ଜଣେ ଧର୍ମଯାଜକ ଥିଲେ । ସେ ସମୟରେ ରୋମ୍ ସମ୍ରାଟ ଦ୍ୱିତୀୟ କ୍ଲାଉଡିୟସ୍ ତାଙ୍କ ସେନାବାହିନୀରେ ଥିବା ସୈନିକଙ୍କ ବିବାହ ଉପରେ ନିଷେଧାଜ୍ଞା ଜାରି କରିଥିଲେ । ତାଙ୍କର ଯୁକ୍ତିଥିଲା- ସୈନିକମାନେ ବିବାହ କଲେ ସେମାନଙ୍କ ଶୌର୍ଯ୍ୟ ଏବଂ ବୀର୍ଯ୍ୟ କ୍ଷୟ ହୋଇଥାଏ । ତେଣୁ ସୈନିକମାନେ ଦୁର୍ବଳ ହୋଇପଡ଼ନ୍ତି । ଯୁଦ୍ଧ କରିବାର ଶକ୍ତି ସେମାନଙ୍କର ନଷ୍ଟ ହୁଏ । ସେମାନେ ହୀନବଳ ହୋଇପଡ଼ନ୍ତି ।

କେବଳ ବିବାହ ନୁହେଁ, ପ୍ରେମରେ ମଧ୍ୟ ସମ୍ରାଟ ଅଙ୍କୁଶ ଲଗାଇଥିଲେ । ପ୍ରେମରେ ପଡ଼ିଲେ ଶାରୀରିକ ସମ୍ପର୍କ ଏବଂ ବିବାହ ପାଇଁ ମନବଳେ, ଫଳରେ ସୈନିକ ତା'ର ଅସଲ ଲକ୍ଷ୍ୟରୁ ଓହରିଯାଏ ।

ଠିକ୍ ଏଇ ସମୟରେ ଯୁବ ସନ୍ନ୍ୟାସୀ ସେଣ୍ଟ୍ 'ଭାଲେଣ୍ଟାଇନ୍'ଙ୍କ ଆବିର୍ଭାବ ହୁଏ । ସେ କହନ୍ତି- ପ୍ରେମ ଏବଂ ବିବାହ ଏକ ଅନନ୍ୟ ଅନୁଭବ । ସେ ଲୁଚାଛପାରେ ସୈନିକଙ୍କ ବିବାହ କରାଇବାକୁ ଲାଗନ୍ତି । ପ୍ରେମିକ-ପ୍ରେମିକାମାନଙ୍କୁ ପ୍ରେମ କରିବାକୁ ଉତ୍ସାହିତ କରନ୍ତି । ସମ୍ରାଟଙ୍କୁ ଜଣେ ସନ୍ନ୍ୟାସୀ ବିରୋଧ କରୁଥିବାର ଜାଣି ସମ୍ରାଟ କ୍ଲାଉଡିୟସ୍ ତାଙ୍କୁ ମୃତ୍ୟୁଦଣ୍ଡ ଦିଅନ୍ତି ।

ଅନ୍ୟ ଏକ କାହାଣୀ ଅନୁଯାୟୀ ଭାଲେଣ୍ଟାଇନ୍‌ଙ୍କୁ ରାଜାଙ୍କ ଆଦେଶ ଅମାନ୍ୟ କରିବା ଅପରାଧରେ ଜେଲ୍‌ରେ ରଖାଯାଇଥିଲା । ଜେଲ୍‌ରେ ଥିବାବେଳେ ତାଙ୍କୁ ଭେଟିବାକୁ ଆସୁଥିବା ଜେଲର୍‌ଙ୍କ ଝିଅର ପ୍ରେମରେ ପଡ଼ିଯାଇଥିଲେ ସେ । ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯିବା ପୂର୍ବରୁ ସେ ନିଜ ପ୍ରେମିକା ପାଇଁ ଚିଠିଟିଏ ଲେଖି ପଠାଇଥିଲେ, ସେଥିରେ ସେ ସ୍ୱାକ୍ଷର କରିଥିଲେ 'ଫ୍ରମ୍ ଇୟୋର ଭାଲେଣ୍ଟାଇନ୍' । ଆଜି ମଧ୍ୟ ଭାଲେଣ୍ଟାଇନ୍ ଡେ' ଗ୍ରୀଟିଙ୍ଗ କାର୍ଡରେ ଏହା ବ୍ୟବହାର ହୋଇଆସୁଛି ।

ସେଣ୍ଟ୍ ଭାଲେଣ୍ଟାଇନ୍‌ଙ୍କ ସମ୍ପର୍କରେ କିମ୍ବଦନ୍ତୀ ଯାହା ଥାଉନା କାହିଁକି ତାଙ୍କୁ ସମସ୍ତେ ଜଣେ ହୃଦୟବାନ୍, ସାହସୀ ଓ ସମ୍ବେଦନଶୀଳ ସେଣ୍ଟ୍ ଭାବରେ ଗ୍ରହଣ କରିଛନ୍ତି । ମଧ୍ୟଯୁଗ ବେଳକୁ ଇଂଲଣ୍ଡ ଓ ଫ୍ରାନ୍ସରେ ଭାଲେଣ୍ଟାଇନ ସେଣ୍ଟ୍ ଭାବରେ ସବୁଠାରୁ ଲୋକପ୍ରିୟ ହୋଇସାରିଥିଲେ ।

**କେଉଁଠି କେବେ ପ୍ରେମ ଦିବସ**

ସ୍ଲୋଭେନିଆରେ ଫେବୃଆରୀ ୧୪କୁ ଭାଲେଣ୍ଟାଇନ୍ ଡେ' ଭାବରେ ପାଳନ କରାଯାଏ । ଏହି ଦିନ ପ୍ରଥମ କରି ଫଳ ବଗିଚା ଓ ଚାଷଜମିରେ କାମ ଆରମ୍ଭ ହୁଏ । ସ୍ଲୋଭେନିଆର ଲୋକକଥା ଅନୁଯାୟୀ ପକ୍ଷୀମାନେ ନିଜ ସାଥୀକୁ ବିବାହ ପାଇଁ ଏହି ଦିନ ପ୍ରସ୍ତାବ ଦିଅନ୍ତି । ଏହାକୁ ବସନ୍ତର ଆଗମନୀ ଦିବସ ଭାବରେ ମଧ୍ୟ ପାଳନ କରାଯାଏ । ତେବେ ଏଠାରେ ପ୍ରେମର ଦିବସ ମାର୍ଚ୍ଚ ୧୨, ସେଣ୍ଟ ଗ୍ରେଗୋରି ଡେ' ଭାବରେ ଏହାକୁ ପାଳନ କରାଯାଏ ।

ରୋମାନିଆରେ ପାରମ୍ପରିକ ପ୍ରେମ ଦିବସକୁ କୁହାଯାଏ ଡ୍ରାଗୋବେଟ୍, ଏଠାରେ ଏହା ଏକ ଛୁଟିଦିନ । ଫେବୃଆରୀ ୨୪ରେ ପାଳିତ ହୁଏ ଏହି ଡ୍ରାଗୋବେଟ୍ ।

ତୁର୍କିରେ ଭାଲେଣ୍ଟାଇନ୍ ଡେ'କୁ କୁହାଯାଏ ସେଭ୍‌ଗିଲିଲେର ଗୁନୁ (ସୁଇଟ୍‌ହାର୍ଟ ଡେ') ।

ଇହୁଦୀ ପରମ୍ପରା ଅନୁଯାୟୀ ଅଗଷ୍ଟ ମାସର ପଞ୍ଚଦଶ ଦିନ ପ୍ରେମର ଦିନ । ପ୍ରେମ ପାଇଁ ପ୍ରଥମ ପରିପ୍ରକାଶ ଓ ବିବାହ ପ୍ରସ୍ତାବର ଦିନ ଭାବରେ ଏହା ପାଳନ କରାଯାଏ ।

ମେକ୍ସିକୋ, ଗୁଏଟ୍‌ମାଲା ଓ ଏଲ-ସାଲ୍‌ଭେଡ଼ୋରରେ ଭାଲେଣ୍ଟାଇନ୍ ଡେ'କୁ ବନ୍ଧୁତା ଓ ପ୍ରେମର ଦିନ ଭାବରେ ପାଳନ କରାଯାଏ ।

ବ୍ରାଜିଲରେ ପ୍ରେମର ଦିବସ ଭାବରେ ପାଳନ କରାଯାଏ ଜୁନ୍ ୧୨ ତାରିଖକୁ । ବିବାହର ଦେବଦୂତ ସେଣ୍ଟ ଆଣ୍ଟୋନୀଙ୍କ ଫେଷ୍ଟା ଜୁନିନା ଉତ୍ସବର ଠିକ୍ ଦିନେ ଆଗରୁ ପାଳିତ ହୁଏ ଏହି ପ୍ରେମ ଦିବସ । 'ଫେଷ୍ଟା ଜୁନିନା' ଅବସରରେ ଅବିବାହିତା ଯୁବତୀମାନେ ମନପସନ୍ଦର ଜୀବନସାଥୀ ପାଇବା ନିମନ୍ତେ 'ସିମ୍ପାଟିଆସ୍' ନାମକ ଏକ ବ୍ରତ ରଖନ୍ତି ।

କଲମ୍ବିଆରେ ସେପ୍ଟେମ୍ବର ମାସର ତୃତୀୟ ଶନିବାରକୁ ପ୍ରେମ ଓ ବନ୍ଧୁତାର ଦିବସ ଭାବରେ ପାଳନ କରାଯାଏ ।

ଜାପାନରେ 'ଭାଲେଣ୍ଟାଇନ୍ ଡେ' ଅବସରରେ ମହିଳାମାନେ ନିଜ ପୁରୁଷ ବନ୍ଧୁମାନଙ୍କୁ ଚକୋଲେଟ୍ ଉପହାର ଦିଅନ୍ତି । ମାସେ ପରେ ଅର୍ଥାତ୍ ମାର୍ଚ୍ଚ ୧୪ ତାରିଖରେ ପୁରୁଷମାନେ ମହିଳାମାନଙ୍କୁ ଏହି ଚକୋଲେଟ୍ ପ୍ରତିବଦଳରେ ଏକ ଉପହାର ଦିଅନ୍ତି । ଏହି ଉପହାର ମଧ୍ୟ ଚକୋଲେଟ୍ ଭାବରେ ।

ଦକ୍ଷିଣ କୋରିଆରେ ମଧ୍ୟ ମହିଳାମାନେ ପୁରୁଷଙ୍କୁ ଫେବୃଆରୀ ୧୪ ତାରିଖରେ ଚକୋଲେଟ୍ ଉପହାର ଦିଅନ୍ତି ଓ ପୁରୁଷମାନେ ମାର୍ଚ୍ଚ ୧୪ ତାରିଖରେ ଏହି ଉପହାର ପ୍ରତିବଦଳରେ ଚକୋଲେଟ୍ ଦିଅନ୍ତି । ଯେଉଁମାନେ ଫେବୃଆରୀ ୧୪ରୁ ମାର୍ଚ୍ଚ ୧୪ ମଧ୍ୟରେ କୌଣସି ଉପହାର ପାଇନଥାନ୍ତି ସେମାନେ ଏପ୍ରିଲ ୧୪ ତାରିଖରେ ରେଷ୍ଟୁରାଣ୍ଟରେ କଳା ନୁଡୁଲସ୍ ଖାଇ ନିଜ ଏକାକୀ ଜୀବନ ପାଇଁ ଦୁଃଖ ମନାନ୍ତି । ତେବେ ନଭେମ୍ବର ୧୧ ତାରିଖକୁ କୋରିଆନ୍‌ମାନେ ପ୍ରେମ ଦିବସ ଭାବରେ ପାଳନ କରନ୍ତି । ଯୁବ ଦମ୍ପତିମାନେ ଏହି ଦିନ ପରସ୍ପରକୁ ଉପହାର ଦିଅନ୍ତି । ତେବେ କୋରିଆରେ ଜାନୁଆରୀରୁ ଡିସେମ୍ବର ପର୍ଯ୍ୟନ୍ତ ପ୍ରତ୍ୟେକ ମାସର ୧୪ ତାରିଖକୁ ପ୍ରେମ ସମ୍ପର୍କିତ ଦିବସ ଭାବରେ ପାଳନ କରାଯାଏ । ଯଥା କ୍ୟାଣ୍ଡେଲ୍ ଡେ, ଭାଲେଣ୍ଟାଇନ୍ ଡେ, ବ୍ଲାକ ଡେ, ରୋଜ ଡେ, କିସ୍ ଡେ, ସିଲଭର ଡେ, ଗ୍ରୀନ ଡେ, ମ୍ୟୁଜିକ ଡେ, ୱାଇନ ଡେ, ମୁଭି ଡେ, ଏବଂ ହଗ୍ ଡେ ।

ଜାପାନରେ ପାରମ୍ପରିକ ଭାବରେ ଜୁଲାଇ ୭ ତାରିଖକୁ ପ୍ରେମ ଦିବସ ଭାବରେ ପାଳନ କରାଯାଏ । ତେବେ ଏଠାରେ ମଧ୍ୟ ଭାଲେଣ୍ଟାଇନ୍ ଡେ ପାଳନ ବଢ଼ିବାରେ ଲାଗିଛି ।

ପାରମ୍ପରିକ ଭାବରେ ଭାରତରେ ବସନ୍ତ ଋତୁକୁ ପ୍ରେମର ଋତୁ ବୋଲି କୁହାଯାଏ । ଭାଲେଣ୍ଟାଇନ୍ ଡେ' ମଧ୍ୟ ଆସେ ସେହି ବସନ୍ତ ଋତୁରେ । ଭାରତରେ ନବେଦଶକର ମଧ୍ୟଭାଗରେ 'ଭାଲେଣ୍ଟାଇନ୍ ଡେ'ର ପ୍ରଚଳନ ବଢ଼ିଲା । ମାତ୍ର ୨୦୦୧ ମସିହା ପରଠାରୁ 'ଭାଲେଣ୍ଟାଇନ୍ ଡେ'କୁ ବିରୋଧ କରିବା ଆରମ୍ଭ ହୋଇଛି । ଭାରତରେ ଭାଲେଣ୍ଟାଇନ୍ ଡେ' ଅବସରରେ ମୁଖ୍ୟତଃ କାର୍ଡ, ଗୋଲାପ ଓ ଉପହାର ଆଦାନ ପ୍ରଦାନ ହୋଇଥାଏ । ଭାଲେଣ୍ଟାଇନ୍ ଡେ'କୁ ଏପର୍ଯ୍ୟନ୍ତ ଦେଶରେ ସାମାଜିକ ସ୍ୱୀକୃତି ମିଳିନାହିଁ ।

**ପ୍ରେମର ଉପହାର**

କ'ଣ ଉପହାର ଦେବେ ପ୍ରେମିକ/ପ୍ରେମିକାଙ୍କୁ ଏଇ ଚିନ୍ତାଥାଏ ଭାଲେଣ୍ଟାଇନ୍ ଡେ' ଅବସରରେ । କେବଳ କାର୍ଡ କିମ୍ବା ଚିଠିରେ ମନ ବୁଝେନି । ସବୁବେଳେ ଶବ୍ଦରେ ବି ମନର ସବୁ ଭାଷା ପ୍ରକାଶ କରିହୁଏନି । ତା'ହେଲେ ଆସନ୍ତୁ ଜାଣିବା ପ୍ରେମର କିଛି ପ୍ରତୀକ ବିଷୟରେ, କ'ଣ କୁହନ୍ତି ସେଗୁଡ଼ିକ ।



**ହୃଦୟ :** ପ୍ରେମର ସବୁଠାରୁ ସାଧାରଣ ପ୍ରଚଳିତ ପ୍ରତୀକ ହୃଦୟ । ପ୍ରେମିକା/ପ୍ରେମିକଙ୍କୁ ଏହା ଅନେକ କିଛି କହେ । ଏହା କୁହେ ମୋ ଜୀବନ ପାଇଁ ତୁମ ପ୍ରେମ ସବୁଠୁ ଜରୁରୀ । ହୃଦୟ ପ୍ରେମ ସହ ଜୀବନର ମଧ୍ୟ ପ୍ରତୀକ । ତେଣୁ ଭାଲେଣ୍ଟାଇନ୍ ଡେ'ରେ ହୃଦୟ ଆକାରର କୁଶନ୍, ଚକୋଲେଟ୍, କେକ୍ ଆଦି ଦେଇପାରନ୍ତି ଆପଣ ନିଜ ପ୍ରେମର ପରିପ୍ରକାଶ ପାଇଁ ।

**ଗୋଲାପ :** ପ୍ରେମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ବହନ କରେ ଲାଲ୍ ଗୋଲାପ । ତେବେ ଆପଣଙ୍କର ପ୍ରକୃତ ଭାବନା କ'ଣ ଏହାକୁ ଆପଣ ବିଭିନ୍ନ ରଙ୍ଗର ଗୋଲାପ ମାଧ୍ୟମରେ ସହଜରେ ପ୍ରକାଶ କରିପାରିବେ । ହଳଦିଆ ଗୋଲାପ ବନ୍ଧୁତ୍ୱର ସନ୍ଦେଶ ଦେଲାବେଳେ ଧଳା ଗୋଲାପ ନିରନ୍ତର ପ୍ରେମର ସନ୍ଦେଶ ବହନ କରେ । ଗୋଲାପୀ ରଙ୍ଗର ଗୋଲାପ କୁହେ, ମୁଁ ତୁମର ପ୍ରଶଂସକ, ଗାଢ଼ ଲାଲ ରଙ୍ଗ ଅନ୍ତର୍ନିହିତ ସୌନ୍ଦର୍ଯ୍ୟର ସନ୍ଦେଶ ଦିଏ । ଆଉ କଣ୍ଟା ନଥିବା ଗୋଲାପ କୁହେ- ମୁଁ ପ୍ରଥମ ଦେଖାରେ ତୁମକୁ ହୃଦୟ ଦେଇ ବସିଛି ।

**କ୍ୟୁପିଡ୍ (କାମଦେବ) :** ଯୁବକ-ଯୁବତୀଙ୍କ ମଧ୍ୟରେ ପ୍ରେମ ଆଉ ଆକର୍ଷଣର ପ୍ରତୀକ ଭାବରେ ସ୍ୱୀକାର କରାଯାଏ ଗ୍ରୀସ୍ ପୁରାଣର ଦେବତା କ୍ୟୁପିଡ୍‌ଙ୍କୁ । ହିନ୍ଦୁ ପୁରାଣ ଅନୁଯାୟୀ ସେ କାମଦେବ । ଲାଟିନ୍ ଭାଷାରେ କ୍ୟୁପିଡ୍‌ର ଅର୍ଥ ଇଚ୍ଛା । ତେଣୁ ପ୍ରେମିକ ପ୍ରେମିକାଙ୍କର ପରସ୍ପର ପ୍ରତି ଆଗ୍ରହକୁ କ୍ୟୁପିଡ୍ ଦ୍ୱାରା ପ୍ରକାଶ କରାଯାଏ ।

**ଆପେଲ୍ ଓ ଷ୍ଟ୍ରବେରୀ :** ଏହା କେବଳ ପ୍ରେମର ପ୍ରତୀକ ନୁହେଁ । ଏହା ଆନନ୍ଦ, ପ୍ରାଚୁର୍ଯ୍ୟ, ସମ୍ଭାବନା ଓ ସୃଜନର ପ୍ରତୀକ । ଆପେଲ ନାରୀ ସୌନ୍ଦର୍ଯ୍ୟ ଓ ପ୍ରେମର ପ୍ରତୀକ ମଧ୍ୟ ।

**ପ୍ରେମ ପକ୍ଷୀ ଓ କପୋତ :** କପୋତ ଶୁଦ୍ଧତା, ନିଷ୍କପଟତା ଓ ଶାନ୍ତିର ପ୍ରତୀକ । ସେହିପରି ପ୍ରେମପକ୍ଷୀ (ଲଭବାର୍ଡ) ଅଭିନ୍ନତାର ପ୍ରତୀକ । ତେଣୁ ଏହି ପକ୍ଷୀ ଯୋଡ଼ିର ସେରାମିକ କିମ୍ବା କାଚ ନିର୍ମିତ ଶୋ' ପି ସ ଉପହାର ଦେବାପାଇଁ ଖୁବ୍ ଉପଯୋଗୀ ।

**ଲଭ ନଟ୍ :** ପୁରୁଣା ସମୟରେ ପ୍ରେମିକ-ପ୍ରେମିକାମାନେ ସୂତା ବା କପଡ଼ାରେ ଗଣ୍ଠି ପକାଇ ପରସ୍ପର ମଧ୍ୟରେ ଭାବ ବିନିମୟ କରୁଥିଲେ । ଏଥିରୁ ସୃଷ୍ଟି ହୋଇଛି ଲଭ୍ ନଟ୍ । ଏହା ଚିରନ୍ତନ ପ୍ରେମର ପାରମ୍ପରିକ ପ୍ରତୀକ ।

**ପ୍ରେମପତ୍ର :** ନିଜ ଭାବନାକୁ ଶବ୍ଦରେ ପ୍ରକାଶ କରିବାର ଅନ୍ୟ ଏକ ବଳିଷ୍ଠ ମାଧ୍ୟମ ପ୍ରେମପତ୍ର । ବର୍ତ୍ତମାନର 'ଇମେଲ୍' ଓ 'ଏସ୍‌ଏମ୍‌ଏସ୍' ଯୁଗରେ ପ୍ରେମପତ୍ର ଲେଖିବା ବିଷୟରେ ଶୁଣିଲେ ଅଡୁଆ ଲାଗୁଥାଇ ପାରେ । ମାତ୍ର ଇମେଲ୍ ଓ ଏସଏମ୍‌ଏସ୍ ଠାରୁ ଢେର୍ ଭିନ୍ନ ଏହି ଉପହାର ।

**ତାଜମହଲ :** ପ୍ରେମିକ ପ୍ରେମିକାମାନେ ପ୍ରେମର ପ୍ରତୀକ ତାଜମହଲକୁ ଭୁଲିଯିବା ଉଚିତ୍ ନୁହେଁ । ସପ୍ତଦଶ ଶତାବ୍ଦୀରେ ମୋଗଲ ସମ୍ରାଟ ଶାହାଜାହାନ୍ ନିଜ ପ୍ରିୟତମା ପତ୍ନୀ ମମତାଜ ମହଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମାଣ କରିଥିବା ତାଜମହଲ ସାଢ଼େ ୩ଶହ ବର୍ଷରୁ ଅଧିକ କାଳ ବିଶ୍ୱବ୍ୟାପୀ ପ୍ରେମର ସର୍ବୋତ୍କୃଷ୍ଟ ପ୍ରତୀକ ଭାବରେ ବିବେଚିତ ହୋଇ ଆସୁଛି । ତେଣୁ ତାଜମହଲର ପ୍ରତୀକଟିଏ ଆପଣ ଦେଇପାରିବେ ଉପହାର ଭାବରେ ।

**ଆଉ କିଛି କଥା**

ପ୍ରତିବର୍ଷ ପ୍ରାୟ ଏକ ବିଲିୟନ ଭାଲେଣ୍ଟାଇନ୍ କାର୍ଡ ଆଦାନ ପ୍ରଦାନ ହୁଏ । କାର୍ଡ ନିର୍ମାଣକାରୀ ସଂସ୍ଥା 'ହଲ୍‌ମାର୍କ' ୧୩୦୦ ପ୍ରକାରର କାର୍ଡ ପ୍ରସ୍ତୁତ କରିଥାଏ ପ୍ରତି ଭାଲେଣ୍ଟାଇନ୍ ଡେ ଅବସରରେ । ଅଧିକାଂଶ ଭାଲେଣ୍ଟାଇନ୍ ଡେ' କାର୍ଡ (ପ୍ରାୟ ୮୩ ପ୍ରତିଶତ) ମହିଳାମାନେ କିଣନ୍ତି ।

ଅର୍ଦ୍ଧାଧିକ ପ୍ରେମିକ/ପ୍ରେମିକା ମଜାଳିଆ ଓ ୩୧ ପ୍ରତିଶତ ରୋମାଣ୍ଟିକ ଭାଲେଣ୍ଟାଇନ୍ ଡେ' କାର୍ଡ ପସନ୍ଦ କରନ୍ତି । ୮.୨ ପ୍ରତିଶତ ସାଧାରଣ କାର୍ଡ ଚାହାଁନ୍ତି ।

ଫେବୃଆରୀ ୧୪ ତାରିଖ ଫୁଲ ବ୍ୟବସାୟୀମାନଙ୍କ ପାଇଁ ସବୁଠାରୁ ବଡ଼ ଦିନ । ସାରା ବିଶ୍ୱରେ ଫୁଲ ବ୍ୟବସାୟର ଅର୍ଦ୍ଧାଧିକ ଏହି ଦିନରେ ହୋଇଥାଏ ।୭୩ ପ୍ରତିଶତ ପ୍ରେମିକ ସେମାନଙ୍କ ପ୍ରେମିକାଙ୍କ ପାଇଁ ଫୁଲ କିଣୁଥିବା ସ୍ଥଳେ ମାତ୍ର ୨୭ ପ୍ରତିଶତ ପ୍ରେମିକା ଫୁଲ କିଣନ୍ତି ସେମାନଙ୍କ ପ୍ରେମିକଙ୍କ ପାଇଁ ।

ମହିଳାଙ୍କ ତୁଳନାରେ ଅଧିକ ପୁରୁଷ ଭାଲେଣ୍ଟାଇନ୍ ଡେ' ନିମନ୍ତେ ଉପହାର କିଣନ୍ତି । ପୁରୁଷମାନେ ଏହି ଦିନ ମହିଳାମାନଙ୍କ ତୁଳନାରେ ଅଧିକ ଦାମୀ ଉପହାର ମଧ୍ୟ କିଣନ୍ତି ।

୧୮୭୬ ମସିହା ଭାଲେଣ୍ଟାଇନ୍ ଡେ'ରେ ଆଲେକ୍‌ଜାଣ୍ଡାର ଗ୍ରାହମ୍ ବେଲ୍ ତାଙ୍କ ଟେଲିଫୋନ ନିମନ୍ତେ ପ୍ୟାଟେଣ୍ଟ ଅଧିକାର ଆବେଦନ କରିଥିଲେ ।

ଆମେରିକାର ମିସ୍ ଇଷ୍ଟର ହାଓଲ୍ୟାଣ୍ଡ ସର୍ବପ୍ରଥମେ ଭାଲେଣ୍ଟାଇନ୍ ଡେ' କାର୍ଡ ପଠାଇଥିଲେ ।

ଭାଲେଣ୍ଟାଇନ୍ ଡେ'ର ମୁଖ୍ୟ ରଙ୍ଗ ଧଳା, ଗୋଲାପୀ ଓ ଲାଲ୍ । ଗୋଲାପୀ ରଙ୍ଗ ସୂକ୍ଷ୍ମତା ଓ କୋମଳତାର ପ୍ରତୀକ । ଏହି ରଙ୍ଗ ସେଣ୍ଟ୍ ଭାଲେଣ୍ଟାଇନ୍‌ଙ୍କ ସହ ଜଡ଼ିତ । କୁହାଯାଏ ତାଙ୍କୁ କବର ଦେବାବେଳେ ହଠାତ୍ ପେସ୍ତାବାଦାମ ଗଛରେ ଗୋଲାପୀ ଫୁଲ ଫୁଟିଥିଲା । ଲାଲ୍ ଉଷ୍ମତା ଓ ଭାବନାର ରଙ୍ଗ । ହୃଦୟର ରଙ୍ଗ । ଆଉ ଧଳା ରଙ୍ଗ ଶୁଦ୍ଧତା ଓ ବିଶ୍ୱାସର ସୂଚକ ।

ଇଟାଲିର ଭେରେନା ସହରରେ ରହୁଥିଲେ ସେକ୍ସପିୟରଙ୍କ କାହାଣୀର ପ୍ରେମିକ-ପ୍ରେମିକା ରୋମିଓ-ଜୁଲିଏଟ୍ । ଏବେ ବି 'ଭାଲେଣ୍ଟାଇନ ଡେ'ରେ ଶହ ଶହ ପ୍ରେମପତ୍ର ପହଞ୍ଚେ ଜୁଲିଏଟ୍‌ଙ୍କ ଠିକଣାରେ, ଜୁଲିଏଟ୍‌ଙ୍କ ନାଁରେ । ପୁରୁଷମାନେ ହିଁ ପଠେଇଥାନ୍ତି ଏସବୁ ପତ୍ର । ରୋମିଓଙ୍କ ନାଁରେ ଖୁବ୍ କମ୍ ଚିଠି ପହଞ୍ଚେ ଇଟାଲିରେ ।

କ୍ୟୁପିଡ୍ ହେଉଛନ୍ତି ରୋମ୍‌ର ସୌନ୍ଦର୍ଯ୍ୟ ଏବଂ ପ୍ରେମର ଦେବତା । ତାଙ୍କୁ ଭାଲେଣ୍ଟାଇନ ଡେ ସହ ଯୋଡ଼ାଯାଏ । ସେ ଗୋଟେ ହାତରେ ଧନୁ ଏବଂ ଆଉ ଗୋଟେ ହାତରେ ଶର ଧରିଥାନ୍ତି । ସେ ପ୍ରେମଶର ମାରିଲେ ନାରୀ ପୁରୁଷଙ୍କ ଦେହମନରେ ପ୍ରେମର ଭାବ ଜାଗ୍ରତ ହୋଇଥାଏ ।

୧୫୩୭ରେ ଇଂଲଣ୍ଡର ରାଜା ହେନେରୀ-ଅଷ୍ଟମ ଫେବୃଆରୀ ୧୪ ତାରିଖକୁ ଛୁଟି ଦିବସ ରୂପେ ପାଳନ କରିବା ପାଇଁ ଘୋଷଣା କରିଥିଲେ ।

ନାଲି ଗୋଲାପ ରୋମର ପ୍ରେମର ଦେବୀ ଭେନସ୍‌ଙ୍କ ପ୍ରିୟ ଫୁଲ ହୋଇଥିବାରୁ ଏଇଦିନ ପ୍ରେମିକ ପ୍ରେମିକାମାନେ ନାଲି ଗୋଲାପର ଆଦାନପ୍ରଦାନ କରିଥାନ୍ତି । ନାଲିରଙ୍ଗ ଗଭୀର ଅଭିବ୍ୟକ୍ତିର ପ୍ରତୀକ ହୋଇଥିବାରୁ ଏହି ରଙ୍ଗର ଗୋଲାପକୁ ପ୍ରଗାଢ଼ ପ୍ରେମର ଅଭିବ୍ୟକ୍ତି ପାଇଁ ମଧ୍ୟ ବ୍ୟବହାର କରାଯାଏ ।








## ପ୍ରେମ ସମ୍ପର୍କରେ...

ସନ୍ଥ ଭାଲେଣ୍ଟାଇନ୍‌ଙ୍କ ସ୍ମୃତିରେ ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀ ଦେଶମାନଙ୍କରେ ଆରମ୍ଭ ହୋଇଥିଲା ଭାଲେଣ୍ଟାଇନ୍ ଡେ' ବା ପ୍ରେମ ଦିବସ ପାଳନର ପରମ୍ପରା । ଏବେ ୟୁରୋପ ମହାଦେଶରୁ ସାରା ବିଶ୍ୱକୁ ବ୍ୟାପିଲାଣି ଏହାର ପ୍ରଚଳନ । ନେପାଳ ପରି ହିନ୍ଦୁ ରାଷ୍ଟ୍ର ହେଉ, ଭାରତ ପରି ହିନ୍ଦୁବହୁଳ ରାଷ୍ଟ୍ର ହେଉ ବା ଇରାନ୍ ପରି ରକ୍ଷଣଶୀଳ ମୁସଲମାନ ରାଷ୍ଟ୍ର ହେଉ, ସବୁଠାରେ ପହଞ୍ଚିଛି ଏହି ଦିବସ ପାଳନର ଉତ୍ସାହ । ଏଥିସହିତ ଆରମ୍ଭ ହୋଇଛି ଅନେକ ସମାଲୋଚନା ଓ ପ୍ରତିକ୍ରିୟା । ପ୍ରତ୍ୟେକ ରକ୍ଷଣଶୀଳ ଗୋଷ୍ଠୀ ଏହାକୁ ପ୍ରେମ ନୁହେଁ ବରଂ ପ୍ରେମ ନାମରେ ଉଚ୍ଛୃଙ୍ଖଳତା ଓ ପ୍ରେମର ବ୍ୟବସାୟୀକରଣ ବୋଲି ମତ ଦେଉଛନ୍ତି । ଏହା ସାମାଜିକ ମୂଲ୍ୟବୋଧର ଅବକ୍ଷୟ ବୋଲି କୌଣସି ଗୋଷ୍ଠୀ କହୁଥିବା ବେଳେ ଆଉ କୌଣସି ଗୋଷ୍ଠୀ ଅଣଧାର୍ମିକ ବୋଲି ମତ ଦେଉଛନ୍ତି । ପ୍ରେମଦିବସ ପ୍ରତି ବିଚାରଧାରା ଯାହା ବି ହୋଇଥାଉନା କାହିଁକି ପ୍ରେମକୁ ସମସ୍ତେ ସ୍ୱାଗତ କରନ୍ତି । ପ୍ରେମ ବଞ୍ଚିବାର କଳା, ଏହା ବ୍ୟତୀତ ବଞ୍ଚିବାର କୌଣସି ଅର୍ଥ ନଥାଏ କୁହନ୍ତି ମନୀଷୀମାନେ । ତା'ହେଲେ ଆସନ୍ତୁ ଦେଖିବା ପ୍ରେମ ସମ୍ପର୍କରେ କ'ଣ କହିଛନ୍ତି ବିଶ୍ୱର ମହାନ୍ ବ୍ୟକ୍ତିତ୍ୱମାନେ ।




ଯଦି ତୁମ ପାଖରେ ପ୍ରେମ ଅଛି ତା'ହେଲେ ଆଉ କିଛି ଖୋଜିବାର ଆବଶ୍ୟକତା ନାହିଁ । ଯଦି ତୁମ ପାଖରେ ପ୍ରେମ ନାହିଁ ତା'ହେଲେ ଅନ୍ୟ ସବୁ କିଛି ଥିବାର କୌଣସି ମାନେ ନାହିଁ ।

**ସାର୍ ଜେମ୍ସ ଏମ୍ ବେରୀ**

ପ୍ରକୃତ ପ୍ରେମ ନିରବରେ ଆସେ । ଏଥିପାଇଁ କୌଣସି ବ୍ୟାନର ଲାଗେନି କିମ୍ବା ଆଲୋକମାଳା ସଜ୍ଜା ହୁଏନି । ଯଦି ଆପଣ ଭାବୁଛନ୍ତି ପ୍ରେମ ହେଲେ ମନର ଉତ୍ତେଜନା ବଢ଼ିଯାଏ ତେବେ ଆପଣ ସଚ୍ଚା ପ୍ରେମ ପାଖରେ ପହଞ୍ଚି ନାହାନ୍ତି ।

**ଏରିକ୍ ସିଗଲ,** ବିଖ୍ୟାତ ଆର୍କିଟେକ୍ଟ

ଏମିତିରେ ନିଶ୍ୱାସ ପ୍ରଶ୍ୱାସ ଚାଲୁଥିଲେ ବି ଜୀବନ ଥାଏ । ମାତ୍ର ଆମେ ପ୍ରକୃତରେ ବଞ୍ଚିବା ଶିଖେ ଯେତେବେଳେ ଆମେ ପ୍ରେମ କରେ ।

**ନିର୍ମଳ ବର୍ମା, ଲେଖକ**

ପ୍ରେମପୂର୍ଣ୍ଣ ହୃଦୟ ନିଜ ପ୍ରେମାସ୍ପଦର ଭୁଲ୍‌ରେ ତାକୁ ଦୟାକରେ ଆଉ ନିଜେ ଯେତେ ଆଘାତ ପାଇଲେ ମଧ୍ୟ ତାକୁ ହିଁ ନିରନ୍ତର ପ୍ରେମ କରେ ।

**ମହାତ୍ମା ଗାନ୍ଧୀ**

ପ୍ରେମ ଥରେ ଛୁଇଁଦେଲେ ନିରସ ମଣିଷ ବି କବି ପାଲଟିଯାଏ ।

**ପ୍ଲେଟୋ, ଦାର୍ଶନିକ**

ଯାହା ପ୍ରତି ଥରେ ପ୍ରେମ ହୋଇଯାଏ ତା' ପ୍ରତି କେବେ ଦ୍ୱେଷ ହୁଏ ନାହିଁ, ସେ ଆମ ପ୍ରତି ଯେତେ ଅନ୍ୟାୟ କରୁନା କାହିଁକି ପ୍ରେମ କମ୍ ହୋଇଯାଏ ନାହିଁ ।

**ପ୍ରେମଚାନ୍ଦ, ଔପନ୍ୟାସିକ**

କୌଣସି ଶତ୍ରୁକୁ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗିବାର ଶ୍ରେଷ୍ଠ ଉପାୟ ତାକୁ ପ୍ରେମ କରିବା ।

**ଆବ୍ରାହମ ଲିଙ୍କନ,** ପୂର୍ବତନ ରାଷ୍ଟ୍ରପତି, ଆମେରିକା

ପ୍ରେମ ସମାଜ ଉପରେ କଳ୍ପନାର ବିଜୟ ।

**ହେନରୀ ଲୁଇସ ମେନ୍‌କେନ୍, ସାମ୍ବାଦିକ, ସମାଲୋଚକ**

ପ୍ରେମ ଠାରୁ ଦୂରରେ ରହିବା ଅପେକ୍ଷା ଢେର ଭଲ ପ୍ରେମ କରି ବରବାଦ୍ ହୋଇଯିବା ।

**ସେଣ୍ଟ୍ ଅଗଷ୍ଟାଇନ୍**

ଯଦି ଯେଉଁ ବ୍ୟକ୍ତି ଆପଣଙ୍କ ସାମ୍ନାରେ ଅଛି ଆପଣ ତାକୁ ପ୍ରେମ କରି ପାରୁନାହାନ୍ତି ତା'ହେଲେ ଆପଣ ଭଗବାନଙ୍କୁ କେମିତି ପ୍ରେମ କରିପାରିବେ ଯାହାକୁ ଆପଣ କେବେ ଦେଖିପାରୁ ନାହାନ୍ତି ।

**ମଦର ଟେରେସା**

ସମସ୍ତଙ୍କୁ ପ୍ରେମ କର, ଭରସା କେତେଜଣଙ୍କ ଉପରେ କର, ଘୃଣା କାହାକୁ ବି ନକର ।

**ଯିଶୁଖ୍ରୀଷ୍ଟ**

ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱଟିଏ ଖୋଜି ତାକୁ ଭଲପାଇବା ପ୍ରେମ ନୁହେଁ, ବରଂ ଅସମ୍ପୂର୍ଣ୍ଣ ମଣିଷ ମଧ୍ୟରେ ପୂର୍ଣ୍ଣତା ଦେଖିବା ହିଁ ପ୍ରେମ ।

**ସେମ୍ କିନ୍**

ମୁଁ ସୁନ୍ଦର ବୋଲି ତୁମେ ମତେ ପ୍ରେମକର ନା ମତେ ପ୍ରେମକର ଏଥିପାଇଁ ମୁଁ ସୁନ୍ଦର ।

**ସିଣ୍ଡ୍ରେଲା (ପରୀ କାହାଣୀ)**

ପ୍ରେମ ତାକୁ ହିଁ କର ଯାହା ସହିତ ରହି ମଧ୍ୟ ତୁମେ ଏକାକୀ ରହିପାରିବ, ଯାହା ସହ ରହି ତୁମର ଏକାକୀତ୍ୱ ନଷ୍ଟ ହେବନି, ତମର ନିଃସଙ୍ଗତା ଓ ଏକାନ୍ତ ଶୁଦ୍ଧ ରହିବ । ଯେ ଅକାରଣ ଆପଣଙ୍କ ଏକାକୀତ୍ୱ ଭିତରକୁ ପ୍ରବେଶ କରିବନି ଏବଂ ତୁମ ସୀମାକୁ ଆଦର କରିବ ।

**ଅମୃତା ପ୍ରୀତମ୍,** ଲେଖିକା

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୪ ଫେବୃଆରୀ ୨୦୨୬ । ଶନିବାର

## ବାଲି ମାଫିଆଙ୍କ ଆକ୍ରମଣରେ ଆରଆଇ ଆହତ

**ଜଳେଶ୍ୱର,୧୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଆରଆଇଙ୍କୁ ବାଲି ମାଫିଆଙ୍କ ଆକ୍ରମଣ । ଆକ୍ରମଣରେ ଆରଆଇ ଆହତ ହୋଇଛନ୍ତି । ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି ।

ସୂଚନାଯୋଗ୍ୟ ଯେ, ବାଲେଶ୍ୱର ଜିଲ୍ଲା ବାଲିଆପାଳ ତହସିଲ ଅଧିନସ୍ଥ ସୁବର୍ଣ୍ଣରେଖା ନଦୀରୁ ବାଲି ମାଫିଆମାନେ ପ୍ରତ୍ୟେକ ଦିନ ହଜାର ହଜାର ଟ୍ରିପ୍ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଚୋରାଚାଲାଣ କରି ମୋଟା ଅଙ୍କର ଅର୍ଥ ଉପାର୍ଜନ କରି ଆସୁଥିଲା ବେଳେ ରାଜ୍ୟ ରାଜସ୍ୱ ହରାଉଛି । ବାରମ୍ବାର ଏହି ବାଲି ଚୋରି ନେଇ ବାଲିଆପାଳ ତହସିଲରେ ଅଭିଯୋଗ ହୋଇ ଆସୁଥିବା ବେଳେ ଖବର ପାଇ ଶ୍ରୀରାମପୁର ଆରଆଇ ସରୋଜିନୀ ଟୁଡୁ ପାଳପଡା ଅଞ୍ଚଳରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ବାଲି ମାଫିଆମାନେ ଆରଆଇଙ୍କୁ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ଆରଆଇ ସରୋଜିନୀ ଟୁଡୁ ଆହତ ହୋଇଥିଲା ବେଳେ ବାଲିଆପାଳ ତହସିଲଦାର ଜ୍ୟୋସ୍ନାରାଣୀ ନାୟକ ବାଲି ମାଫିଆଙ୍କ ବିରୋଧରେ ବାଲିଆପାଳ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ପୋଲିସ ଅଭିଯୋଗ ପାଇ ତଦନ୍ତ ଜାରି ରଖିଛି ।

## ଦଧି ବାମନଜୀଉ ଟ୍ରଷ୍ଟ ବୋର୍ଡର ସଭାପତିଙ୍କ ଦେହାନ୍ତ

**କଟକ,୧୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ସଦର ଥାନା ଅଧୀନ ଉରାଳିର ବାମନକ୍ଷେତ୍ରରେ ପୂଜା ପାଉଥିବା ଦଧିବାମନ ଜିଉଙ୍କ ଟ୍ରଷ୍ଟବୋର୍ଡ ସଭାପତି ତଥା ଗ୍ରାମର ଆଦ୍ୟ ସମାଜ ସେବକ ଚକ୍ରଧର ମହାରଣାଙ୍କ ଦେହାନ୍ତ ଘଟିଛି । ସ୍ୱର୍ଗତ ମହାରଣା ପୋଲିସ ବିଭାଗରେ ସଚ୍ଚୋଟ ପଣିଆ କାର୍ଯ୍ୟ କରି ରାଷ୍ଟ୍ରପତି ପୁରସ୍କାର ପାଇଥିଲେ । ଦଧି ବାମନ ଜିଉଙ୍କ ମନ୍ଦିର ପ୍ରତିଷ୍ଠାରେ ସ୍ୱର୍ଗତ ମହାରଣାଙ୍କ ଭୂମିକା ଅତୁଳନୀୟ । ତାଙ୍କ ପାର୍ଥିବ ଶରୀରକୁ ଉରାଳି ଗ୍ରାମ ପରିକ୍ରମା କରିବା ପରେ ନିକଟ ଶ୍ମଶାନରେ ଶେଷକୃତ୍ୟ ସମ୍ପର୍କ ହୋଇଥିଲା । ଶୋଭାଯାତ୍ରାରେ ଦଧିବାମନ ଜିଉ ଟ୍ରଷ୍ଟ ବୋର୍ଡର ସଦସ୍ୟ, ଉରାଳି ଗ୍ରାମ୍ୟ ଉନ୍ନୟନ କମିଟିର ସଦସ୍ୟ, ବ୍ରାହ୍ମଣ ସମାଜର ସଦସ୍ୟ, ମନ୍ଦିର ନିଯୋଗର ସମସ୍ତ ସଦସ୍ୟ ତଥା ଗ୍ରାମ ଓ ସ୍ଥାନୀୟ ଅଞ୍ଚଳର ଶହଶହ ଲୋକ ସାମିଲ ହୋଇଥିଲେ । ବଡ଼ ପୁଅ ଚିତ୍ତରଞ୍ଜନ ମହାରଣା ମୁଖାଗ୍ନି ଦେଇଥିଲେ । ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି ।

## ନାଟ୍ୟ କଳା ସାହିତ୍ୟ ପରିଷଦର ବୈଠକ

**କେନ୍ଦ୍ରାପଡ଼ା,୧୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ସହର ନିକଟ ଗୋପ କମଳଭବନ ପରିସରରେ କେନ୍ଦ୍ରାପଡା ଜିଲ୍ଲା ନାଟ୍ୟ, କଳା, ସାହିତ୍ୟ ପରିଷଦର ଏକ ଜରୁରୀ ସଭା ବରିଷ୍ଠ ଆଇନଜୀବୀ ତଥା ପରିଷଦର ସଭାପତି ପ୍ରଦୀପ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସମ୍ପାଦକ ବଳରାମ ସାହୁ ପରିଷଦର ବିଭିନ୍ନ ସମସ୍ୟା ଉପରେ ଉପସ୍ଥାପନ କରିଥିଲେ ଓ ଏହାର ସମାଧାନ ପାଇଁ ପ୍ରସ୍ତାବ ରଖିଥିଲେ । ସେହିପରି ପରିଷଦର ଉପଦେଷ୍ଟା ତଥା ସାହିତିକ ଡ. ସର୍ବେଶ୍ୱର ସେଣ ଏହାର ଆଭିମୁଖ୍ୟ, ପଞ୍ଜୀକରଣ, ଓଡିଆ ଭାଷା, ସାହିତ୍ୟ, ଅସ୍ମିତା ବିଷୟରେ ଆଲୋଚନା କରିଥିଲେ । ପଣ୍ଡିତ ଅଭୟ ଶତପଥି, ନାଟ୍ୟକାର ରତ୍ନାକର ସାହୁ, ପାଲା ଗାୟକ ଗଗନ ବିହାରୀ, ଉପସଭାପତି ବିଧୁଭୂଷଣ ତ୍ରିପାଠି, କବି ଅଜୟ ପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ପ୍ରମୋଦ ମହାନ୍ତି ଧନ୍ୟବାଦ ଦେଇଥିଲେ ।

## କୃମି ନାଶକ କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା,୧୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କେନ୍ଦ୍ରାପଡା ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ଜାତୀୟ କୃମି ନାଶକ ଦିବସକୁ ଜିଲ୍ଲାପାଳ ରଘୁରାମ ଆର ଆୟର ଶୁଭାରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରପଡ଼ା ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଜାତୀୟ କୃମି ନାଶକ ଦିବସରେ ଉପସ୍ଥିତ ଛାତ୍ରୀମାନଙ୍କ ନିମନ୍ତେ କୃମିନାଶକ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ମନୋରଞ୍ଜନ ରାଉତ ବକ୍ତବ୍ୟ ରଖିଥିଲେ । ପରେ ପରେ ଜିଲ୍ଲାପାଳ ଛାତ୍ରୀମାନଙ୍କୁ ଗୋଟିଏ ଲେଖାଏଁ ବଟିକା ଖୁଆଇ ଏହି ଜାତୀୟ କୃମି ଦିବସକୁ ଶୁଭାରମ୍ଭ କରିଥିଲେ । ପିଲାମାନଙ୍କୁ ଖାଇବାକୁ ଦେବା ପୂର୍ବରୁ ଜିଲ୍ଲାପାଳ ପ୍ରଥମେ ନିଜେ ଖାଇଥିଲେ ଓ ଉପସ୍ଥିତ ସମସ୍ତ ଅଧିକାରୀ ଖାଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ସଚ୍ଚିଦାନନ୍ଦ ମିଶ୍ର, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଡ଼ ମନୋରଞ୍ଜନ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଫାଇନାନ୍ସିଆଲ୍ ଅଧିକାରୀ ଆଶୁତୋଷ ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଜନ ମଙ୍ଗଳ ଅଧିକାରିଣୀ ରଶ୍ମିମଞ୍ଜରି ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରଶ୍ମିତା ପରିଡ଼ା, ଏପିଡେମିଓଲୋଜିଷ୍ଟ ଡ଼ ଅଶୋକ କୁମାର ସାହୁ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭ ନାରାୟଣ ନାୟକ, ଭିବିଡି କନ୍ସଲଟାଣ୍ଟ ବିରାଟ ରାଜା ପଧାନ, ଆସିଷ୍ଟାଣ୍ଟ ମ୍ୟାନେଜର ମମତା ଦାଶ ଏବଂ ସରକାରୀ ଏଏନଏମ୍ ତାଲିମ କେନ୍ଦ୍ରର ଅବସରପ୍ରାପ୍ତ ପ୍ରିନ୍ସିପାଲ ଭାରତୀ ସ୍ୱାଇଁ ଓ ବର୍ତ୍ତମାନର ପ୍ରିନ୍ସିପାଲ ଇନ୍ ଚାର୍ଜ ଅନୁଜା ନାୟକ, ଟ୍ୟୁଟର ଅନିତା ପାତ୍ରଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଆଶା କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ତଣ୍ଡାକୂଳ ଯଜ୍ଞ ଲାଗି ପ୍ରସ୍ତୁତି

**ରାଜନଗର,୧୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ପେଣ୍ଠ ବେଳାଭୂମିରେ ୭୭ତମ ତଣ୍ଡା ଯଜ୍ଞ ଆସନ୍ତା ୨୬ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ବ୍ରହ୍ମାବଧୂତ ଅଭୟବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଲେଖ ଅଖଣ୍ଡ ବ୍ରହ୍ମ ଧ୍ୱନି ସ୍ଥାପନ ସହ ଭଜନ, ଜଣାଣ, ପ୍ରାର୍ଥନା, ଘୃତାହୂତି, ପ୍ରବଚନ, ବାଲ୍ୟଲୀଳା, ବେଢ଼ା ପରିକ୍ରମା ସହିତ ପୂର୍ଣ୍ଣାହୁତି କରାଯିବ । ଏହି ଯଜ୍ଞାନୁଷ୍ଠାନରେ ବ୍ରହ୍ମାବଧୂତ ମନ୍ଦରଧର ବାବା, ବ୍ରହ୍ମାବଧୂତ ନିତ୍ୟାନନ୍ଦ ବାବା, ବ୍ରହ୍ମାବଧୂତ ଗଦାଧର ବାବା, ବ୍ରହ୍ମାବଧୂତ ସୃଜନ ବାବା, ବ୍ରହ୍ମାବଧୂତ ନଟବର ବାବା, ବ୍ରହ୍ମାବଧୂତ ଚିତ୍ତରଞ୍ଜନ ବାବା, ବ୍ରହ୍ମାବଧୂତ ସୁବ୍ରତ ବାବା, ବ୍ରହ୍ମାବଧୂତ ବାବୁଲି ବାବା, ବ୍ରହ୍ମାବଧୂତ ଦୁଷ୍ମନ୍ତ ବାବା, ବ୍ରହ୍ମାବଧୂତ ସୁଶାନ୍ତ ବାବା, ବ୍ରହ୍ମାବଧୂତ ଭରତ ବାବା, ବ୍ରହ୍ମାବଧୂତ ରବିନ୍ଦ୍ର ବାବାଙ୍କ ସହ ବହୁ ସାଧୁ ସ୍ୟମାନେ ଯୋଗଦେଇ ଜଗତ ମଙ୍ଗଳ ପାଇଁ ଯଜ୍ଞରେ ଘୃତାହୂତି ପ୍ରଦାନ କରିବେ ବୋଲି ଯଜ୍ଞ କମିଟିର ସଭାପତି ରବିନ୍ଦ୍ର ପଢିହାରୀ ଓ ସମ୍ପାଦକ କ୍ଷୀରୋଦ କୁମାର ରାଉତଙ୍କ ସହ କର୍ମକର୍ତ୍ତା ମାନେ ଜଣାଇଛନ୍ତି ।

## ବିପନ୍ନଙ୍କ ପାଖରେ ବଳଦେବଜୀଉ ଟ୍ରଷ୍ଟ

**ମାର୍ଶାଘାଇ,୧୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ ବଛରାଇ ପଞ୍ଚାୟ ନଟବର ରାଉତଙ୍କ ଘର ପୋଡି ଯାଇ ସର୍ବସ୍ୱ ପୋଡି ପାଉଁଶ ହୋଇଥିବା ଖବର ପାଇ ସହାୟତାର ହାତ ବଢାଇଛି କେନ୍ଦ୍ରାପଡା ଜିଲ୍ଲାର ବଳଦେବଜୀଉ ଟ୍ରଷ୍ଟ । ଟ୍ରଷ୍ଟର ଅଧକ୍ଷ ତଥା ମାର୍ଶାଘାଇ ବ୍ଲକର ପୂର୍ବତନ ଅଧକ୍ଷ ସଂଜୟ ଲେଙ୍କା (ଟୁପି ଭାଇ)ଖବର ପାଇଁ ବିପନ୍ନ ପରିବାରକୁ ସାନ୍ତ୍ୱନା ଦେବା ସହିତ ରାସନ ସାମଗ୍ରୀ, ବାସନ କୁସନ, ପାଲ ଗ୍ୟାସ ଇତ୍ୟାଦି ପ୍ରଦାନ କରିଛନ୍ତି । ସଂଜୟଙ୍କ ପରାମର୍ଶରେ ବଛରାଇ ପଞ୍ଚାୟତ ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ପ୍ରଧାନ, ସରପଞ୍ଚ ପ୍ରତିନିଧି ବିନୋଦ ସେଠୀ, ସ୍ମୃତି ରଂଜନ ପଟ୍ଟନାୟକ, ସନ୍ତୋଷ ପାତ୍ର ନଟବରଙ୍କ ନିକଟରେ ପହଞ୍ଚି ପ୍ରଦାନ କରିଥିଲେ । ଗତ ୯ତାରିଖ ବିଳମ୍ବିତ ରାତ୍ରୀରେ ନଟବରଙ୍କ ଦୁଇ ବଖରା ଘର ପୋଡି ଯାଇଥିବା ବେଳେ ଘରର ସମସ୍ତ ଆସବାପତ୍ର ପୋଡି ପାଉଁଶ ହୋଇଯାଇଥିଲା । ନଟବରଙ୍କ ପରିବାରକୁ ଆବାସ ଯୋଜନାରେ ଗୋଟିଏ ବାସଗୃହ ଯୋଗାଇ ଦେବାକୁ ଶ୍ରୀ ଲେଙ୍କା ଦାବି କରିଛନ୍ତି ।

## ସହର ସମେତ ମୁଖ୍ୟସ୍ଥାନରେ ଲାଗିଲା ସିସିଟିଭି



**କୋଇଡା,୧୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

କୋଇଡା ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଡିଜିପି ପୁରସ୍କୃତ ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ, କୋଇଡା ଖଣି ବହୁଳ ଅଞ୍ଚଳରେ ଦୈନନ୍ଦିନ ବଢୁଥିବା ଚୋରି, ଡକାୟତି ଓ ବିଭିନ୍ନ ଅପରାଧୀକ ମାମଲାରେ ଅଙ୍କୁଶ ଲଗାଇବା ପାଇଁ ଖୋଦ୍ ଅଣ୍ଟା ଭିଡିଥିବା ଦେଖିବାକୁ ମିଳିଛି । ଶୁକ୍ରବାର କୋଇଡା ସହର ସାରା ଉଚ୍ଚମାନର ୨୭ଟି ୱେବ୍ ସିସିଟିଭି କ୍ୟାମେରା ଲଗାଇବା ସହ ଖୁବ୍‌ଶୀଘ୍ର ପରବର୍ତ୍ତୀ ପର୍ଯ୍ୟାୟରେ ଗ୍ରାମାଞ୍ଚଳ ରାସ୍ତା , ବାଇପାସ୍ ଓ ମୁଖ୍ୟ ଛକମାନଙ୍କରେ ସିସି ଟିଭି କ୍ୟାମେରା ଲଗାଯିବାର ପ୍ରସ୍ତାବ ରହିଛି ଏବଂ ସିସିଟିଭି କ୍ୟାମେରା ଲଗାଇବା ଦ୍ୱାରା ଅପରାଧୀକ ମାମଲା ହ୍ରାସ ହେବା ସହିତ ଟ୍ରାଫିକ୍ ନିୟନ୍ତ୍ରଣରେ ବେସ୍ ସହାୟକ ହୋଇଥାଏ ବୋଲି ପ୍ରକାଶ କରିଥିଲେ । ଏ ନେଇ ରାଉଲକେଲା ଏସପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ ଓ ସହାୟତା କ୍ରମେ ବହୁ ସ୍ଥାନରେ ନୂତନ ପୋଲ ଖୁଣ୍ଟ ଲଗାଇ ସିସିଟିଭି କ୍ୟାମେରା ମଧ୍ୟ ଲଗାଇଥିଲେ । କୋଇଡା ଯେ ହେତୁ ଖଣି ବହୁଳ ଅଞ୍ଚଳ ଓ ହଜାର ହଜାର ସଂଖ୍ୟାରେ ଗାଡି, ପରିବହନ ସଂସ୍ଥା, ଶ୍ରମିକ କାର୍ଯ୍ୟରତ ସେଥିପାଇଁ ଏହା ମନିଟରିଂ ଠିକ୍ ଭାବେ ହେବା ସହ ଖୁବ୍‌କମ୍ ସମୟ ମଧ୍ୟରେ ଟ୍ରାଫିକ୍ ସମସ୍ୟା ନିୟନ୍ତ୍ରଣ ଓ ଅପରାଧୀଙ୍କୁ ଧରିବାରେ ସକ୍ଷମ ହୋଇପାରିବା, ଏଥିସହ ଏଠାରେ ଥିବା ଆଭ୍ୟନ୍ତରୀଣ ଗ୍ରାମମାନଙ୍କରେ ମଦ ଓ ନିଶା କାରବାର ବହୁ ଜୋର୍‌ସୋର୍‌ରେ ଚାଲୁଥିବା ହେତୁ ଲୋକ ଅତ୍ୟଧିକ ମଦ୍ୟପାନ କରି ଅପରାଧ ଭିଆଉଛନ୍ତି । ସେଥିପାଇଁ ଲୋକଙ୍କୁ ଆମେ ପ୍ରଶାସନ ସହାୟତାରେ ସଚେତନ କରାଇବା ସହ ବେଆଇନ୍ ନିଶା କାରବାର ଉପରେ ରୋକ୍ ଲଗାଇବାକୁ ଚେଷ୍ଟା କରିବୁ ବୋଲି ଶ୍ରୀ ସ୍ୱାଇଁ ପ୍ରକାଶ କରିଥିଲେ । ଏଭଳି କାର୍ଯ୍ୟ ଦେଖି ଅଞ୍ଚଳବାସୀ ନୂତନ ଥାନା ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟଶୈଳିକୁ ପ୍ରସଂଶା କରିଛନ୍ତି ।

## ବସ୍ ଦୁର୍ଘଟଣାଗ୍ରସ୍ତ ୧୦ରୁ ଉର୍ଦ୍ଧ୍ୱ ଆହତ

**ଖନ୍ତାପଡା,୧୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ବାହାନଗା ଛକ ନିକଟରେ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ । ଭାରସାମ୍ୟ ହରାଇ ଡିଭାଇଡର ଉପରକୁ ଚଢ଼ିଗଲା ତୀର୍ଥଯାତ୍ରୀ ବସ୍ । ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି ।

ସୂଚନା ମୁତାବକ, ଶୁକ୍ରବାର ସକାଳ ୫ଟା ୧୫ରେ କଲିକତାରୁ ଶ୍ରୀ ଭେଙ୍କେଟଲକ୍ଷ୍ମୀ ନାମକ ଏକ ତୀର୍ଥଯାତ୍ରୀ ବସ ପୁରୀ ଅଭିମୁଖେ ଯାଉଥିଲା । ସେହି ସମୟରେ ଖନ୍ତାପଡ଼ା ଥାନା ବାହାନଗା ଛକ ନିକଟରେ ଭାରସାମ୍ୟ ହରାଇ ଡିଭାଇଡର ଉପରକୁ ଚଢ଼ିଯାଇଥିଲା ବସ । ଫଳରେ ବସରେ ଥିବା ଡ୍ରାଇଭର ପୋଲକୁ ବାଡେଇ ହୋଇ ପୋଲ ତଳକୁ ଖସି ପଡ଼ିଥିବା ବେଳେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ତେବେ ବସରେ ୪୦ ଯାତ୍ରୀ ନେଇ ଯାଉଥିବାବେଳେ ୧୦ରୁ ଅଧିକ ଗୁରୁତର ହୋଇଛନ୍ତି । ସେମାନଙ୍କୁ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନିଆଯାଇଥିବା ଜଣାପଡ଼ିଛି ।

## ଧାନ ବସ୍ତା ରଖି ଚାଷୀଙ୍କ ପ୍ରତିବାଦ

**ଭଦ୍ରକ,୧୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାନ ବସ୍ତା ରଖି ପ୍ରତିବାଦ ଜଣାଇଛନ୍ତି ଚାଷୀ । ଧାନ ବସ୍ତା ବୋଝେଇ ଟ୍ରାକ୍ଟର ଧରି ପ୍ରଥମେ ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ଧଶେଇ ପଶିଥିଲେ ଚାଷୀ । ଏହାପରେ ଧାନ ବସ୍ତା ଗୁଡିକୁ ସେଠାରେ ଗଦା କରି ଧାରଣା ଦେଇଛନ୍ତି ଚାଷୀ । ମିଲରମାନେ ଧାନ ଉଠାଇବାକୁ ମନା କରିଥିବା ସେମାନେ ଅଭିଯୋଗ କରିଛନ୍ତି । ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଆନ୍ଦୋଳନରତ ଚାଷୀମାନେ ଚେତାବନୀ ଦେଇଛନ୍ତି ।

## ପ୍ରାଥମିକ ବିଦ୍ୟାଳୟର ପୁରସ୍କାର ବିତରଣ

**ମାହାଙ୍ଗା,୧୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ସମସରପୁର ପଞ୍ଚାୟତସ୍ଥିତ ଭୋଳିଦାସପୁର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ପୁରସ୍କାର ବିତରଣ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସବିତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସିଆରସିସି ଦୁର୍ଗା ଚରଣ ହେମ୍ବ୍ରମ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ତଥା ସାମ୍ବାଦିକ ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସିଆରସିସି ବାମଦେବ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ନିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ କ୍ରୀଡା ହେଉଛି ଶିକ୍ଷାର ଏକ ଅଙ୍ଗ ଓ ତେଣୁ ପ୍ରତ୍ୟେକ ଛାତ୍ରଛାତ୍ରୀମାନେ କ୍ରୀଡାରେ ଭାଗ ନେବାକୁ ପରାମର୍ଶ ଦେବା ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ଶିକ୍ଷକ ବ୍ରଜବନ୍ଧୁ ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ରବୀନ୍ଦ୍ର ରାଉତ, ପ୍ରଦ୍ୟୁମ୍ନ ସ୍ୱାଇଁ, ଅରୁଣ କୁମାର ସ୍ୱାଇଁ, ପୂର୍ଣ୍ଣଶ୍ରୀ ରାଉତ, ସୁମିତ୍ରା ରାଉତଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## କିଟରେ ଆରମ୍ଭ ହେବ ୟୁନେସ୍କୋ ଅନ୍ତର୍ଜାତୀୟ ଐତିହ୍ୟ ଆଇନ ପାଠ୍ୟକ୍ରମ



**ଭୁବନେଶ୍ୱର,୧୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଏସିଆର ଅସୁରକ୍ଷିତ ବୌଦ୍ଧ ଐତିହ୍ୟର ସୁରକ୍ଷା ଦିଗରେ କିଟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି । ଏସିଆ ମହାଦେଶର ଗ୍ରାମାଞ୍ଚଳରେ ଥିବା ୯୦ ପ୍ରତିଶତରୁ ଅଧିକ ବୌଦ୍ଧ ଐତିହ୍ୟ ସ୍ଥଳ ଅସୁରକ୍ଷିତ ରହିଥିବା ବେଳେ ଏ ସଂପର୍କରେ ଭାରତ, ଚୀନ୍, କୋରିଆ ଓ ଜାପାନର ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି । କିଟ୍ ଓ କିସ୍ ଏହି ସବୁ ଐତିହ୍ୟ ସ୍ଥଳର ସୁରକ୍ଷା କିପରି କରାଯାଇପାରିବ ସେ ନେଇ ପଦକ୍ଷେପ ଗ୍ରହଣ କରିବ । ଇଣ୍ଡିଆନ୍ ଟ୍ରଷ୍ଟ ଫର୍ ରୁରାଲ ହେରିଟେଜ୍ ଆଣ୍ଡ୍ ଡେଭେଲପମେଣ୍ଟ ଦ୍ୱାରା ଗ୍ରାମାଞ୍ଚଳରେ ଅସୁରକ୍ଷିତ ବୌଦ୍ଧ ଐତିହ୍ୟ ସ୍ଥଳର ସଂରକ୍ଷଣ ଓ ପରିଚାଳନା ପାଇଁ ଏକ ଅନ୍ତର୍ଜାତୀୟ ଏକାଡେମୀ ପ୍ରତିଷ୍ଠା ହେବାକୁ ଯାଉଛି । କିସ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା ଏହି ଏକାଡେମୀର ନେତୃତ୍ୱ ନେବେ । ପ୍ରଫେସର ଗାଲା କିଟ୍ ଲ ସ୍କୁଲ ସହଯୋଗରେ ୟୁନେସ୍କୋ ଅନ୍ତର୍ଜାତୀୟ ଐତିହ୍ୟ ଆଇନ ପାଇଁ ପାଠ୍ୟକ୍ରମ ପ୍ରସ୍ତୁତ କରୁଛନ୍ତି । କିଟ୍ ଲ ସ୍କୁଲରେ ଏହି ପାଠ୍ୟକ୍ରମ ଆରମ୍ଭ ହେବା ପରେ ଏହା ଦକ୍ଷିଣ ଏସିଆରେ ପ୍ରଥମ ଶୈକ୍ଷିକ କାର୍ଯ୍ୟକ୍ରମ ହେବ ବୋଲି କୁହାଯାଉଛି ।

ପ୍ରଫେସର ଗାଲା ଗତ ବର୍ଷ ଏକ ପ୍ରମୁଖ ଅନ୍ତର୍ଜାତୀୟ ସମ୍ମିଳନୀରେ ଏହି ଏକାଡେମୀ ନିମନ୍ତେ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ସେହି ପ୍ରସ୍ତାବକୁ ଆଧାର କରି ବିଶ୍ୱସ୍ତରୀୟ ବିଶେଷଜ୍ଞମାନଙ୍କର ଏକ ପ୍ରତିନିଧି ଦଳ ଗତ ୭ ତାରିଖରେ ନୂଆଦିଲ୍ଲୀରେ ଏହି ଏକାଡେମୀର ଗଠନ, ପାଠ୍ୟକ୍ରମ ଓ ଦୀର୍ଘକାଳୀନ ରୋଡ୍‌ମ୍ୟାପ୍ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଆଲୋଚନା ସମୟରେ ଗ୍ରାମୀଣ ପ୍ରେକ୍ଷାପଟରେ ଅସୁରକ୍ଷିତ ବୌଦ୍ଧ ସ୍ଥଳଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଆଇନଗତ ଢାଞ୍ଚା, ସ୍ଥାନୀୟ ଲୋକଙ୍କ ଭାଗୀଦାରି ଓ ନୈତିକ ପରିଚାଳନା ସମନ୍ୱିତ ମଡେଲର ଆବଶ୍ୟକତା ଉପରେ ପ୍ରଫେସର ଗାଲା ଗୁରୁତ୍ୱାରୋପ କରିଥିଲେ ।

ଏହି ପ୍ରୟାସ ଓଡ଼ିଶା ପାଇଁ ବିଶେଷ ଗୁରୁତ୍ୱ ବହନ କରେ । ସଂପ୍ରତି ୟୁନେସ୍କୋ ଏକ କ୍ରମିକ ନାମାଙ୍କନ ମାଧ୍ୟମରେ ରାଜ୍ୟର ପ୍ରସିଦ୍ଧ ବୌଦ୍ଧ ସ୍ୱର୍ଣ୍ଣ ତ୍ରିଭୁଜ - ରତ୍ନଗିରି, ଉଦୟଗିରି ଓ ଲଳିତଗିରିକୁ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ ପାଇଁ ଭାରତର ଅସ୍ଥାୟୀ ତାଲିକାରେ ଅନ୍ତର୍ଭୁକ୍ତ କରିଛି । ଯଦି ଏହାକୁ ପୂର୍ଣ୍ଣ ବିଶ୍ୱ ଐତିହ୍ୟ ମାନ୍ୟତା ମିଳେ, ତେବେ ପ୍ରସ୍ତାବିତ ଶୈକ୍ଷିକ କାର୍ଯ୍ୟକ୍ରମ ଓ ଅନ୍ତର୍ଜାତୀୟ ଏକାଡେମୀ ଏହି ଐତିହାସିକ ସ୍ଥଳଗୁଡ଼ିକୁ ପରିଚାଳନା, ସଂରକ୍ଷଣ ଓ ଆଇନଗତ ସୁରକ୍ଷା ଦେବାରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି କୁହାଯାଉଛି ।

## 'ବରିଷ୍ଠ ପିତା ମାତାଙ୍କ ପ୍ରତି ପୁତ୍ରମାନେ ଅଣଦେଖା କରନ୍ତୁ ନାହିଁ'

**ବ୍ରହ୍ମପୁର,୧୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବରିଷ୍ଠମାନେ ସମାଜର ଅମୂଲ୍ୟ ସମ୍ପଦ । ସେମାନଙ୍କ ପ୍ରେରଣା ଓ ପରାମର୍ଶ ଦ୍ୱାରା ସନ୍ତାନମାନେ ଭଲ ମାର୍ଗରେ ଗତି କରନ୍ତି । ବୃଦ୍ଧ ପିତାମାତାଙ୍କୁ ଅବହେଳା କିମ୍ବା ଅଣଦେଖା କରିବା ଉଚିତ ନୁହେଁ ବୋଲି ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଯୁବ ସମାଜକୁ ପରାମର୍ଶ ଦେଇଛନ୍ତି । ଛତ୍ରପୁର ବ୍ଲକ ଅନ୍ତର୍ଗତ କେରାଣ୍ଡିତୋଳା ନାରାୟଣପୁର ଗ୍ରାମର ବରିଷ୍ଠ ନାଗରିକ ମଞ୍ଚର ଷଷ୍ଠ ବାର୍ଷିକ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇ ବିଧାୟକ ଶ୍ରୀ ନାୟକ ମଞ୍ଚର ଅତ୍ୟାବଶ୍ୟକ୍ୟ ଏକ କାର୍ଯ୍ୟାଳୟ ଗୃହ ପାଇଁ ନିଜ ହାତ ପାଣ୍ଠିରୁ ପନ୍ଦର ଲକ୍ଷ ଟଙ୍କା ପ୍ରଦାନ ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।

ମଞ୍ଚର ସଭାପତି ନରହରି ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସେନାବାହିନୀର ଅବସର ପ୍ରାପ୍ତ ବ୍ରିଗେଡ଼ିଅର ଡାକ୍ତର ଅରୁଣ ପ୍ରସାଦ ପାଢ଼ୀ ଏଥରେ ମୁଖ୍ୟବକ୍ତା ରୂପେ ଯୋଗଦେଇ ପିତାମାତାଙ୍କର ଆଶୀର୍ବାଦ ଦ୍ୱାରା ଜଣେ ବ୍ୟକ୍ତି ଜୀବନରେ ଶୀର୍ଷରେ ପହଞ୍ଚି ପାରେ । ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀ ନାରାୟଣ ଶତପଥୀ, ଅବସର ପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଗଦାଧର ରାଉଳ, ସରପଞ୍ଚ ବି. ସୁଦାମ, ସମିତି ସଭ୍ୟା ମୀନା କୁମାରୀ ସାହୁ, ଓଡିଶା ସାମ୍ବାଦିକ ସଂଘ ଗଞ୍ଜାମ ଜିଲ୍ଲା ଉପସଭାପତି ପ୍ରଶାନ୍ତ କୁମାର ମହାରଣା, ରାଧେଶ୍ୟାମ ଫାଉଣ୍ଡେସନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦେବାଶିଷ ମିଶ୍ର, ବିଶିଷ୍ଟ ଅତିଥି ରୂପେ ଉଦ୍ୟୋଗପତି ଶୁଭେନ୍ଦୁ କୁମାର ସାହୁ ଓ ମଦନ ମୋହନ ପାଣିଗ୍ରାହୀ, ରୋଟାରୀଆନ ଜୟନ୍ତ କିଶୋର ପାତ୍ର, ଏସ. ଦୁର୍ଗା ରାଓ ଅଂଶ ଗ୍ରହଣ କରି ବରିଷ୍ଠ ନାଗରିକ ମଞ୍ଚର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ମଞ୍ଚର ସଂଯୋଜକ ତଥା ବରିଷ୍ଠ ଶିକ୍ଷକ ନେତା କାମରାଜୁ ମହାରଣାଙ୍କ ଜନ୍ମଦିନ ଅବସରରେ ମଞ୍ଚର ଜନ୍ମଦିନ ପାଳନ ପରିପ୍ରେକ୍ଷୀରେ ବିଧାୟକଙ୍କ ସମେତ ସମସ୍ତ ଅତିଥି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ମଞ୍ଚର ସମ୍ପାଦକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ବିବରଣୀ ପାଠ କରିଥିଲେ । ରୋଟାରୀ କ୍ଲବ ଅଫ ବ୍ରହ୍ମପୁରର ପ୍ରାକ୍ତନ ସଭାପତି ନାର୍ଶୁ ଜେନାଙ୍କୁ ଜନସେବା ପାଇଁ ମଞ୍ଚ ତରଫରୁ ବିଧାୟକ ନାୟକ ସମ୍ବର୍ଦ୍ଧିତ କରିଥିଲେ । ଗ୍ରାମର ବିଭିନ୍ନ କ୍ଷେତ୍ରରେ ପାର୍ଶଦର୍ଶିତା ଲାଭ କରିଥିବା ୫ଜଣକୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଗୋଦାମରୁ ବାହାରୁନି ବିହନ: ବାଟମାରଣା ହେବନି ତ ?

**ମାର୍ଶାଘାଇ,୧୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

କଥାରେ ଅଛି ଚାଷ ତରତର ବଣିଜ ମଠ । ଚାଷି ହୁଡିଲେ ବରଷ ପର୍ଯ୍ୟନ୍ତ ଅପେକ୍ଷା । ମାର୍ଶାଘାଇ ବ୍ଲକରେ ଚାଷପ୍ରତି ସରକାରୀ ଉଦାସିନତା ପଦାରେ ପଡିଛି । ସିଜିନ ସରିବାକୁ ବସିଲାଣି ମୁଗ ବିହନ ବଣ୍ଟନ କରାନଯାଇ ଗଛିତ ରହିଛି । ବିଲରେ ମୁଗ ଗଛ ପାଞ୍ଚ ପ୍ରତି ହେଲାଣି ହେଲେ ସରକାରୀ ବିହନ ଏପର୍ଯ୍ୟ ଚାଷିମାନଙ୍କ ନିକଟରେ ଅପହଞ୍ଚ । ଯାହାକୁନେଇ ମାର୍ଶାଘାଇ କୃଷି ବିଭାଗର ପାରିଲା ପଣିଆ ଜଣାପଡିଛି । ମାର୍ଶାଘାଇ ବ୍ଲକ ଏକ କୃଷି ପ୍ରବଣ ଅଞ୍ଚଳ । ବିଶେଷ କରି ଧାନ ଫସଲ ବ୍ଲକ ଅଞ୍ଚଳରେ ପ୍ରଧାନ ଚାଷ ହୋଇଥିବା ବେଳେ ପ୍ରାକୃତିକ ବିପର୍ଯ୍ୟୟ ଉପରେ ଚାଷିଙ୍କ ଭାଗ୍ୟ ନିର୍ଣ୍ଣୟ କରିଥାଏ । ଧାନ ଚାଷ ପରେପରେ ଚାଷି ମୁଗ ବିହନ ପକାଇ ଉପକୃତ ହୋଇଥାଏ । ଧାନ କଟା ପରେ ପରେ ଅର୍ଥାତ୍ ଜାନୁଆରୀ ମାସ ପ୍ରଥମ ସପ୍ତହ ସୁଦ୍ଧା ମୁଗ ବିହନ ବୁଣାସରିଥାଏ । ହେଲେ ଚାଷିମାନଙ୍କ ନିକଟରେ ମୁଗ ବିହନ ଅପହଞ୍ଚ ହୋଇଥିବାରୁ ଚାଷି ବାହାର ବଜାରରୁ ମୁଗ ବିହନ ଆଣି ବୁଣିଥିବା ବେଳେ ସରକାରୀ ବିହନ ମିଳୁନି।କୃଷୀ ବିଭାଗ ସୂଚନା ମୁତାବକ ମାର୍ଶାଘାଇ ବ୍ଲକର ବିଭିନ୍ନ ପଞ୍ଚାୟତରେ ୨ହଜାର ହେକ୍ଟର ଚାଷ ଜମିରେ ମୁଗ ଚାଷ କରିବା ପାଇଁ ବ୍ୟବସ୍ଥା ରହିଛି । ହେକ୍ଟର ପ୍ରତି ୨୦କେଜି ବିହନ ଚାଷୀଙ୍କୁ ପ୍ରଦାନ କରାଯିବା ପାଇଁ ରହିଥିବା ବେଳେ ଏହି ବିହନକୁ ପଞ୍ଚାୟତସ୍ତରରେ ଭି଼ଏଡବ୍ଲୁ, ସରପଞ୍ଚ, ୱାର୍ଡ ସଭ୍ୟ, କୃଷକ ସାଥିମାନଙ୍କ ସହାୟତାରେ ଚାଷୀମାନଙ୍କ ନିକଟରେ ପହଞ୍ଚିବା ବ୍ୟବସ୍ଥା ହୋଇଥିବା ସହକାରୀ କୃଷି ଅଧିକାରୀ ପ୍ରଦୀପ୍ତ ଘୋଷ ସୂଚନା ଦେଇଛନ୍ତି । ତେବେ ମୁଗ ବିହନ ବଣ୍ଟନରେ ଚଳିତ ବର୍ଷ ଚାଷୀମାନେ ପ୍ରଥମେ ଟଙ୍କା ଡିପୋଜିଟ କରି ଇନପୁଟ ନେବା ସହିତ ବିହନ ନେଇ ପରେ ଆକାଉଣ୍ଟକୁ ଟଙ୍କା ଫେରିବାର ବ୍ୟବସ୍ଥା ରହିଛି । ଏହି ଟଙ୍କା ଚାଷୀମାନେ ଆଗ୍ରୋ ସଂସ୍ଥା ନାମରେ ଡିପୋଜିଟ କରିବେ । ତେବେ ସେଥିନେଇ ବିଳମ୍ବ ହେଉଥିବା ଶ୍ରୀ ଘୋଷ କହିଛନ୍ତି । ହେଲେ ଚାଷୀମାନଙ୍କ କହିବା କଥା ଏପର୍ଯ୍ୟନ୍ତ କାଁଭାଁ କେତେଜଣଙ୍କୁ ବିହନ ବଣ୍ଟନ କରାଯାଇଥିବା ବେଳେ କେତେକ ପଞ୍ଚାୟତରେ ଆଦୌ ବିହନ ବଣ୍ଟନ କରାଯାଇନାହିଁ । ଜାଗର ଅମାବାସ୍ୟା ପରେ ବିହନ ବୁଣିଲେବି ମୁଗ ହେବନାହିଁ ବୋଲି ଲୋକକଥା ଅଛି । ଚାଷୀମାନଙ୍କୁ କୃଷି ବିଭାଗ ସହାୟତାର ହାତ ବଢାଇବା ପରିବର୍ତ୍ତେ ଚାଷୀ ମାରଣ ନିତି ଅବଲମ୍ବନ କରୁଥିବାରୁ ମାର୍ଶାଘାଇ ବ୍ଲକ ଅଞ୍ଚଳରେ ଚାଷ ବିପର୍ଯ୍ୟୟ ହେଉଛି ବୋଲି କେତେକ ଚାହିନାମ ଗୋପନ ରଖି କହିଛନ୍ତି । ତେବେ ଉଚ୍ଚ କର୍ତ୍ତୃପକ୍ଷ ଏହି ଚାହିମାରଣା ନିତିର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷିମାନେ ଦାବି କରିଛନ୍ତି ।

## ବିଭିନ୍ନ ସ୍ଥାନରେ ଭାରତ ବନ୍ଦ

**ପାରାଦୀପ,୧୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ର ସରକାରଙ୍କ ନୂତନ ଶ୍ରମ ଆଇନ୍‌କୁ ବିରୋଧ କରିବା ସହିତ ବିଭିନ୍ନ ଦାବିରେ ଗୁରୁବାର ସର୍ବଭାରତୀୟ ଧର୍ମଘଟର ଡାକରା ଦିଆଯାଇଥିଲା । ବନ୍ଦର ଓ ଶିଳ୍ପ ସହର ପାରାଦୀପରେ ଏହାର ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି । ଏହାର ପ୍ରଭାବରେ



ପାରାଦୀପକୁ ବସ୍ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ବ୍ୟାଙ୍କ, ବୀମା କର୍ମଚାରୀ ସଂଘ ସାମିଲ ହୋଇଥିବାରୁ ବ୍ୟାଙ୍କିଙ୍ଗ ସେବା ବନ୍ଦ ହୋଇଯାଇଥିଲା । ଶିକ୍ଷାନୁଷ୍ଠାନମାନଙ୍କରେ ଶିକ୍ଷାଦାନ ଚାଲୁ ରହିଥିବା ବେଳେ ଦୋକାନ ବଜାର ଖୋଲା ରହିଥିବା ଦେଖିବାକୁ ମିଳିଥିଲା । ବିଭିନ୍ନ ଶିଳ୍ପାନୁଷ୍ଠାନ ଫାଟକ, ପାରାଦୀପ ବନ୍ଦର ପ୍ରଶାସନିକ ଭବନ, ଅଠରବାଙ୍କୀ, ଗେଟ୍ ନମ୍ବର-୩, ପାରାଦୀପ ତୈଳ ବିଶୋଧନାଗାର ଆଦି ସ୍ଥାନରେ ବିକ୍ଷୋଭକାରୀମାନେ ବିକ୍ଷେଭ ପ୍ରଦର୍ଶନ କରିଥିଲେ । ପାରାଦୀପ ଅଞ୍ଚଳର ସମସ୍ତ ୧୦ଟି ଶ୍ରମିକ ସଂଘ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ । ଏହି ଭାରତ ବନ୍ଦ ଡାକରାକୁ ଭାରତୀୟ ଜାତୀୟ କଂଗ୍ରେସ ସମର୍ଥନ ଦେଇଥିବାରୁ ପାରାଦୀପ ନଗର କଂଗ୍ରେସ ସଭାପତି କେଦାର ନାଥ ବିଶ୍ୱାଳଙ୍କ ନେତୃତ୍ୱରେ ବହୁ କଂଗ୍ରେସ୍ କର୍ମୀମାନେ ଶ୍ରମିକ ସଂଗଠନ ସହିତ ବିକ୍ଷୋଭରେ ସାମିଲ ହୋଇଥିଲେ ।

**ସାକ୍ଷୀଗୋପାଳ:** ସତ୍ୟବାଦୀରେ ଭାରତ ବନ୍ଦ ଡାକରା ଆଂଶିକ ପ୍ରଭାବ ପଡିଥିବା ଦେଖାଯାଇଥିଲା । ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ୧୨ ଘଣ୍ଟିଆ ଭାରତ ବନ୍ଦ ଡାକରା ଦିଆଯାଇଛି । ସକାଳ ୬ ଘଟିକା ଠାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଏହି ଡାକରା ଦିଆଯାଇଛି । ସତ୍ୟବାଦୀରେ ସମସ୍ତ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ୟବସାୟୀ ପ୍ରତିଷ୍ଠାନ ଗୁଡିକ ଖୋଲା ରହିଥିଲା । କେତେକ ବ୍ୟବସାୟୀ ପ୍ରତିଷ୍ଠାନ ଗୁଡିକ ସେମାନେ ସ୍ୱେଚ୍ଛାରେ ଦୋକାନ ବଜାର ବନ୍ଦ କରିଥିଲେ । ପୁରୀ-ଭୁବନେଶ୍ୱର ୩୧୬ନଂ ଜାତୀୟ ରାଜପଥରେ ବେସରକାରୀ ବସ୍ ଚଳାଚଳ ବନ୍ଦ ରହିଛି । ସତ୍ୟବାଦୀରେ ଅଲଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ନେତା ସୁବାଷ ବରାଳ ସଂଗଠନର ସଭାପତି ଶ୍ୟାମସୁନ୍ଦର ମହାପାତ୍ର ଓ ସମ୍ପାଦକ ହାଡିବନ୍ଧୁ ବେହେରାଙ୍କ ସହିତ ସୁବାସ ବେହେରାଙ୍କ ସହକର୍ମୀ ମାନେ ସାକ୍ଷୀଗୋପାଳ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ସାଖାର ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ ।

**ଭଦ୍ରକ:** କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଦିଆଯାଇଥିବା ଦେଶବ୍ୟାପୀ ଧର୍ମଘଟ ଭଦ୍ରକରେ ସଫଳ ହୋଇଛି । ଅଖିଳ ଭାରତ କୃଷି ଓ ଗ୍ରାମୀଣ ଶ୍ରମିକ, ଏଆଇସିସିଟିୟୁ ଓ ଶତାଧିକ ଶ୍ରମିକ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ବେଳେ ବନ୍ତ ଛକ ନିକଟରେଶ୍ରମିକ ନେତା ଦିବ୍ୟ ସିଂହ ନାୟକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା, ଚରମ୍ପା ରେଳ ଷ୍ଟେସନ, କୋର୍ଟ ପରିସର ସହ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ଜାତୀୟ ରାଜପଥ ଅବରୋଧ ବେଳେ ଧର୍ମଘଟକାରୀ ଓ ପୋଲିସଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ଉପୁଜି ଥିବାବେଳେ ଦିନ ପ୍ରାୟ ଦୁଇଟା ବେଳେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା ।

**ବୁଗୁଡ଼ା:** କେନ୍ଦ୍ର ସରକାରଙ୍କ ନୂତନ ଶ୍ରମ ଆଇନକୁ ବିରୋଧ କରି କେନ୍ଦ୍ରୀୟ ଟ୍ରେଡ ୟୁନିଅନ ମିଳିତ ମଞ୍ଚର ୧୨ ଘଣ୍ଟିଆ ଧର୍ମଘଟ ଓ ହରତାଳ ଡାକରା ପରିପ୍ରେକ୍ଷୀରେ ଗୁରୁବାର ବୁଗୁଡାରେ ପରିବହନ ସେବା ସାଙ୍ଗକୁ ବ୍ୟାଙ୍କ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା ଏବଂ ବ୍ଲକ ଆଶାକର୍ମୀ ସଂଘ ପକ୍ଷରୁ ମେଡିକାଲ ପରିସରରେ ଶାନ୍ତିପୂର୍ଣ୍ଣ ଧାରଣା ପ୍ରଦର୍ଶନ କରାଯାଇଥିଲା । ଅନ୍ୟପକ୍ଷରେ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, କାର୍ଯାଳୟ ସହିତ ଦୋକାନ ବଜାର ସ୍ୱଭାବିକ ଭାବେ ଖୋଲା ରହିଥିଲା । ଭାରତ ବନ୍ଦ ଆହ୍ୱାନକାରୀ କୌଣସି ସଂଗଠନ କିମ୍ବା ଏହାର ସମର୍ଥନକାରୀ କୌଣସି ରାଜନୈତିକ ଦଳ ପକ୍ଷରୁ ପିକେଟିଂ କରିବାର ଦେଖାଯାଇନଥିଲା । ଯାତ୍ରୀବାହୀ ବସ୍ ଚଳାଚଳ ବନ୍ଦ ଯୋଗୁଁ ବୁଗୁଡା ବସଷ୍ଟାଣ୍ଡ ପରିସର ଖାଁଖାଁ ଲାଗୁଥିଲା ବେଳେ ଦୋକାନ ବଜାରରେ ଗହଳି ଚହଳି ଦେଖିବାକୁ ମିଳିଥିଲା । ଫଳରେ ବୁଗୁଡାରେ ଭାରତ ବନ୍ଦର ଆଂଶିକ ପ୍ରଭାବ ପରିଲକ୍ଷିତ ହୋଇଥିଲା ।

**ଭଣ୍ଡାରିପୋଖରୀ:** ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ବିଭିନ୍ନ ଶ୍ରମିକ ସଙ୍ଗଠନ ଦ୍ୱାରା ଆହୂତ ଗୁରବାର ଭାରତ ବନ୍ଦ ପ୍ରଭାବ ଆଂଶିକ ଭାବେ ଅନୁଭୁତ ହୋଇଛି । ଟ୍ରେଡ ୟୁନିଅନର ସ୍ଥାନୀୟ ସଦସ୍ୟମାନେ ୧୬ନଂ ଜାତୀୟ ରାଜପଥର ଭଣ୍ଡାରିପୋଖରୀରେ ବସିରହି ଯାନବାହନ ଚଳାଚଳ ବନ୍ଦ କରିଥିଲେ । ବନ୍ଦକୁ ସମର୍ଥନ କରିଥିବା କଂଗ୍ରେସ ଦଳର କର୍ମୀମାନେ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ସ୍କୁଲ ଆଦି ବନ୍ଦ କରିଥିଲେ । ମାତ୍ର ଦୋକାନ ବଜାର ସ୍ୱାଭାବିକ ଭାବେ ଖୋଲାଥିଲା । ଆଭ୍ୟନ୍ତରୀଣ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ଥିଲା । ଅପରାହ୍ନ ୨ଟାରେ ରାଜପଥରେ ଯାନବହାନ ଚଳାଚଳ ସ୍ୱାଭାବିକ ହୋଇଥିଲା ।

**ଅସ୍ତରଙ୍ଗ:** ସର୍ବ ଭାରତୀୟ ଧର୍ମଘଟ ଡାକରା ଦେଇଥିଲା ଶ୍ରମିକ ସଂଗଠନ । ୪ଟି ନୂଆ କୋର୍ଡକୁ ପ୍ରତ୍ୟାହାର କରିବାକୁ ବାମପନ୍ଥୀ ଦଳ ଓ କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ଓ ସର୍ବଭାରତୀୟ ଫେଡେରେସେନକୁ ନେଇ ଗଠିତ ଟ୍ରେଡ଼ ୟୁନିୟନ ମିଳିତ ମଞ୍ଚ ଟ୍ରେଡ଼ ୟୁନିୟନ ବା ସିଆଇଟିୟୁ ଦାବି କରିଛି । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ସିଆଇଟିୟୁ ଆବାହକ ସୁରେଶ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଟ୍ରେଡ଼ ୟୁନିୟନ ଗୁଡିକର ଅଭିଯୋଗ ରହିଛି କି କେନ୍ଦ୍ର ସରକାର ଦେଶରେ ଶ୍ରମିକମାନଙ୍କ ଅଧିକାରୀଙ୍କୁ ଗୌଣ କରି କର୍ପୋରେଟର ହାଉସ ଓ ପୁଞ୍ଜିପତିମାନଙ୍କୁ ବିଶେଷ ଲାଭ ଦେଉଛନ୍ତି । ବିଶେଷ କରି କେନ୍ଦ୍ର ସରକାର ଆଣିଥିବା ନୂଆ ଶ୍ରମ ଆଇନିକୁ ବାତିଲ କରିବାକୁ ସଂଗଠନ ଦାବି କରିଛି । ଏହି ଆନ୍ଦୋଳନରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ଅଙ୍ଗନବାଡି ସମେତ ବିଭିନ୍ନ ସଂଗଠନ ବନ୍ଦରେ ସାମିଲି ହୋଇଥିଲେ ।


## ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ, ଘଟଗାଁ, କେନ୍ଦୁଝର

**ନୋଟିସ୍ ନଂ.୩୧, ତାରିଖ-୧୩.୦୨.୨୦୨୬**

**ଟେଣ୍ଡର ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ୨୦୨୬-୨୭ ବର୍ଷ ପାଇଁ ନିମ୍ନଲିଖିତ ଜଉମୁଦ ଟେଣ୍ଡର ପ୍ରକ୍ରିୟା ତିନୋଟି ପର୍ଯ୍ୟାୟରେ କରାଯିବ । ଏଣୁ ଇଚ୍ଛୁକ ବ୍ୟକ୍ତି ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରୁ ନିୟମାବଳୀ ଯୁକ୍ତ ଆବେଦନ ଫର୍ମ କ୍ରୟ ବାବଦକୁ ଟ.୧୫୦୦/- (ଏକ ହଜାର ପାଞ୍ଚଶହ) ଟଙ୍କା ନଗଦ ଦାଖଲ କରି ନିୟମାବଳୀ ଅନୁଯାୟୀ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ । ପ୍ରଥମ ପର୍ଯ୍ୟାୟ ପାଇଁ ଦିବା ୧୧ଘ. ଠାରୁ ୧ଘ. ଓ ଅପରାହ୍ନ ୫ଘ. ଠାରୁ ସଂନ୍ଧ୍ୟା ୬ଘ. ମଧରେ ତା.୧୫.୦୨.୨୦୨୬ରିଖ ଠାରୁ ତା.୨୨.୦୨.୨୦୨୬ରିଖ ସୁଦ୍ଧା ଟେଣ୍ଡର ଫର୍ମ କ୍ରୟ କରିପାରିବେ । ଟେଣ୍ଡର ସମ୍ବନ୍ଧୀୟ ନିୟମାବଳୀ ଓ ଅନ୍ୟାନ୍ୟ ତଥ୍ୟ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟକୁ ଆସି ବୁଝିପାରିବେ । ହେବାକୁ ଥିବା ଟେଣ୍ଡର ମଧ୍ୟରୁ ଯେଉଁ ଟେଣ୍ଡର ପାଇଁ ପ୍ରଥମ ପର୍ଯ୍ୟାୟରେ ଆବେଦନ ହୋଇନଥିବ ବା ଆବେଦନ ହୋଇଥିବା ଟେଣ୍ଡର ନାକଚ କରାଯାଇଥିବ ସେହି ଟେଣ୍ଡର ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ ହୋଇନଥିବ ବା ଆବେଦନ ହୋଇଥିବା ଟେଣ୍ଡର ନାକଚ କରାଯାଇଥିବ ସେହି ଟେଣ୍ଡର ପାଇଁ ତୃତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ । ପରିଚାଳନା କମିଟି ଚାହିଁଲେ ବିନାକାରଣରେ ଏହି ଟେଣ୍ଡର ନାକଚ ବା ପରିବର୍ତ୍ତନ କରିପାରିବେ । ପ୍ରଥମ ପର୍ଯ୍ୟାୟ ପାଇଁ କ୍ରୟ କରି ଥିବା ଟେଣ୍ଡର ଫର୍ମ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ କ୍ରୟ କରିଥିବା ଟେଣ୍ଡର ଫର୍ମ ତୃତୀୟ ପର୍ଯ୍ୟାୟରେ ଗ୍ରହଣ ଯୋଗ୍ୟ ନୁହେଁ । ଏହି ଟେଣ୍ଡର ସମ୍ବନ୍ଧୀୟ ନୋଟିସ୍ www.maatarini.co.in ୱେବସାଇଟରେ ଦେଖିପାରିବେ ।

| ଟେଣ୍ଡର ପର୍ଯ୍ୟାୟ | ଟେଣ୍ଡର ଗ୍ରହଣ ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ |
|---|---|---|
| ପ୍ରଥମ ପର୍ଯ୍ୟାୟ | ତା.୨୩.୦୨.୨୬ରିଖ ୧୧ ଘଟିକା | ତା.୨୩.୦୨.୨୬ରିଖ ୧୨ଘଟିକା |
| ଦ୍ୱିତୀୟ ପର୍ଯ୍ୟାୟ | ତା.୦୨.୦୩.୨୬ରିଖ ୧୧ ଘଟିକା | ତା.୦୨.୦୩.୨୬ରିଖ ୧୨ଘଟିକା |
| ତୃତୀୟ ପର୍ଯ୍ୟାୟ | ତା.୦୯.୦୩.୨୬ରିଖ ୧୧ ଘଟିକା | ତା.୦୯.୦୩.୨୬ରିଖ ୧୨ଘଟିକା |

| କ୍ର.ନଂ. | ଟେଣ୍ଡରର ନାମ | ଧାର୍ଯ୍ୟ ମୂଲ୍ୟ | ଅମାନତ ଦେୟ |
|---|---|---|---|
| ୧. | ମନ୍ଦିର ସମ୍ମୁଖରେ ଫଟୋ ଉଠା | ଟ.୩୧,୮୭,୫୮୦/- | ଟ.୩,୧୮,୭୫୮/- |
| ୨. | ଖୁଣ୍ଟା ମୌଜା ଚାଷ ଜମି | ଟ.୬,୦୦୦/- | ଟ.୬୦୦/- |
| ୩. | ଚଇତି ପର୍ବ ଟେଣ୍ଟ, ବାରିକେଡ୍ ଯୋଗାଇବା | ଟ.୧୫,୧୨,୫୦୦/- | ଟ.୧,୫୧,୨୫୦/- |
| ୪. | ଚଇତି ପର୍ବ ଲାଇଟ୍, ଜେନେରେଟର ଯୋଗାଇବା | ଟ.୪,୪୪,୪୦୦/- | ଟ.୪୪,୪୪୦/- |
| ୫. | ଚଇତି ପର୍ବ ମାଇକ୍ ଯୋଗାଇବା | ଟ.୧,୨୪,୩୦୦/- | ଟ.୧୨,୪୩୦/- |
| ୬. | ଚଇତି ପର୍ବ LED Display_ଯୋଗାଇବା Video Camera ଓ Steel Photo | ଟ.୬୯/- Per Sqft. (LED Display) | ଟ.୨୫,୦୦୦/- |

କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ଘଟଗାଁ, କେନ୍ଦୁଝର

## ଧବଳେଶ୍ୱର ମନ୍ଦିରରେ ରାତି ୧୧ଟାରେ ଉଠିବ ମହାଦୀପ

**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗରେ ଥିବା ଶ୍ରୀ ଶ୍ରୀ ଧବଳେଶ୍ୱର ମନ୍ଦିରରେ ମହାଶିବରାତ୍ରି ପର୍ବ ପାଳନ ପାଇଁ ନୀତି ନିର୍ଘଣ୍ଟ କରାଯାଇଛି। ରାତି ୧୧ ଟାରେ ମହାଦୀପ ଉଠିବା ସହିତ ହରିହର ଭେଟ ଦର୍ଶନ ଆରମ୍ଭ ହେବ। ମନ୍ଦିର ଟ୍ରଷ୍ଟି ବଦ୍ରି ନାରାୟଣ ସାହୁଙ୍କ ପୌରହିତ୍ୟରେ ଟ୍ରଷ୍ଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସନ୍ତା ୧୫ତାରିଖ ଦିନ ମହାଶିବରାତ୍ରି ପର୍ବ ସୁଚାରୁରୂପେ ପାଳନ ପାଇଁ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା। ଭୋର ତିନିଟା ସମୟରୁ ପ୍ରଭୁ ଧବଳେଶ୍ୱରଙ୍କ ପହଡ଼ ଫିଟି ନୀତି କାନ୍ତି ଆରମ୍ଭ ହେବ। ଭୋର ସମୟରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ଚାଲୁ ରହିବ। ରାତ୍ର ୮ ଟାରେ ପରେ ଗମ୍ଭିରା ସଫା କରିବା ସହ ପ୍ରଭୁଙ୍କୁ ନୂତନ ବସ୍ତ୍ର, କେତକୀ ଫୁଲରେ ସୁସଜ୍ଜିତ କରାଯାଇ ବେଢ଼ା ପରିକ୍ରମା କରାଯିବ। ରାତ୍ର ୧୧ଟାରେ ହରିହର ଭେଟ ଆରମ୍ଭ ହେବ। ହରିହର ଭେଟ ପରେ ମହାଦୀପ ଉଠିବ। ଟ୍ରଷ୍ଟି ପକ୍ଷରୁ ସଭ୍ୟ ଶୁଭ୍ରାଂଶୁ ରଂଜନ ସାମନ୍ତରାୟ, ମଳୟେଶ ପ୍ରଧାନ, ବସନ୍ତ କୁମାର ମହାପାତ୍ର, ସେବାୟତ ସଂଘର ସଭାପତି ତ୍ରିନାଥ ମହାପାତ୍ର ପ୍ରମୁଖ ଧବଳେଶ୍ୱର ଦେବଙ୍କ ମହାଶିବରାତ୍ରି ପର୍ବ ପାଳନ ପାଇଁ ପୋଲିସ ପ୍ରଶାସନ, ଅଗ୍ନିଶମ ବାହିନୀ, ପୌର ପ୍ରଶାସନଙ୍କ ସହ ଆଲୋଚନା କରି ସେମାନଙ୍କ ସହଯୋଗ କାମନା କରିଛନ୍ତି।

## ଭଗବତୀ ପୀଠରେ ୩୦ରୁ ଊର୍ଦ୍ଧ୍ୱ ବୋଦା ବଳି

**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର ବ୍ଲକ ନଛିମପୁର ପଞ୍ଚାୟତ ଅନ୍ତର୍ଗତ ଆମ୍ବଳିଆଠା ଗାଁରେ ଥିବା ପ୍ରସିଦ୍ଧ ମା ଭଗବତୀ ପୀଠରେ ଧୂମଧାମରେ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ମଙ୍ଗଳବାର ଦେବୀ ପୀଠରେ ବାର୍ଷିକ ପୂଜାର୍ଚ୍ଚନା ଲାଗି ଦିନ ତମାମ ଗାଁର ମହିଳାମାନେ ଉପବାସ ରହି ଖଇରେ ତିଆରି ଉଖୁଡା ଭୋଗ ପ୍ରସ୍ତୁତରେ ମଗ୍ନ ରହିଥିଲେ। ବିଧି ଅନୁସାରେ ପ୍ରତି ଘରୁ ଆସିଥିବା ଶହଶହ ଭୋଗ ଡାଲା ସନ୍ଧ୍ୟାରେ ମା'ଚଣ୍ଡୀଙ୍କଠାରେ ଲାଗି ହେବା ସହିତ ମଧ୍ୟ ରାତ୍ରୀରେ ଭଗବତୀଙ୍କ ପୀଠରେ ପୂଜା ଅର୍ଚ୍ଚନା ଆରମ୍ଭ ହୋଇଥିଲା। ରାତ୍ରର ଶେଷାର୍ଦ୍ଧରେ ଭଗବତୀ ପୀଠରେ ତାନ୍ତ୍ରିକ ପୂଜାର୍ଚ୍ଚନା ସହ ବାଦ୍ୟର ତାଳେ ତାଳେ ମାନସିକ ବୋଦା(ପାଣ୍ଡା)ବଳି ଦିଆଯାଇଛି। ପୂର୍ବରୁ ଶହ ଶହ ସଂଖ୍ୟାରେ ଦିଆଯାଉଥିବା ବେଳେ ଚଳିତ ବର୍ଷ ୩୦ରୁ ଊର୍ଦ୍ଧ୍ୱ ବୋଦା ବଳି ଦିଆଯାଇ ଥିବା କୁହାଯାଇଛି। ମନସ୍କାମନା ପୂରଣ ଲାଗି ଭକ୍ତମାନେ ଭଗବତୀ ପୀଠରେ ବଳି ଅର୍ପଣ କରୁଥିବା ଦୃଢ଼ ବିଶ୍ୱାସ ରହିଛି। ବୁଧବାର ମଧ୍ୟାହ୍ନରେ ଗ୍ରାମର ସମସ୍ତଙ୍କ ଘରେ ମାଂସ ଭୋଗ ସହିତ ଛେଳି (ଖାସି) ଓ କୁକୁଡା ମାଂସର ଭୋଜି ଆଡମ୍ବରରେ ଅନୁଷ୍ଠିତ ହୋଇଥିଲା।

## ଆନିକଟ ବ୍ରିଜ ମରାମତି ଲାଗି କଂଗ୍ରେସର ଦାବିପତ୍ର

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଯୋବ୍ରା ଜଗତପୁରକୁ ସଂଯୋଗ କରି ମହାନଦୀ ଆନିକଟ ଉପରେ ପ୍ରାୟ ଦୁଇ କିମି ଦୈର୍ଘ୍ୟ ବିଶିଷ୍ଟ ଏହି ପୋଲ ଦୀର୍ଘ ୩୬ବର୍ଷ ହେଲା ଲୋକଙ୍କ ସେବାରେ ଲାଗୁଛି। ପ୍ରଥମେ ହାଲୁକା ଯାନ ଯାତାୟାତ କରୁଥିବା ବେଳେ ବେଶ କିଛିଦିନ ଧରି ଏହି ବ୍ରୀଜ୍ ଉପରେ ମୋ-ବସ, କୋର୍ଟ ଭ୍ୟାନ, ଇତ୍ୟାଦି ଭାରି ଯାନ ଯିବା ଆସିବା କରିବା ସହ ଶହଶହ ଦୁଇ ଚକିଆ ଚାରି ଚକିଆ ଯାନ ଏବଂ ବହୁଳ ମାତ୍ରାରେ ଆମ୍ବୁଲାନ୍ସ ଆଦି ପ୍ରତ୍ୟେହ ଯାତାୟତ କରିଥାନ୍ତି। ଏହି ରାସ୍ତା କଟକ ସହରକୁ ପ୍ରବେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଅଟେ। ମାତ୍ର ଏହାର ରକ୍ଷଣାବେକ୍ଷଣ ଅଭାବରୁ ପୋଲର ବହୁ ଜାଗାରେ ଗାଡ଼ ସୃଷ୍ଟି ହୋଇ ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଫଳରେ ଯାତାୟତରେ ସମସ୍ୟା ସୃଷ୍ଟି ହେବା ସହ ବହୁବାର ଦୁର୍ଘଟଣା ମାନ ମଧ ଘଟିଲାଣି। ପ୍ରତିବର୍ଷ ମରାମତି ଆଳରେ ଲକ୍ଷଲକ୍ଷ ଟଙ୍କା ସରକାରୀ ତହବିଲରୁ ଖର୍ଚ୍ଚ କରାଯାଉଥିଲେ ମଧ ମରାମତିର ହେବାର ମାସେ ନପୁରୁଣୁ ଯଥା ପୂର୍ବମ ତଥା ପରମ ଅବସ୍ଥା ହେଉଯାଉଛି। କେବଳ ଠିକାଦାର ପୋଷିବା ପରି ମନେ ହେଉଛି। ଏଣୁ ଏହି ପ୍ରସଙ୍ଗରେ 'କଟକ ନଗର(ଜିଲ୍ଲା) କଂଗ୍ରେସର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ାଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ କଟକ ଗଣ୍ଡରପୁର ସ୍ଥିତ ମହାନଦୀ ବ୍ୟାରେଜ ଡିଭିଜନ- ୧ଙ୍କ କାର୍ଯ୍ୟାଳୟକୁ ଯାଇ ଅଧିକ୍ଷଣ ଯନ୍ତ୍ରୀ ଇଞ୍ଜିନିୟର ଚନ୍ଦ୍ରଶେଖର ସେଠୀଙ୍କ ସହିତ ସାକ୍ଷାତ ଆଲୋଚନା କରିବା ସହ ତୁରନ୍ତ ପନ୍ଦର ଦିନ ମଧ୍ୟରେ ସ୍ଥାୟୀ ଭାବରେ ପୋଲର ମରାମତି କରିବାକୁ ଦାବୀ କରିଥିଲେ। ନଚେତ୍ ୧୫ଦିନ ପରେ ପୋଲ ମୁଣ୍ଡରେ ଧାରଣ ଦିଆଯିବ ବୋଲି ପ୍ରତିନିଧି ମଣ୍ଡଳୀ ଚେତାବନୀ ଦେଇଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ କର୍ପୋରେଟର ଜେ. କାମେଶ୍ୱର ରାଓ, ବ୍ଲକ୍ କଂଗ୍ରେସ ସଭାପତି ଅଲେଖ ଚନ୍ଦ୍ର ବେହେରା, ଜିଲ୍ଲା କଂଗ୍ରେସ ପ୍ରାକ୍ତନ ଉପସଭାପତି ରାଜେଶ୍ ସ୍ୱାଇଁ ଓ ମନୋଜ ବିଶ୍ୱାଳ, ଚୌଦ୍ୱାର କଟକର ପ୍ରାକ୍ତନ ଯୁବ କଂଗ୍ରେସ ସଭାପତି ସୁକାନ୍ତ ସାହାଣୀ, ଛାତ୍ରନେତା ହରିଶଙ୍କର ରାଉତ୍, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ ଓ ଜୟନାରାୟଣ ତ୍ରୀପାଠୀ, ଜିଲ୍ଲା କଂଗ୍ରେସ ପ୍ରାକ୍ତନ ସମ୍ପାଦକ ଦିଲ୍ଲିପ ଦଳାଇ, ପ୍ରାକ୍ତନ କର୍ପୋରେଟର ପ୍ରଶାନ୍ତ ଭୋଇ ଓ ହିମାଂଶୁ ରାଉତ୍, ଚୌଦ୍ୱାର ନଗର କଂଗ୍ରେସ ର ବରିଷ୍ଠ ଉପସଭାପତି ସୁବାସ ସୁବୁଦ୍ଧିରାୟ ଓ ଅଜୟ ଦାସ, ସଦର ଯୁବ କଂଗ୍ରେସର ପ୍ରାକ୍ତନ ସଭାପତି ରାଜଶିଖର ସ୍ୱାଇଁ, ବରିଷ୍ଠ ଶ୍ରମିକ ନେତା ଲକ୍ଷ୍ମୀଧର ଶରଣ ଓ ଲଳିତ ମୋହନ ଭୂୟାଁ, ୱାର୍ଡ କଂଗ୍ରେସ ସଭାପତି ରଶ୍ମିକାନ୍ତ ସାମଲ ଓ ସୌମେନ୍ଦ୍ର ମହାନ୍ତି, ଦୀପକ ସାହୁ, ଅଜୟ କୁମାର ଦାସ, ଗଣେଶ ବେହେରା, ଅବନୀ ନାୟକ ପ୍ରମୁଖ ଯୋଗଦେଇଥିଲେ।

## ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ବୈଠକରେ ପ୍ରମୁଖ ସଚିବଙ୍କ ପରାମର୍ଶ
# ସମୟୋପଯୋଗୀ ସେବା ଯୋଗାନ୍ତୁ




**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ଅଧକ୍ଷତାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଭାଗ ଅଧୀନସ୍ଥ ବିଭିନ୍ନ ଯୋଜନାର ସାମଗ୍ରିକ ପ୍ରଗତି, କାର୍ଯ୍ୟାନ୍ୱୟନ ସ୍ଥିତି ଓ କ୍ଷେତ୍ରସ୍ତରରେ ମୁହାଁ ଦେଉଥିବା ସମସ୍ୟାମାନଙ୍କ ଉପରେ ସବିସ୍ତାର ଆଲୋଚନା କରାଯାଇଛି।

ସଠିକ୍ ଲାଭାର୍ଥ ଚିହ୍ନଟ, ସମୟୋପଯୋଗୀ ଭାବେ ସେବା ପ୍ରଦାନ, ଅଭିଯୋଗର ଶୀଘ୍ର, ପାରଦର୍ଶୀ ଓ କାର୍ଯ୍ୟକାରୀ ନିରାକରଣକୁ ପ୍ରାଥମିକତା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ମାଇଦାନୀ ସ୍ତରରେ ସମନ୍ୱୟ ଓ ନିରୀକ୍ଷଣ ବୃଦ୍ଧି, ନିୟମିତ ଶିବିର ଆୟୋଜନ, ସଚେତନତା କାର୍ଯ୍ୟକ୍ରମକୁ ଅଧିକ ସକ୍ରିୟ କରିବା ସହ ଯୋଜନାମାନଙ୍କର ଲକ୍ଷ୍ୟଭିତ୍ତିକ, ସମୟବଦ୍ଧ ଓ ଗୁଣାତ୍ମକ କାର୍ଯ୍ୟାନ୍ୱୟନ ନିଶ୍ଚିତ କରିବାକୁ ସମସ୍ତ ଜିଲ୍ଲା ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି।

## ଜନଗଣନା ପାଇଁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ

**ଦେବଗଡ଼:ଏକ୍ସପ୍ରେସ୍ ନ୍ୟୁଜ୍**

ଆଗାମୀ ୨୦୨୭ ଜନଗଣନା କାର୍ଯ୍ୟକୁ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ଦେବଗଡ଼ ଜିଲ୍ଲାରେ ଜିଲ୍ଲା ସ୍ତରୀୟ ଜନ ଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜି ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ପ୍ରମୁଖ ଜନ ଗଣନା ଅଧିକାରୀ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲ୍ଲା ସ୍ତରୀୟ ଜନ ଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ଭୁବନେଶ୍ୱର ଜନ ଗଣନା ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଲକ୍ଷ୍ମଣ ମୁଖୀ ପ୍ରମୁଖ ଯୋଗଦେଇଥିଲେ।

ଶ୍ରୀ ମୁଖୀ କହିଛନ୍ତି ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧୬ରୁ ମେ ୧୫ ଗୃହ ତାଲିକା ଓ ଗୃହ ଗଣନା କରାଯିବ। ନାଗରିକମାନେ ସେନସସ୍ ପୋର୍ଟାଲ୍‌ରେ ଲଗ୍‌ଇନ୍ କରି ଆତ୍ମ ଗଣନା କରିପାରିବେ। ଯାହା ଏପ୍ରିଲ ୧ରୁ ୧୫ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏହାପରେ ଅଧିକାରୀମାନେ ମୋବାଇଲ୍ ଆପ ଜରିଆରେ ଘରେ ଘରେ ଯାଇ ତଥ୍ୟ ସଂଗ୍ରହ କରିବେ।ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୭ ଫେବୃଆରି ୯ ରୁ ୨୮ ଯାଏ ଜନ ଗଣନା ହେବ ଏବଂ ମାର୍ଚ୍ଚ ୧ ରୁ ୫ ପର୍ଯ୍ୟନ୍ତ ସଂଶୋଧନ ରାଉଣ୍ଡ ଅନୁଷ୍ଠିତ ହେବ। ବର୍ତ୍ତମାନ ଗୃହ ଗଣନା ପାଇଁ ଗୃହ ତାଲିକା ବ୍ଲକ୍ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ଜନ ଗଣନା ପ୍ରଥମ ଥର ପାଇଁ ଡିଜିଟାଲ ହେବାରୁ ବୈଷୟିକ ଜ୍ଞାନ କୌଶଳ ବ୍ୟବହାର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ସେଲ୍ଫ ଏନ୍ୟୁମେରେସନ, ସାଧାରଣ ଜନତାଙ୍କ ସୁବିଧା ପାଇଁ ନାଗରିକମାନେ ନିଜର ତଥ୍ୟ ପ୍ରଦାନ କରିପାରିବେ। ଏହା ବ୍ୟତୀତ ମୋବାଇଲ୍ ଏପ୍ଲିକେଶନରେ ମଧ ଜନଗଣନା ନିଜେ ନିଜ ସମ୍ପୂର୍ଣ୍ଣ ତଥ୍ୟ ଦେଇ ପାରିବେ। ଏଥିରେ ଜିଲ୍ଲାର ବରିଷ୍ଠ ଅଧିକାରୀଙ୍କୁ ମାଷ୍ଟର ଟ୍ରେନର, ତହସିଲସ୍ତରୀୟଙ୍କୁ କ୍ଷେତ୍ରୀୟ ଟ୍ରେନର ଏବଂ ଶିକ୍ଷକମାନଙ୍କୁ ଗଣନାକାରି ଓ ସୁପରଭାଇଜର ଭାବେ ନିୟୋଜିତ କରାଯିବ। ବୈଠକ ଦେବଗଡ଼ ତହସିଲଦାର କର୍ଣ୍ଣ ମଲିକ, ରିଆମାଳ ତହସିଲଦାର ବିଜୟଲକ୍ଷ୍ମୀ ନାୟକ, ବାରକୋଟ ତହସିଲଦାର ରବୀନ୍ଦ୍ର ସାମଲ, ନିର୍ବାହୀ ଅଧିକାରୀ ପୌରପରିଷଦ ରିତିକାନ୍ତ ସୁକଲା, ଜିଲ୍ଲା ଶିକ୍ଷାଅଧିକାରୀ ଗେନ୍ଦ୍ରା କୁଜୁର, ଡେପୁଟି କଲେକ୍ଟର ଅଞ୍ଜନି କୁଜୁର, ଜିଲ୍ଲା ଇପ୍ରଶାସକ ପରିଚାଳକ ବିକାଶ ସାହୁ, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ତରଣୀ ବେହେରା, ଜନ ଗଣନା ନିର୍ଦ୍ଦେଶାଳୟର କୁମାର କୀର୍ତ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଅତିରିକ୍ତ ତହସିଲଦାର ଓ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗହୀରମଥାରୁ ବୋଟ ଜବତ

**ରାଜନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବରୁଣେଇ ମୁହାଁଣ ନିକଟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଦଳ ମା ମଙ୍ଗଳା-୧୬ ନାମକ ୱାନ ସିଲିଣ୍ଡର ବୋଟକୁ ଜବତ କରିବା ସହ ତିନିଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେଥିରୁ ଗୋଟିଏ ମନୋଫିଲାମେଟଂ ଜାଲ ଜବତ କରିଛି। ଗିରଫ ମତ୍ସ୍ୟଜିବୀମାନେ ହେଲେ ବାଇଧର ସେଠୀ, ଅରୁଣ ସେଠୀ ଓ ପଚାଂନନ ରାଉତ। ଗିରଫ ମତ୍ସ୍ୟଜିବୀମାନେ ରାଜନଗର ଥାନା ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମର। ମତ୍ସ୍ୟଜିବୀମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଫାଇନାଲରେ ୟୁ ଆଣ୍ଡ ମି ବାଲେଶ୍ୱର

**ଚଣ୍ଡିଖୋଲ:ଏକ୍ସପ୍ରେସ୍ ନ୍ୟୁଜ୍**

ବଡଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡା ଖେଳ ପଡିଆରେ ଚଣ୍ଡିଖୋଲ ଫ୍ରେଣ୍ଡସ ସ୍ପୋର୍ଟସ ଆଣ୍ଡ କଲ୍‌ଚରାଲ ଆସୋସିଏସନ୍ ଆନୁକୂଲ୍ୟରେ ୧୧ତମ ରାଜ୍ୟ ସ୍ତରୀୟ ଡିୟୁ ଫ୍ରେଣ୍ଡସ କପ୍ ଆଜି ପ୍ରଥମ ସେମି ଫାଇନାଲ୍ ଖେଳରେ ୟୁ ଆଣ୍ଡ ମି ବାଲେଶ୍ୱର ଓ ରାମେଶ୍ୱର ଭୁବନେଶ୍ୱର ମଧ୍ୟରେ ଖେଳାଯାଇଥିଲା। ୟୁ ଆଣ୍ଡ ମି ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୨୫ ଓଭରରେ ୨୦୧ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାଜେଶ ଦାସ ସର୍ବାଧିକ ୨୪ବଲ ୫୭ରନ କରିଥିଲେ। ବିପକ୍ଷରେ ରାମେଶ୍ୱର ଦଳ ୨୪.୨ ଓଭରରେ ସମସ୍ତ ୱାଇକେଟ ହରାଇ ୧୭୪ରନ ସଂଗ୍ରହ କରି ପରାଜୟ ବରଣ କରିଥିଲେ। ଦଳ ପକ୍ଷରୁ ସାରାଂଶ କୁମାର ସର୍ବାଧିକ ୩୫ରନ୍ ସଂଗ୍ରହ କରିଥିଲେ। ରାଜେଶ ଦାସ ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ସମାଜସେବୀ ଅଟଳ କୁମାର ଜେନା ଓ ଅନିନ୍ଦ୍ୟ ସାମଲଙ୍କ ଠାରୁ ଗ୍ରହଣ କରିଥିଲେ। ଆଜିର ଖେଳକୁ ଅଶ୍ୱଜିତ ରାଉତ ଓ ଯତିନ୍ଦ୍ର ନାୟକ ପରିଚାଳନା କରିଥିଲା ବେଳେ ଇମ୍ରାନ ଅଲ୍ଲି ଖାଁ, ଦେବେନ୍ଦ୍ର ଜେନା, ଅଭିଷେକ ବିଶ୍ୱାଳ, ଇମ୍ରାନ ଅଲ୍ଲୀ ଧାରା ବିବରଣୀ ପ୍ରଦାନ କରିଥିଲେ। ସଭାପତି ଦେବ ରଞ୍ଜନ ସ୍ୱାଇଁ, ସମ୍ପାଦକ ଦେବେନ୍ଦ୍ର ବଳ, ଛବିନ୍ଦ୍ର ବାରିକ ଅହେନ୍ଦ୍ର ମାହାଲା, ମନୋଜ ସାହୁ, ସମସ୍ତ ସହଯୋଗୀଙ୍କୁ ଧନ୍ୟବାଦ ଦେଇଥିଲେ।

## ଅନୁମତି ନନେଇ ଜଙ୍ଗଲ ଜମି ବ୍ୟବହାର କରିବନି ଏପସିଲନ

**ଝାରସୁଗୁଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀପୁରା ସ୍ଥିତ ଜଙ୍ଗଲ ଜମିକୁ ବେଆଇନ ଭାବରେ ଦଖଲ କରିଆସୁଥିଲା। ଗ୍ରାମବାସୀଙ୍କ ଏହି ଦୀର୍ଘ ଦିନର ଅଭିଯୋଗକୁ ସ୍ୱୀକାର କରିଛି ଏପସିଲନ। ପ୍ରଶାସନିକ ଅନୁମତି ନ ନପାଇବା ପର୍ଯ୍ୟନ୍ତ କମ୍ପାନି ଜଙ୍ଗଲ ଜମିରେ ସ୍ଥାନୀୟ ନିର୍ମାଣ କିମ୍ବା ବ୍ୟବହାର କରିବ ନାହିଁ ଏବଂ ସ୍ଥାନୀୟ ବେକାର ଯୁବକଯୁବତୀଙ୍କୁ କମ୍ପାନିରେ ନିଯୁକ୍ତି ପ୍ରଦାନ କରିବା ପାଇଁ ଶ୍ରିପୁରା ସରପଞ୍ଚଙ୍କୁ ଗୁରୁବାର ଲିଖିତ ପ୍ରତିଶ୍ରୁତି ଦେଇଛି ଏପସିଲନ। ଏଥିସହ ଶ୍ରୀପୁରା ଗ୍ରାମବାସୀଙ୍କ ଆନ୍ଦୋଳନ କୋହଳ ହୋଇଛି, କିନ୍ତୁ ଜଙ୍ଗଲ ଜମିର ସୁରକ୍ଷା ସହ ଏକ ପେଡ ମା'କେ ନାମ ଯୋଜନାରେ ରୋପଣ କରିଥିବା ଏକ ହଜାର ଗଛର ସୁରକ୍ଷା ଏବଂ ଯତ୍ନକାର୍ଯ୍ୟ ଜାରି ରହିବ ବୋଲି ଘୋଷଣା କରିଛନ୍ତି। ଶ୍ରୀପୁରାସ୍ଥିତ ଏପସିଲନ କାର୍ବନ କମ୍ପାନି ବେଆଇନ ଜଙ୍ଗଲ ଜମି ଅଧିକାରକୁ ନେଇ ଶ୍ରୀପୁରା ଗ୍ରାମବାସୀ ଏବଂ ସ୍ଥାନୀୟ ଜନପ୍ରତିନିଧି ଗତ ୬ ମାସ ହେବ ଲଢେଇ କରି ଆସୁଥିଲେ। ଫେବ୍ରୁଆରି ୨ ତାରିଖରୁ ଗଛର ଯନ୍ ସହ କମ୍ପାନିର ଗାଡ଼ି ଚଳାଚଳକୁ ବନ୍ଦ କରି ଦେଉଥିଲେ। ଦୀର୍ଘ ଦିନର ଆନ୍ଦୋଳନ ପରେ ଶ୍ରୀପୁରା ସରପଞ୍ଚ ଯଶୋବନ୍ତୀ ପାଣ୍ଡେଙ୍କ ଉପସ୍ଥିତିରେ ଆୟୋଜିତ ବୈଠକରେ କମ୍ପାନି କର୍ତ୍ତୃପକ୍ଷ ଲିଖିତ ଭାବରେ ବିଭିନ୍ନ ପ୍ରକାର ଘୋଷଣା କରିଛନ୍ତି। ଏହି ଅବସରରେ ଦକ୍ଷତା ଅନୁଯାୟୀ ଶ୍ରୀପୁରା ଗ୍ରାମର ଶିକ୍ଷିତ ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ ସହ ଅଭିଜ୍ଞତା ପାଇଁ ତାଲିମ ପ୍ରଦାନ କରିବା, ଗ୍ରାମବାସୀ ଓ ପଞ୍ଚାୟତକୁ ସମ୍ମାନ ପ୍ରଦର୍ଶନ କରିବା, ସୁସମ୍ପର୍କ ସ୍ଥାପନ କରି ଅଞ୍ଚଳର ଉନ୍ନତି କାର୍ଯ୍ୟ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଜିଲ୍ଲା ପରିଷଦ ସଭ୍ୟ ଦିଗାମ୍ବର ଭୋଇ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ମିନତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ରାଜନଗର ଅଙ୍ଗନବାଡ଼ି କେନ୍ଦ୍ରରେ କଂଗ୍ରେସ ଟିମ୍

**ରାଜନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଘଡିଆମାଳ ପଚାଂୟତ ନୂଆଗାଁ ଅଙ୍ଗନବାଡି କେନ୍ଦ୍ରରେ ଦଳିତ ଜାତିର ଯୁବତୀ ସହାୟିକା ନିଯୁକ୍ତି ପାଇବା ପରେ ବିବାଦ ଲାଗି ରହିଛି। ଗାଁଲୋକେ ପିଲାମାନଙ୍କୁ ଅଙ୍ଗନବାଡି କେନ୍ଦ୍ରକୁ ଛାଡୁ ନାହାନ୍ତି କି ଶୁଖିଲା ଖାଦ୍ୟ ନେଉନାହାନ୍ତି। ଫଳରେ ଅଢେଇ ମାସରୁ ଊର୍ଦ୍ଧ୍ୱ ହେବ କେନ୍ଦ୍ରର କାର୍ଯ୍ୟ ଠପ ହୋଇଯାଇଛି। ଯାହାକୁ ନେଇ ରାଜ୍ୟସଭାରେ ଗୁରୁବାର ଦିନ ବିରୋଧୀ ଦଳ ନେତା ତଥା କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଓଡିଶାରେ ଘଟିଥିବା ଜାତିଗତ ଭେଦଭାବ ଘଟଣାକୁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଓଡିଶାରେ ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ ହୋଇଛି। କାର୍ଯ୍ୟ କ୍ଷେତ୍ରରେ ଜାତିଗତ ବୈଷମ୍ୟ ସମ୍ବିଧାନର ଧାରା ୧୪, ୧୫ ଓ ୧୭ର ସିଧାସଳଖ ଉଲଂଘନ ହୋଇଛି ବୋଲି ଅଭିଯୋଗ କରି କେନ୍ଦ୍ର ସରକାର ହସ୍ତକ୍ଷେପ କରିବାକୁ ଦାବୀ କରିଛନ୍ତି। କଂଗ୍ରେସ ସଭାପତି ଶ୍ରୀ ଖଡଗେଙ୍କ ଏହି ଦାବୀ ପରେ ଏହି ଘଟଣା ସମଗ୍ର ଦେଶରେ ଆଲୋଡନ ସୃଷ୍ଟି କରିବା ସହ ଚର୍ଚ୍ଚାର ଖୋରାକ ଯୋଗାଇଛି। ଏହି କ୍ରମରେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା କଂଗ୍ରେସ ସଭାପତି ଦେବସ୍ମିତା ଶର୍ମା, ରାଜନଗର ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ରାଉତ, ଜିଲ୍ଲା ସାଧାରଣ ସଂପାଦକ ଦାମୋଦର ବିଶ୍ୱାଳ, ସଂପାଦକ ନାଗେଶ୍ୱର ସାହୁ, କର୍ମୀ ଶୁଶୀଳ ପ୍ରଧାନ, ନିରଂଜନ ବାରିକ, ପ୍ରଭାତ ସାମନ୍ତରାୟ ନୂଆଗାଁ ଅଙ୍ଗନବାଡି କେନ୍ଦ୍ରରେ ପହଂଚିଥିଲେ। କର୍ମୀ ଲିଜାରାଣୀ ପାଣ୍ଡବ ଓ ସହାୟିକା ଶର୍ମିଷ୍ଠା ସେଠୀ ସହ ଆଲୋଚନା କରିଥିଲେ। ସବୁକଥା ଜାଣିବା ପରେ ଗ୍ରାମବାସୀମାନଙ୍କୁ ଏହି ଘଟଣାରେ ଜିଦଖୋର ସମାଧାନ କରିବା ପାଇଁ ନିବେଦନ କରିଥିଲେ। ଜିଲ୍ଲା ସଭାପତି ଡାକ୍ତର ଶର୍ମା ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେଇ କହିଛନ୍ତି, ଦୀର୍ଘ ଦିନ ହେବ ଏଭଳି



ଘଟଣା ଘଟିଥିଲେ ମଧ ପ୍ରଶାସନ ଚୁପ ରହିବା ଦୁର୍ଭାଗ୍ୟର ବିଷୟ। ସହାୟିକା ଶର୍ମିଷ୍ଠାଙ୍କ ସହିତ କଥା ହେଲା ବେଳେ ନଭେମ୍ବର ୨୦ରୁ ସେ ନିଯୁକ୍ତି ପାଇବା ପରେ ପରେ ବିଭାଗୀୟ ସିଡିପିଓଙ୍କୁ ଭେଟି ନିଜର ସମସ୍ୟା ସଂପର୍କରେ ଅବଗତ କରାଇଛି। ସିଡିପିଓ ମଧ ଜିଲ୍ଲା ପ୍ରଶାସନକୁ ଜଣାଇଛି। ଏହାସତ୍ତ୍ୱେ ପ୍ରଶାସନ ତ୍ୱରିତ ସମାଧାନ କରାପାରିଥାନ୍ତା। ମାତ୍ର ପ୍ରଶାସନ ଏପରି ସଙ୍ଗୀନ ଓ ସମ୍ବେଦନଶୀଳ ଘଟଣାକୁ ଆଖି ବୁଜି ଦେବା ଏବଂ ପ୍ରଶାସନିକ ଅଧିକାରୀଙ୍କ ଅପରିଣାଦର୍ଶିତା ଭାବଧାରା ଏହି ଘଟଣାକୁ ସକ୍ରିୟତାର ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ସମାଧାନ ହୋଇପାରିବ ବୋଲି ଆଶାବ୍ୟକ୍ତ କରିଛନ୍ତି। ସୂଚନା ଥାଉକି, ୨୦୨୫ ନଭେମ୍ବର ୨୦ ତାରିଖରେ ଘଡିଆମାଳ ପଚାଂୟତ ନୂଆଗାଁ ଅଙ୍ଗନବାଡି କେନ୍ଦ୍ରରେ ଦଳିତ ଯୁବତୀ ଶର୍ମିଷ୍ଠା ସେଠୀ ସହାୟିକା ଭାବେ ନିଯୁକ୍ତି ପାଇବା ପରେ ଗାଁ ଲୋକେ ଏହାକୁ ବିରୋଧ କରି ସେବେଠାରୁ ଶୁଖିଲା ଖାଦ୍ୟ ନେଉନାହାନ୍ତି କି ପ୍ରି-ସ୍କୁଲ ପିଲାଙ୍କୁ ଛାଡୁ ନାହାନ୍ତି।

## ଶିବରାତ୍ରି ପାଇଁ ସଜେଇ ହେଉଛି ଶୈବ ପୀଠ

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ମହା ଶିବରାତ୍ରି ପାଇଁ ନିଆଳି ଅଞ୍ଚଳର ବିଭିନ୍ନ ଶୈବ ପୀଠ ସଜେଇ ହେଉଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ଜାଗର ଯାତ୍ରାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ବିଭିନ୍ନ ମନ୍ଦିର ପରିଚାଳନା କମିଟିଗୁଡିକ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ସହ କାର୍ଯ୍ୟସୂଚି ପ୍ରକାଶ ପାଇସାରିଲାଣି। ନିଆଳିର ପ୍ରସିଦ୍ଧ ଶୋଭନେଶ୍ୱର, ଅନ୍ଧ କପିଳେଶ୍ୱର, ମାଧବରେ ଭୀମେଶ୍ୱର, ପହଙ୍ଗାର ବାଲୁଙ୍କେଶ୍ୱର, ସନ୍ତାନୁର ତ୍ରିଲୋଚନେଶ୍ୱର, ଜାଲରପୁରର ସୋମନାଥ ପୀଠ, କରଞ୍ଜରେ ସ୍ୱପ୍ନେଶ୍ୱରଙ୍କ ପୀଠଗୁଡିକ ଏହି ମହାଶିବ ରାତ୍ରି ପାଇଁ ଚଳଚଞ୍ଚଳ ହୋଇପଡିଛି। ଆଜି ପଙ୍କ ଉଦ୍ଧାର ଏକାଦଶୀ ହୋଇଥିବାରୁ ପାତାଳଫୁଟା ମହାଦେବ ଅନ୍ଧ କପିଳେଶ୍ୱର ମହାଦେବଙ୍କ ମନ୍ଦିରରୁ ପଙ୍କ ଓ ପାଣି କଢ଼ାଯାଇ ଭକ୍ତମାନଙ୍କୁ ପ୍ରଭୁ ଦର୍ଶନ ଦେଇଥିଲେ। ଶୁକ୍ରବାର ଦିନ କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ, ନିଆଳି ବିଧାୟକ ଛବି ମଲ୍ଲିକ ଓ ଉଭୟଙ୍କ ସମର୍ଥକମାନେ ପ୍ରଭୁଙ୍କୁ ଦର୍ଶନ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ କୁଞ୍ଜ ବିହାରୀ ନାୟକ, ନନ୍ଦ କିଶୋର ମହାରଣା, ବାବାଜୀ ବେହେରା, ମହନ୍ତ ଭୋଇ ଓ ଛନ୍ଦମଣିଙ୍କ ସମେତ ଅନେକ ଗ୍ରାମବାସୀ ଏଥିରେ ଅନେକ ସହାୟତା କରିଛନ୍ତି। ସ୍ଥାନୀୟ ଅଞ୍ଚଳରୁ ଆଜି ହଜାର ହଜାର ଭକ୍ତଙ୍କ ସମାବେଶ ହୋଇଥିଲା।


**AFFIDAVIT**

By virtue of an affidavit sworn before Executive Magistrate, Rajnagar, vide affidavit No9793, date- 13-02-2026, I Rita Mandal ,D/O-Prashad Mandal, Village-Debendranarayanpur,P.O.-Gupti, P.S.-Rajnagar, Dist.-Kendrapara. State- Odissa, PIN-754225 declare that, I have changed my name from Rita Paik to Rita Mandal. Henceforth, I shall be known as Rita Mandal for all purposes.

**S/d- Rita Mandal.**


## ମିଷ୍ଟର ଯାଜପୁର ବଡି ବିଲଡିଙ୍ଗ ପ୍ରତିଯୋଗିତା

**କୋରେଇ:ଏକ୍ସପ୍ରେସ୍ ନ୍ୟୁଜ୍**

ଲାଇଫ ଲୁମ ଫିଟନେସ ଜିମନାସିୟମ ଓ ଓଡିଶା ବଡି ବିଲଡିଙ୍ଗ ଆସୋସିଏସନର ମିଳିତ ସହଯୋଗରେ ବ୍ୟାସଟାଉନ ହଲଠାରେ ମିଷ୍ଟର ଯାଜପୁର ବଡି ବିଲଡିଙ୍ଗ ପ୍ରତିଯୋଗିତା ଲାଇଫ ଲୁମର ଚେୟାରମ୍ୟାନ ଦୀପକ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ପ୍ରାକ୍ତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଉଦଘାଟନ କରିଥିବାବେଳେ କୋରେଇ ବିଧାୟକ ଆକାଶ ଦାସ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଓଡିଶା ତଥା ଯାଜପୁର ଜିଲ୍ଲାର ଗୌରବକୁ ବିଶ୍ୱଦରବାରରେ ଅକ୍ଷୁଣ୍ଣ ରଖିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ୟାସନଗର ପୌରାଧକ୍ଷ ସୁବାସ ଚନ୍ଦ୍ର ବଳ, ପ୍ରାକ୍ତନ ପୌରାଧକ୍ଷା ସବିତା ରାଉତ, ରାଜ୍ୟ ଓକିଲ ସଂଘର ଉପାଧକ୍ଷ ରାଜୀବ ମହାନ୍ତି, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ କୁଶ ଚନ୍ଦ୍ର ପ୍ରଧାନ, ସମାଜ ସେବୀ ଆଲୋକ ମହାନ୍ତି, ନିତ୍ୟାନନ୍ଦ ମହାଳିକ ପ୍ରମୁଖ ଯୋଗଦେଇ ଲାଇଫଲୁମ ଫିଟନେସର ଏଭଳି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଦୁଇଶହରୁ ଅଧିକ ପୁରୁଷ ଓ ମହିଳା ବର୍ଗ ପ୍ରତିଯୋଗୀ ଏହି ନିଆରା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶେଷରେ ମିଷ୍ଟର ଯାଜପୁରର ସୌର୍ଣ୍ଣ, ରୋପ୍ୟ ଓ କାଁସ୍ୟ ବିଜେତାଙ୍କୁ ପଦକ ଓ ଟ୍ରଫି ପ୍ରଦାନ କରାଯିବା ସହ ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଲାଇଫ ଲୁମ ଓ ଓଡିଶା ବଡି ବିଲଡିଙ୍ଗ ଆସୋସିଏସନର କର୍ମକର୍ତ୍ତା ପରିଚାଳନା କରିଥିଲେ। ଲାଇଫ ଲୁମ ଜିମ ପକ୍ଷରୁ ଦିନେଶ ପରିଡା, ଶଙ୍କର ରାଓ, ଦେବଦୂତ ପଣ୍ଡା, ସଞ୍ଜୟ ମଲିକ, ସୋମ୍ୟ ଆଇଚ, ପପୁ ବାରିକ, ପ୍ରଦୀପ ମଲିକ, ଚିନ୍ମୟ ଓଝା, ଅକ୍ଷୟ ମଲିକ, ରଂଜିତ ମଲିକ, ସୋମେଶ ମାହାଲା, ମିହିର ଦାସ, ସୁବ୍ରତ ସାମଲ, ସନ୍ଦୀପ ମଲିକ, ଉମେଶ ସ୍ୱାଇଁ, ଶିବାନନ୍ଦ ମହାଲିକ, ଶାନ୍ତନୁ ଦାସ, କାହ୍ନ ମହାନ୍ତି, ଭିକି ମହାନ୍ତି, ସୋୟାଂଶୁ ଜେନା, ଦୀପକ ନାୟକ, ଆଶୀର୍ବାଦ ବାରିକ, ସ୍ୱରାଜ ମହାନ୍ତି, ଦେବାଶିଷ ମଲିକ ସତ୍ୟଜିତ ପରିଡା, ରୋନୀ ମଲିକ, ସୁପାଲି ମହାପାତ୍ର, ବରଣ୍ୟ ସାହୁ, ଅମ୍ଳାନ ସାହୁ, ଗୁନୁ ସ୍ୱାଇଁ ଅନିଲ ସାମନ୍ତରାୟ, ବିନୟ ଶର୍ମା ପ୍ରମୁଖ ସହଯୋଗ କରିଥିଲେ।

## ସୋଆ ଆଇବିସିଏସ୍‌ର ମ୍ୟାନେଜମେଣ୍ଟ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ



**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ଏକ ମ୍ୟାନେଜେମେଂଟ ଡେଭଲପ୍‌ମେଂଟ ପ୍ରୋଗ୍ରାମ୍ ଗତ ଶନିବାର ଆୟୋଜିତ ହୋଇଯାଇଛି।

'ମ୍ୟାନେଜିଂ ଏଆଇ ଡ୍ରିଭନ୍ ମାର୍କେଟ: ଆନ୍ ଇଣ୍ଡଷ୍ଟ୍ରି ୫.୦ ପର୍ସପେକ୍ଟିଭ୍' ଶୀର୍ଷକ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଉଦ୍ୟୋଗୀ, ବ୍ୟବସାୟୀ, କର୍ପୋରେଟ ଜଗତର ବ୍ୟକ୍ତିବିଶେଷ, ଶିକ୍ଷାବିତ୍ ଏବଂ ଛାତ୍ରଛାତ୍ରୀମାନେ ଯୋଗ ଦେଇ ମାର୍କେଟ ଏବଂ ବ୍ୟବସାୟ ଭିତିକ ନିଷ୍ପତି କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ବଢ଼ିଚାଲିଥିବା ଭୂମିକା ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ।

କାର୍ଯ୍ୟକ୍ରମରେ ଏମ୍‌ଡିପିର ଆବାହକ ତଥା ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି, ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ଏବଂ ଆସୋସିଏଟ ଡିନ୍ ପ୍ରଫେସର ମନୋରନ ଦାସ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆୟୋଜିତ ବୈଷୟିକ ପର୍ଯ୍ୟାୟକୁ ଏଆଇ ଟ୍ରେନର ସିଏ ଏସ୍‌କେ. ଅବୁ ସକିବ୍ ପରିଚାଳନା କରିଥିଲେ। ସେହିପରି ଆଇଟି ପ୍ଲସ ପଏଂଟ ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡ୍‌ର ଏମ୍‌ଡି ପ୍ରଭାତ ସାହୁ ଏବଂ ଟିସିଏସ୍ ରିସର୍ଚ୍ଚର ପ୍ରମୁଖ ବୈଜ୍ଞାନିକ ଓ ଇଞ୍ଜିନିୟର ଡକ୍ଟର ହେମନ୍ତ ରଥ ଯୋଗ ଦେଇ କୃତ୍ରିମ ବୁଦ୍ଧିମତା କିଭଳି ବ୍ୟବସାୟ ଏବଂ ଉଦ୍ୟୋଗୀକରଣରେ ବ୍ୟବହାର କରାଯାଉଛି ସେ ନେଇ ବକ୍ତବ୍ୟ ରଖିଥିଲେ।

ସେହିପରି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ ବକ୍ତବ୍ୟ ରଖିବା ସହ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଏମ୍‌ଡିପିର ସଂଯୋଜିକା ଡକ୍ଟର ଅଳକା ସାମନ୍ତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡକ୍ଟର ରୀତା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ତୃପ୍ତି କିୟା, ଭୁବନେଶ୍ୱରର ନିର୍ଦ୍ଦେଶକ ରୁଦ୍ର ନାରାୟଣ ସାମନ୍ତରାୟ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।





**AFFIDAVIT**

By virtue of an affidavit sworn before Executive Magistrate, Sukinda, Jajpur, vide affidavit no.291, date-11.02.2026. I **Debendra Kumar Mohanta (New Name)**, S/O -Anjuna Mohanta if etc. formerly called Debendra Mohanta (old name), Vill-Bethiahata, P.O.-Lembo,P.S- Sukinda, Dist- Jajpur, State- Odisha, pin-755018, declare that, I shall changed my name Debendra Mohanta (old name) and in place thereof do assume from the date hereof the name of **DEBENDRA KUMAR MOHANTA (new name)** for all purpose.

**DEBENDRA KUMAR MOHANTA**

CAD-3119

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିଏବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍ ସାଇଟ୍: www.shb.org

**ବିଜ୍ଞାପନ**

ପତ୍ର ସଂଖ୍ୟା: ୧୭ | ତା: ୧୫.୦୧.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ସ୍ଥାବର ସଂପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ।

| ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ୰ ସୁରେନ୍ଦ୍ର କୁମାର ପାଣିଗ୍ରାହୀ<br>ପିତା- ୰ ନିଳାଦ୍ରୀ ପାଣିଗ୍ରାହୀ<br>ସା- ଡିଏଲ୍-୧୩୬<br>ପୋ- ବାସନ୍ତୀ କଲୋନୀ<br>ଥାନା- ରାଉରକେଲା<br>ଜିଲ୍ଲା- ସୁନ୍ଦରଗଡ଼ | (DL-136)<br>ବାସନ୍ତୀ କଲୋନୀ<br>ଫେଜ୍-୩<br>ରାଉରକେଲା | ୧. ମଞ୍ଜୁଲତା ପାଣିଗ୍ରାହୀ (ବିଧବା ପତ୍ନୀ)<br>୨. ଜୟଶ୍ରୀ ପାଣିଗ୍ରାହୀ (ବି. କନ୍ୟା)<br>୩. ଶୁଭଶ୍ରୀ ଦାସ (ବି. କନ୍ୟା) |

ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

### ସାଧୁଙ୍କ ପରାମର୍ଶ

ଜଣେ ସାଧୁଙ୍କ ପାଖକୁ ଯାଇ ତାଙ୍କ ଶିଷ୍ୟ କହିଲା- ବାବା ! ମୋ ସ୍ତ୍ରୀ ଭାରି ଉତ୍ପାତ କରୁଛି । ତାକୁ କିପରି ନିୟନ୍ତ୍ରଣ କରିବି କିଛି ଉପାୟ ବତାନ୍ତୁ ।

ବାବା ଶିଷ୍ୟର କଥା ଶୁଣିବା ମାତ୍ରେ ଖୁବ୍ ଗମ୍ଭୀର ହୋଇଗଲେ । ତା' ପରେ ତାକୁ ପାଖକୁ ଡାକି ତା' ମୁଣ୍ଡରେ ହାତ ବୁଲାଉ ବୁଲାଉ କହିଲେ- ବତ୍ସ ! ମୁଁ ଯଦି ଉପାୟ ଜାଣିଥାନ୍ତି ତା'ହେଲେ ଆଜି ମୋତେ କୌପୁନୀ ପିନ୍ଧି କମଣ୍ଡଳୁ ଧରିବାକୁ ପଡ଼ି ନଥାନ୍ତା !

ହେଲ୍‌ଥ ଟନିକ୍



# ଟି-୨୦ ବିଶ୍ୱକପ: ଜିମ୍ବାୱେ ଠାରୁ ୨୩ ରନରେ ହାରିଲା ଅଷ୍ଟ୍ରେଲିଆ

କଲମ୍ବୋ,୧୩।୨ ଏକ୍ସପ୍ରେସ୍ ନ୍ୟୁଜ୍

ଚଳିତ ଟି-୨୦ ବିଶ୍ୱକପରେ ବଡ ବିପର୍ଯ୍ୟୟ ଘଟାଇଛି ଜିମ୍ବାୱେ । ଆଜି ଦଳ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ଜଳକା କରି ମାରି ଦେଇଛି କହି। ଶ୍ରୀଲଙ୍କାର ଆର ପ୍ରେମଦାସା ଷ୍ଟାଡିୟମରେ ନୂଆ କୀର୍ତ୍ତିମାନ ହାସଲ କରି ଜିମ୍ବାୱେ ୨୩ ରନରେ ଅଷ୍ଟ୍ରେଲିଆକୁ ହରାଇ ଦେଇଛି ।

୨୦୦୭ ଟି-୨୦ ବିଶ୍ୱକପ ପରେ ଜିମ୍ବାୱେ ପୁଣିଥରେ ଅଷ୍ଟ୍ରେଲିଆକୁ ଏପରି ବିପର୍ଯ୍ୟୟରେ ସାମ୍ନା କରିବାକୁ ବାଧ୍ୟ କରିଛି । ପ୍ରଥମେ ବ୍ୟାଟିଂ ଓ ପରେ ବୋଲିଂରେ ଜିମ୍ବାୱେ କମାଲ କରିଥିବା ବେଳେ ଅଷ୍ଟ୍ରେଲିଆ କେବଳ ଦେଖଣାହାରୀ ହୋଇ ରହି ଯାଇଛି ।

୨୦୦୭ ଟି-୨୦ ବିଶ୍ୱକପରେ ଜିମ୍ବାୱେ ୫ ୱିକେଟରେ ଜିତିଥିଲା । ଏବେ ଦଳ ୨୩ ରନରେ ଅଷ୍ଟ୍ରେଲିଆକୁ ହରାଇଛି । ଏହି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜିମ୍ବାୱେର ଦ୍ରୁତ ବୋଲର ବ୍ଲେସିଂ ମୁଜରବାନିଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି । ସେ ୪ ଓଭରରେ ୧୭ ରନ ଦେଇ ୪ ୱିକେଟ ନେଇଛନ୍ତି । ଆଜିର ୪ ସଫଳତା ପରେ ସେ ଜିମ୍ବାୱେର ତୃତୀୟ ବୋଲର ଭାବେ ଟି-୨୦ରେ ୧୦୦ ୱିକେଟ ଦଖଲ କରିଛନ୍ତି । ତାଙ୍କୁ ପୂର୍ବରୁ ଅଧିନାୟକ ସିକନ୍ଦର ରଜା ଓ ରିଚାର୍ଡ ନାଗରଭା ଏପରି ସଫଳତା ପାଇଥିଲେ ।

ଜିମ୍ବାୱେ ୩ୟଥର ପାଇଁ କୌଣସି ବିଶ୍ୱକପରେ ଅଷ୍ଟ୍ରେଲିଆକୁ ହରାଇବାର ସଫଳତା ମଧ୍ୟ ପାଇଛି । ୧୯୮୩ ଦିନିକିଆ ବିଶ୍ୱକପରେ ଡ଼ୁନକାନ ଫ୍ଲେଚରଙ୍କ ଜିମ୍ବାୱେ ୧୩ରେ ଅଷ୍ଟ୍ରେଲିଆକୁ ହରାଇଥିଲା । ସେହିପରି ୨୦୦୭ ଟି-୨୦ ବିଶ୍ୱକପରେ ପ୍ରୋସପର ଉଟସେୟାଙ୍କ ଜିମ୍ବାୱେ ୫ ୱିକେଟରେ ଅଷ୍ଟ୍ରେଲିଆ ଠାରୁ ଜିତିଥିଲା । ଏବେ ସିକନ୍ଦର ରଜାଙ୍କ ଜିମ୍ବାୱେ ନିଜକୁ ଏହି ତାଲିକାରେ ସାମିଲ କରିଛି ।



ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଜିମ୍ବାୱେ ନିର୍ଦ୍ଧାରିତ ୨୦ ଓଭରରେ ୨ ୱିକେଟ ହରାଇ ୧୬୯ ରନ କରିଥିଲା । ଦଳ ପକ୍ଷରୁ ବ୍ରାଏନ ବେନ୍‌ନେଟ ୫୬ ବଲରେ ଅପରାଜିତ ୬୪ ରନ କରିଥିବା ବେଳେ ଟି ମାରୁମନି ୨୧ ବଲରେ ୩୫, ରାୟନ ବର୍ଲ ୩୦ ବଲରେ ୩୫ ଓ ଶେଷ ଭାଗରେ ଅଧିନାୟକ ସିକନ୍ଦର ରଜା ୧୩ ବଲରେ ଅପରାଜିତ ୨୫ ରନ କରିଥିଲେ ।

ଅଷ୍ଟ୍ରେଲିଆ ପକ୍ଷରୁ କେବଳ ମାର୍କସ ଷ୍ଟୋଇନିସ ଓ କାମେରନ ଗ୍ରୀନ ଗୋଟିଏ ଲେଖାଏ ୱିକେଟ ପାଇଥିଲେ ।

୧୭୦ ରନର ଟାର୍ଗେଟକୁ ପିଛା କରିବାକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆକୁ ବୋଲିଂରେ ଆରମ୍ଭରୁ ପାଇଲା କରିଥିଲା ଜିମ୍ବାୱେ । ଦ୍ୱିତୀୟ ଓଭରର ପ୍ରଥମ ବଲରେ ବ୍ଲେସିଂ ମୁଜରବାନି ୮ ରନ କରିଥିବା ଜୋଶ ଇଙ୍ଗଲିସଙ୍କୁ ଆଉଟ କରି ଦଳକୁ ଡ଼ିମ୍କୁ ପ୍ରଥମ ଝଟକା ଦେଇଥିଲେ । ଏହାପରେ ଅଷ୍ଟ୍ରେଲିଆ ଅଧିନାୟକ ଟ୍ରାଭିସ ହେଡ(୧୭), ଗ୍ରୀନ ଓ ଟିମ ଡାଭିଡଙ୍କୁ ଖାତା ଖୋଲିବା ପୂର୍ବରୁ ହରାଇଥିଲା ।

ହେଡ ଓ ଗ୍ରୀନଙ୍କୁ ବ୍ରାଡ ଇଭାନ୍ସ ଆଉଟ କରିଥିବା ବେଳେ ଡାଭିଡଙ୍କ ୱିକେଟ ନେଇଥିଲେ ମୁଜରବାନି । ଅଷ୍ଟ୍ରେଲିଆ ୨୯ ରନରେ ୪ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା । ଏତିକି ବେଳେ ଗ୍ଲେନ ମ୍ୟାକ୍ସୱେଲ ଓ ମାଥ୍ୟୁ ରେନଶ' ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ । ଉଭୟ ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ ହେ ଆବଶ୍ୟକ ରନରେଟ ଧୀରେଧୀରେ ବଢ଼ିବାକୁ ଲାଗିଥିଲା ।

ଶେଷରେ ବଡ ଶଟ ଖେଳିବାକୁ ଯାଇ ମ୍ୟାକ୍ସୱେଲ(୩୧) ବର୍ଲଙ୍କ ବଲରେ ବୋଲ୍ଡ ହୋଇଯାଇଥିଲେ । ରେନ ଶ' ଗୋଟିଏ ପଟେ ରହି ନିଜର ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ଆଉ କେହି ବି ତାଙ୍କ ସାଥ ଦେଇ ନଥିଲେ । ଷ୍ଟୋଇନିସ ୬ ରନ, ବେନ ଡ୍ୱାରଶୁଇସ ୬ ରନ ଓ ଆଡାମ ଜାମ୍ପା କେବଳ ୨ ରନ କରିବାକୁ ସକ୍ଷମ ହୋଇଥିଲେ ।

ରେନଶ' ମଧ୍ୟ ୬୫ ରନର ଇନିଂସ ଖେଳି ୮ମ ବ୍ୟାଟର ଭାବେ ପାଭିଲିୟନ ଫେରିଥିଲେ । ଶେଷରେ ମାଥ୍ୟୁ କୁହନେମାନଙ୍କୁ ଇଭାନ୍ସ ରନ ଆଉଟ କରି ଅଷ୍ଟ୍ରେଲିଆର ଇନିଂସକୁ ୧୪୬ ରନରେ ଅଟକାଇ ଦେଇଥିଲେ । ଏହାସହ ଜିମ୍ବାୱେକୁ ଐତିହାସିକ ୨୩ ରନର ବିଜୟ ଭେଟି ଦେଇଥିଲେ ।

ଜିମ୍ବାୱେ ପକ୍ଷରୁ ମୁଜରବାନି ସର୍ବାଧିକ ୪ ୱିକେଟ ନେଇଥିବା ବେଳେ ଇଭାନ୍ସ ୩ଟି, ୱେଲିଙ୍ଗଟନ ମାସାକାଜା ଓ ବର୍ଲଙ୍କୁ ଗୋଟିଏ ସଫଳତା ମିଳିଛି ।

## କେନ୍ଦ୍ର ସରକାରଙ୍କ ବିରୋଧରେ ବିଜେଡ଼ିର ପ୍ରତିବାଦ



କଟକ,୧୩।୨: ଏକ୍ସପ୍ରେସ୍ ନ୍ୟୁଜ୍

ବିଜେପି ସରକାରର ଚାଷୀ ମାରଣ ନୀତି, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ପ୍ରତିଶ୍ରୁତି ଖିଲାପ ବିରୁଦ୍ଧରେ ଶୁକ୍ରବାର କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ସକାଳ ୧୦ଘଟିକାରେ ସ୍ଥାନୀୟ ସନସାଇନ ଖେଳ ପଡ଼ିଆଠାରୁ ଶୋଭାଯାତ୍ରାରେ ବାହାରି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଁଚି କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତି ବିରୋଧରେ ଜିଲ୍ଲା ବିଜେଡ଼ି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କଟକ ଜିଲ୍ଲା ବିଜେଡ଼ି ସଭାପତି ପ୍ରଫୁଲ୍ଲ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରତିବାଦ ସଭାରେ କଟକ ମେୟର ସୁଭାଷ ସିଂହ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀ ରଂଜନ ତ୍ରିପାଠୀ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବରିଷ୍ଠ ବିଜେଡ଼ି ନେତା ସନାତନ ମିଶ୍ର, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଓ ପ୍ରତାପ ଜେନା ପ୍ରମୁଖ ଉଦବୋଧନ ଦେଇଥିଲେ । ରାଜ୍ୟରେ ଚାଷୀ ମାନେ ଅଭାବ ବିକ୍ରି, କଟନିଛଟନି, ବିଦ୍ୟୁତ ଗ୍ରାହକଙ୍କ ଉପରେ ଅତିରିକ୍ତ ଜମା ଆକାରରେ ଜୋରଜବରଦସ୍ତ ଟଙ୍କା ଆଦାୟ, ନିତିଦିନ ଆବଶ୍ୟକୀୟ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି, ମହିଳାମାନଙ୍କ ଉପରେ ବୃଦ୍ଧି ପାଉଥିବା ହିଂସା, ରାଜ୍ୟରେ ଭୁଷୁଡ଼ି ପଡ଼ିଥିବା ଆଇନ ଶୃଙ୍ଖଳା, ବେକାରୀ ସମସ୍ୟା ଓ ସ୍ୱାସ୍ଥ୍ୟ ସେବାରେ ଘୋର ଅବନତି ପ୍ରତିବାଦରେ ବିଜେଡ଼ି ନେତାମାନେ ସଭାରେ ତୀବ୍ର ସମାଲୋଚନା କରିଥିଲେ । ଏହି ଅବସରରେ ବିଜେଡ଼ି ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

## ଆଗକୁ ଚାଷୀ ଆନ୍ଦୋଳନ ତୀବ୍ର ହେବ: ନବ ନିର୍ମାଣ କୃଷକ ସଙ୍ଗଠନ

ଭଦ୍ରକ,୧୩।୨: ଏକ୍ସପ୍ରେସ୍ ନ୍ୟୁଜ୍

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାନ ବସ୍ତା ଢାଳିବା ସହ ଚାଷୀ ଓ ନବ ନିର୍ମାଣ କୃଷକ ସଙ୍ଗଠନ ଆନ୍ଦୋଳନ ଜାରି ରଖିଛି । ନବ ନିର୍ମାଣ କୃଷକ ସଙ୍ଗଠନର ସଭାପତି ଅକ୍ଷୟ କୁମାର ଭଦ୍ରକରେ ପହଞ୍ଚି ଆନ୍ଦୋଳନରେ ସାମିଲ ହୋଇଛନ୍ତି । ସେ କହିଛନ୍ତି ଯେ ଚାଷୀ ଏବେ ସବୁଠାରୁ ଅଧିକ ଦୁଃଖରେ ଅଛି । ୮ କିଲୋରୁ ୧୨ କିଲୋ ପର୍ଯ୍ୟନ୍ତ ଧାନ କଟାଯାଉଛି । ମିଲରଙ୍କ ମନମାନି ବଢ଼ୁଛି । କିନ୍ତୁ ସରକାର ନିୟନ୍ତ୍ରଣ କରି ପାରୁନାହାଁନ୍ତି । ଚାଷୀଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନ ଏବେ ତୀବ୍ରତର ହେବ । ସୂଚନାଯୋଗ୍ୟ ଯେ, ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ହଠାତ୍ ଚାଷୀମାନେ ଧାନ ବୋଝେଇ ଟ୍ରାକ୍ଟର ନେଇ ଧସେଇ ପଶିଥିଲେ । ପରେ ଧାନ ବସ୍ତାକୁ ଢ଼ାଳିଥିଲେ । ଭଦ୍ରକ ଜିଲ୍ଲାରେ ମିଲରମାନେ ଧାନ ଉଠାଇବା ପାଇଁ ମନା କରିଛନ୍ତି । ତେବେ ମିଲର ମାନେ ୮ କିଲୋରୁ ୧୩ କିଲୋ ପର୍ଯ୍ୟନ୍ତ ଧାନ କାଟୁଛନ୍ତି ମିଲର । ଏମିତିକି ଚାଷୀଙ୍କୁ ଅଖା ଦିଆଯାଉନାହିଁ ଓ ଗାଡ଼ି ମଧ୍ୟ ଦେଉନଥିବା ଅଭିଯୋଗ ହୋଇଛି । ତେବେ ସବୁ ମଣ୍ଡିରେ ଧାନ ଗଦା ହୋଇଥିବା ବେଳେ ବିଭାଗୀୟ ମନ୍ତ୍ରୀ ଓ ପ୍ରଶାସନ ମିଛ ତଥ୍ୟ ଦେଉଥିବା କହିଛି ନବ ନିର୍ମାଣ କୃଷକ ସଙ୍ଗଠନ । ଗ୍ରାଉଣ୍ଡକୁ ନଯାଇ ଚାଷୀଙ୍କ ଉପରେ ଦୋଷ ଲଦା ଯାଇଛି । ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଚାଷୀ ଧାରଣାରେ ବସିବେ ବୋଲି କହିଛନ୍ତି ।

## କେବେ ହେବ ପଟ୍ଟାମୁଣ୍ଡାଇ ସବଡିଭିଜନ ଓ ରାଜନଗର ଏନଏସି ?

ପଟ୍ଟାମୁଣ୍ଡାଇ,୧୩।୨: ଏକ୍ସପ୍ରେସ୍ ନ୍ୟୁଜ୍

ପଟ୍ଟାମୁଣ୍ଡାଇ କେନ୍ଦ୍ରାପଡ଼ା ଜିଲାର ଏକ ଗୁରୁତ୍ୱପୂର୍ଣ୍ଣ ସହର ତଥା ବ୍ଲକ ହୋଇଥିବା ବେଳେ ପଟ୍ଟାମୁଣ୍ଡାଇକୁ ସବଡିଭିଜନ ମାନ୍ୟତା ପ୍ରଦାନ ପାଇଁ ସ୍ଥାନୀୟ ଅଂଚଳବାସୀ ବିଭିନ୍ନ ସମୟରେ ଦାବି କରିଆସୁଛନ୍ତି । ଦୀର୍ଘବର୍ଷ ଧରି ପଟ୍ଟାମୁଣ୍ଡାଇ ସବଡିଭିଜନ ଓ ରାଜନଗର ଏନଏସି ଘୋଷଣା ଦାବୀ ନେଇ ଆନ୍ଦୋଳନ ଚଲାଇ ଆସିଥିବା ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ଏହି ଦୁଇଟି ଦାବୀ ଉପରେ ଫୋକସ କରି ବିଭିନ୍ନ ସମୟରେ ଆନ୍ଦୋଳନ ଜାରି ରଖିଛନ୍ତି । ପଟ୍ଟାମୁଣ୍ଡାଇ ସବଡିଭିଜନ ଘୋଷଣା ପାଇଁ ନିର୍ବାଚିତ ବିଧାୟକମାନେ ରାଜ୍ୟ ବିଧାନସଭାରେ ପ୍ରଶ୍ନ ଉଥାପନ କରି ସରକାରଙ୍କ ଠାରୁ ଜବାବ ମାଗିବା, ରାଜନଗରର ଭାଜପା ନେତାମାନେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପଟ୍ଟାମୁଣ୍ଡାଇ ସବଡିଭିଜନ ଓ ରାଜନଗର ଏନଏସି ପାଇଁ ଦାବୀ କରିବାକୁ ନେଇ ପଟ୍ଟାମୁଣ୍ଡାଇ ରାଜନଗର ବିକାଶ ପରିଷଦ ପ୍ରତିଷ୍ଠାତା ବରିଷ୍ଠ ରାଜନେତା ବିଜୟ କେତନ ସ୍ୱାଇଁ ଏକ ପ୍ରେସ ବିବୃତି ପ୍ରକାଶ କରି ଭାଜପା ନେତାମାନଙ୍କୁ ସ୍ୱାଗତ କରିବା ସହିତ ପଟ୍ଟାମୁଣ୍ଡାଇ ସବଡିଭିଜନ ଓ ରାଜନଗର ଏନଏସି କେବେ ଘୋଷଣା ହେବ ସରକାର ସ୍ପଷ୍ଟ କରିବାକୁ ଦାବୀ କରିଛନ୍ତି । ସେ କହିଛନ୍ତି ଯେ ସମ୍ପ୍ରତି ରାଜ୍ୟ ସରକାର କେବଳ ପ୍ରଚାର ନକରି ବାସ୍ତବ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି । ପଟ୍ଟାମୁଣ୍ଡାଇ ଓ ରାଜନଗର ଅଂଚଳରେ ବିକାଶ ପରିଷଦ ସଂଗଠନକୁ ଅଧିକ ସୁଦୃଢ ଓ କ୍ରିୟାଶୀଳ କରିବା ପାଇଁ ବିକାଶ ପରିଷଦ ପ୍ରତିଷ୍ଠାତା ସ୍ୱାଇଁ ଯୁବନେତା ଅଜୟ ବେହେରାଙ୍କୁ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ସଂଯୋଜକ ଭାବେ ନିଯୁକ୍ତି ଦେଇଥିବା ବେଳେ ରାଜନଗର ବିକାଶ ପରିଷଦ ଉପଦେଷ୍ଟା ମଣ୍ଡଳୀ ପୁନଃର୍ଗଠନ କରି ଡ଼ ଧରଣୀଧର ରାଉତ ସୀତାକାନ୍ତ ରାଉଳ, ଉମାକାନ୍ତ ରାଉତରାୟ, କୁଳମଣି ଦାସ, ସନାତନ ଲେଙ୍କା, ଶରତ କୁମାର ସାହୁ, ରଜନୀକାନ୍ତ ବିଶ୍ୱାଳ ବିଜୟ କୁମାର ରାଉତ ଓ ବ୍ରହ୍ମାନନ୍ଦ ରାଉତ ପ୍ରମୁଖଙ୍କୁ ନେଇ ଉପଦେଷ୍ଟା ମଣ୍ଡଳୀ ଗଠନ କରିଛନ୍ତି ।

## ୫ ନିଶା ବେପାରୀ ଗିରଫ

କେନ୍ଦ୍ରାପଡ଼ା,୧୩।୨: ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ା ସଦର, କେନ୍ଦ୍ରାପଡ଼ା ଟାଉନ, ରାଜନଗର ଓ ମହାକାଳପଡ଼ା ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ମଲଡିଆ ଗ୍ରାମର ଗଗନ ସ୍ୱାଇଁ(୪୧)ଙ୍କ ଠାରୁ ୨୮ ଲିଟର ଦେଶୀ ମଦ, ନରହରି ଗ୍ରାମର ରଜନୀକାନ୍ତ ଦାସ(୩୫)ଙ୍କ ଠାରୁ ୨୫ ଲିଟର ଦେଶୀ ରନ୍ଧା ମଦ, ଗଞ୍ଜା ଗ୍ରାମର ବାସୁଦେବ ନାୟକ(୪୨)ଙ୍କ ଠାରୁ ୩୫ ଲିଟର ବିଦେଶୀ ମଦ, ମଧୁସୁଦନପୁର ଗ୍ରାମର ଜାହିଦ ଖାନ(୩୨)ଙ୍କ ଠାରୁ ୫୦ ଗ୍ରାମର ବ୍ରାଉନ ସୁଗାର, ରାଜନଗର ଗ୍ରାମର ବଳରାମ ସେଠୀ(୪୧)ଙ୍କ ଠାରୁ ୨.୫୬୦ କିଗ୍ରା ଗଞ୍ଜେଇ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ସମୁଦାୟ ୮୮ ଲିଟର ଦେଶୀ, ଦେଶୀ ରନ୍ଧା ଓ ବିଦେଶୀ ଚୋରା ମଦ, ୨.୫୬୦ କିଗ୍ରା ଚୋରା ଗଞ୍ଜେଇ ଓ ୫୦ ଗ୍ରାମର ବ୍ରାଉନ ସୁଗାର ଜବତ କରାଯାଇ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, କଳ୍ପନା ରାଉତ, ସହକାରୀ ଉପନିରୀକ୍ଷକ ସୁନୀଲ କୁମାର ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

## ଭିତରକନିକା ଇକୋରିଟ୍ରିଟ୍‌ରେ ରାତ୍ରିଯାପନ କରିଛନ୍ତି ୩ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ

ରାଜନଗର,୧୩।୨ ଏକ୍ସପ୍ରେସ୍ ନ୍ୟୁଜ୍

ରାଜନଗର ବ୍ଲକ ପେଣ୍ଠଠାରେ ଭିତରକନିକା ଇକୋରିଟ୍ରିଟ୍ ଷଷ୍ଠବର୍ଷ ଶେଷ ହୋଇଛି । ଚଳିତବର୍ଷ ଭିତରକନିକା ଇକୋରିଟ୍ରିଟକୁ ମୋଟ ୩ହଜାର ୨୧୧ଜଣ ପର୍ଯ୍ୟଟକ ଆସିଥିବା ଜଣାପଡିଛି । ଆମେରିକାରୁ ୬ଜଣ, ଫ୍ରାନ୍ସରୁ ୪ଜଣ ୟୁକେରୁ ୨ଜଣ, ଅଷ୍ଟ୍ରେଲିଆରୁ ଜଣେ, ଜର୍ମାନରୁ ୨ଜଣ, କାନାଡାରୁ ଜଣେ ଓ କଲମ୍ବିଆରୁ ଜଣକୁ ମିଶାଇ ମୋଟ ୧୭ଜଣ ପର୍ଯ୍ୟଟକ ବିଦେଶରୁ ଆସିଥିବା ଜଣାପଡିଛି । ସେହିପରି ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୨ହଜାର ୨୫୩ଜଣ ପର୍ଯ୍ୟଟକ ଆସିଛନ୍ତି । ପଶ୍ଚିମବଙ୍ଗରୁ ୩୩୩ଜଣ, ମହାରାଷ୍ଟ୍ରରୁ ୧୦୪ଜଣ, ଉତରପ୍ରଦେଶରୁ ୭୮ଜଣ, କର୍ଣ୍ଣାଟକରୁ ୬୯ଜଣ, ଝାଡଖଣ୍ଡରୁ ୫୩ଜଣ, ଦିଲ୍ଲୀରୁ ୪୧ଜଣ, ରାଜସ୍ଥାନରୁ ୪୦ଜଣ, ଛତିଶଗଡରୁ ୩୭ଜଣ, ଗୁଜୁରାଟରୁ ୩୧ଜଣ, ବିହାରରୁ ୩୦ଜଣ, ଆନ୍ଧ୍ରପ୍ରଦେଶରୁ ୨୫ଜଣ, ହରିୟାଣାରୁ ୧୯ଜଣ, ତେଲେଙ୍ଗାନାରୁ ୧୬ଜଣ, ତାମିଲନାଡୁରୁ ୧୪ଜଣ, ଉତରାଖଣ୍ଡରୁ ୧୪ଜଣ, ମଧ୍ୟପ୍ରଦେଶରୁ ୧୧ଜଣ, ପାବରୁ ୧୧ଜଣ, କେରଳରୁ ୫ଜଣ, ମେଘାଳୟରୁ ୫ଜଣ, ଆସାମରୁ ୨ଜଣ, ପୁଡୁଚେରୀରୁ ୨ଜଣ ଓ ଜାମ୍ମୁ-କାଶ୍ମିରୀରୁ ଜଣେ ପର୍ଯ୍ୟଟକ ଆସିଛନ୍ତି । ସୂଚନା ଥାଉକି, ରାଜ୍ୟର ୭ଟି ସ୍ଥାନରେ ହେବାକୁ ଥିବା ଦାରିଙ୍ଗବାଡି, ହିରାକୁଦ, ଗାମର ପତିସୋନପୁର ,ସାତକୋଶିଆର ବାଲିପୁଟ, କେରାପୁଟର ପ୍ଲଟସିଲ୍, ଭିତରକନିକାର ପେଣ୍ଠ ଇକୋରିଟ୍ରିଟ୍ ୨୦୨୫ ମସିହା ନଭେମ୍ବର ୧୫ରେ ଉଦ୍‌ଘାଟିତ ହୋଇଥିବା ବେଳେ ଡିସେମ୍ବର ୧୫ତାରିଖ ଦିନ କୋଣାର୍କ-ଚନ୍ଦ୍ରଭାଗା ବେଳାଭୂମିରେ ଉଦ୍‌ଘାଟିତ ହୋଇଥିଲା । ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ଏହାକୁ ଆଭାଷୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ । ଭିତରକନିକା ଇକୋରିଟ୍ରିଟରେ ପର୍ଯ୍ୟଟକଙ୍କ ପାଇଁ ୨୫ଟି ସୁଟ୍ ଓ ୨୦ଟି ଡିଲକ୍ସ ସୁଟ୍ ରହିଥିଲା । ଯାହାର ଦାମ ୪ହଜାର୪ଶହ ଟଙ୍କା । ୫ଟି ପ୍ରିମିୟମ ସୁଟ୍ ରହିଥିଲା । ଯାହାର ମୂଲ୍ୟ ୫ହଜାର ୭ଶହ ଟଙ୍କା ରଖାଯାଇଥିଲା ।

## ମାଜିଷ୍ଟ୍ରେଟ-ପୋଲିସ ସମନ୍ୱୟ ବୈଠକ

ରାଜନଗର ବ୍ଲକ ପେଣ୍ଠ ବେଳାଭୂମିରେ ଚାଲିଥିବା ଇକୋରିଟ୍ରିଟରେ କେନ୍ଦ୍ରାପଡା ଜିଲ୍ଲାସ୍ତରୀୟ ମାଜିଷ୍ଟ୍ରେଟ-ପୋଲିସ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ରଘୁରାମ ଆର ଆୟାର, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଉପଜିଲ୍ଲାପାଳ ଅରୁଣକୁମାର ନାୟକ, ସହକାରୀ ବନସଂରକ୍ଷକ ଗଗନବିହାରୀ ମଲ୍ଲିକ, ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତକୁମାର ପାତ୍ର, କେନ୍ଦ୍ରାପଡା ଏସଡିପିଓ ଜ୍ୟୋତିରଂଜନ ଗୌଡଙ୍କ ସହ ଜିଲ୍ଲାରେ ଥିବା ୧୬ଟି ଥାନାର ଥାନାଧିକାରୀ, ୯ଟି ତହସିଲର ତହସିଲଦାର ଓ ଅତିରିକ୍ତ ତହସିଲଦାର ଏବଂ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ । ଏହିରେ ଜିଲ୍ଲାର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା ହେବା ସହ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଦିଗରେ ସମସ୍ତେ ଯତ୍ନବାନ ହେବାକୁ ନିଷ୍ପତି ହୋଇଥିବା ସୂଚନା ମିଳିଛି ।

## ପ୍ରଥମ ପୃଷ୍ଠାରୁ...

### ମାର୍ଚ୍ଚ ୯ ପର୍ଯ୍ୟନ୍ତ...

ତେଲି ଶୁକ୍ରବାର ବିରୋଧୀ ଦଳ ଉପରେ କପଟତାର ଅଭିଯୋଗ ଆଣି କଂଗ୍ରେସର ନରେନ୍ଦ୍ର-ସରେଣ୍ଡର ମନ୍ତବ୍ୟର କଡ଼ା ଜବାବ ଦେଇଛନ୍ତି । କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ପିୟୂଷ ଗୋୟଲ ଓ କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ବିରୋଧୀ ନେତା ରାହୁଲ ଗାନ୍ଧୀ ଭାରତ- ଆମେରିକା ବାଣିଜ୍ୟ ଚୁକ୍ତି ସମ୍ପର୍କରେ ମିଥ୍ୟା ପ୍ରଚାର କରୁଛନ୍ତି ବୋଲି ଅଭିଯୋଗ କରିଥିଲେ । ଶୁକ୍ରବାର ସେମାନେ ଦାବି କରିଥିଲେ ଯେ, ଏହି ବୁଝାମଣା ସମ୍ପୂର୍ଣ୍ଣ କୃଷକଙ୍କ ହିତରେ ରହିଛି । ଉଭୟ ଗୋୟଲ ଓ ଶିବରାଜ 'ଏକ୍ସ'ରେ ପୋଷ୍ଟ କରି ରାହୁଲଙ୍କୁ ଅଭ୍ୟାସଗତ ମିଛୁଆ ଓ ସେ କୃଷକଙ୍କ ସଶକ୍ତୀକରଣ ହେଉ ବୋଲି ଚାହୁଁନଥିବା କହିଛନ୍ତି ।

ସଂସଦର ବଜେଟ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେଉଛି । ପ୍ରଥମଟି ଜାନୁଆରୀ ୨୮ ରୁ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ । ଦ୍ୱିତୀୟ ପର୍ଯ୍ୟାୟ ୨୩ ଦିନ ବିରତି ପରେ ମାର୍ଚ୍ଚ ୯ ତାରିଖରେ ଆରମ୍ଭ ହେବ ଏବଂ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଚାଲିବ ।

### ୨୦ରୁ ଠିକାଦାର...

ଦରଦାମ ବୃଦ୍ଧି ହିସାବ ଡବ୍ଲ୍ୟୁଏଏମ୍‌ଆଇଏସ୍ ସ୍ଥାନାନ୍ତର କରିବା ଆଦି ୮ ଦଫା ଦାବି ଉପସ୍ଥାପନା କରିଛି ମିଳିତ ଠିକାଦାର ମହାସଂଘ ଓ ଆଗାମୀ ଦିନରେ କାର୍ଯ୍ୟବନ୍ଦ ଯୋଗୁ ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହେଲେ ସେଥିପାଇଁ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ମଧ୍ୟ ଚେତାବନୀ ଦେଇଛି ମହାସଂଘ ।

### ପୂର୍ବତନ କେନ୍ଦ୍ରମନ୍ତ୍ରୀ...

ଧରି ଜଡ଼ିତ ଥିଲେ । ଦଳୀୟ ବ୍ୟାପାରରେ ନିଜର ମତ ରଖିବା ପାଇଁ ପରିଚିତ । ୧୯୯୦ ଦଶକରେ ସେ ଭାରତୀୟ ସଂସଦର ଉପର ସଦନ ରାଜ୍ୟ ସଭାରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ । ବିଭିନ୍ନ ସମୟରେ ଦଳୀୟ ନେତୃତ୍ୱ ଓ ନିଷ୍ପତ୍ତିକୁ ନେଇ ସ୍ୱର ଉତ୍ତୋଳନ କରି ଚର୍ଚ୍ଚାରେ ରହିଛନ୍ତି । କେନ୍ଦ୍ରରେ ମନ୍ତ୍ରୀ ଭାବେ କାର୍ଯ୍ୟ କରି ଓଡ଼ିଶାରେ କଂଗ୍ରେସ ଦଳକୁ ସୁଦୃଢ଼ କରିବାରେ ଭୂମିକା ଗ୍ରହଣ କରିଥିଲେ ।

ତାଙ୍କ ମୃତ୍ୟୁ ପରେ ମରଶରୀରକୁ ବିଧାନସଭା ପରିସରରେ ଶ୍ରଦ୍ଧାଞ୍ଜଳି ପୂର୍ବକ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା । ବିଧାନସଭାରେ ବାଚସ୍ପତି ସୁରମା ପାଢ଼ୀ, ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁ ଏବଂ କଂଗ୍ରେସ ବିଧାୟକ ଦଳ ନେତା ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ପରେ କଂଗ୍ରେସ ଭବନରେ କଂଗ୍ରେସ ନେତା ଓ କର୍ମୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

କାହ୍ନୁଚରଣ ଲେଙ୍କାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଟ୍ୱିଟ କରି ଲେଖିଛନ୍ତି ଯେ,'ବରିଷ୍ଠ ନେତା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ପୂର୍ବତନ ସାଂସଦ କାହ୍ନୁ ଚରଣ ଲେଙ୍କାଙ୍କ ଦେହାନ୍ତ ବିଷୟରେ ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ । ଏହି ଦୁଖଃଦ ସମୟରେ ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି' ।

ସେହିପରି ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକବାର୍ତ୍ତାରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଜଣେ ସୁସଂଗଠକ, ରାଜନୀତିଜ୍ଞ, ସମାଜସେବୀ ଓ ସାହିତ୍ୟିକ ଭାବେ କାହ୍ନୁ ଚରଣ ଲେଙ୍କା ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିଯାଇଛନ୍ତି । କେନ୍ଦ୍ର ସରକାରରେ ରେଳବାଇ ଓ କୃଷି ମନ୍ତ୍ରୀ ସମୟରେ ପୂର୍ବତଟ ରେଳବାଇର ଉନ୍ନତିଠାରୁ ଆରମ୍ଭ କରି ଅନେକ ଦିଗରେ ସେ ବହୁ କାର୍ଯ୍ୟ କରିଯାଇଛନ୍ତି । ଜଣେ ସାଧାରଣ କୃଷକ ପରିବାରରୁ ଆସି କାହ୍ନୁ ଚରଣ ଲେଙ୍କା ଓଡିଶାରେ ବିଧାୟକ ଓ ମନ୍ତ୍ରୀ ହେବା ତାଙ୍କ ଲୋକପ୍ରିୟତା ଓ ସମାଜମନସ୍କ କାର୍ଯ୍ୟର ପରିଚୟ ଦିଏ ।

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରରେ ମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟକାଳ ଓଡିଶାବାସୀଙ୍କ ପାଇଁ ସ୍ମରଣୀୟ ରହିବ । ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଟ୍ୱିଟ କରି ଲେଖିଛନ୍ତି ଯେ 'ବିଶିଷ୍ଟ ରାଜନେତା, ପୂର୍ବତନ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ପରଲୋକ ବିଷୟରେ ଜାଣି ମୁଁ ଦୁଃଖିତ । ଦୀର୍ଘଦିନର ରାଜନୈତିକ ଜୀବନରେ ଲୋକଙ୍କ ସେବା ତଥା ଉନ୍ନତି ପାଇଁ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ । ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି' ।

### ଯାତ୍ରାରେ ଅଶ୍ଳୀଳ...

ରାଜନନ୍ଦିନୀ ଗତ ୧୦ ତାରିଖ ଠାରୁ ତେର ତାରିଖ ପର୍ଯ୍ୟନ୍ତ ଚାରି ଦିନ ବ୍ୟାପୀ ଯାତ୍ରା ପ୍ରଦର୍ଶନ କରୁଛି । ଏହି ଅବସରରେ ଯାତ୍ରା ନିମ୍ନମାନର ହେଉଥିବା ଯୋଗୁଁ ଆଇଟମ ଗାର୍ଲଙ୍କୁ ଅଣାଯାଇ ଟିକେଟର ମୂଲ୍ୟ ବୃଦ୍ଧି କରାଯାଇଛି । ଏହି ଆଇଟମଙ୍କ ଅଶ୍ଳୀଳ ନୃତ୍ୟ ଓ ଅଙ୍ଗ ପ୍ରଦର୍ଶନ ପରିବାର ଲୋକଙ୍କ ସହ ଏକାଠି ଦେଖିବା ସମ୍ଭବପର ନୁହେଁ । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡ଼ା ଅଞ୍ଚଳର ଜଣେ ଯାତ୍ରା ଦଲାଲ ସେମାନଙ୍କୁ ପାର୍ଟି ଯୋଗାଇ ଏଭଳି କରିବାକୁ ପରାମର୍ଶ ଦେଉଛି । ଏହି ଦଲାଲ ଜଣକ ଯାତ୍ରା ପରମିସନ୍ କରିବା ନାଁରେ ସେମାନଙ୍କୁ ଶୋଷଣ କରିବା ସହ ଯାତ୍ରା ପାର୍ଟି ମାଲିକମାନଙ୍କୁ ମଧ୍ୟ ଭ୍ରମାତ୍ମକ ତଥ୍ୟ ଦେଇ ନିଜର ବ୍ୟକ୍ତିଗତ ଲାଳସାକୁ ଚରିତାର୍ଥ କରି ଏଭଳି ଅପସଂସ୍କୃତି ସୃଷ୍ଟିକରି ଚାଲିଛନ୍ତି । ତାଳଚୁଆ ସାମୁଦ୍ରିକ ଥାନାର ଆଇଆଇସି ସନ୍ଧ୍ୟାରାଣୀ ଜେନାଙ୍କୁ ପଚାରିବାରୁ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ହୋଇନାହିଁ, ମିଛ କଥା କୁହାଯାଉଛି । ଏମାନେ ଯାତ୍ରା କମିଟି ସଂଘରେ ନଥିବାରୁ ସେମାନେ ଏଭଳି କରିଛନ୍ତି । ଆଜି ଗୋଟେ କଣ ପ୍ରଚାର ହେଉଥିଲା । ମୁଁ ଯାତ୍ରା କରୁଥିବା କମିଟିକୁ ଚେତେଇ ଦେଇଛି । ଯଦି ଏଭଳି ହୁଏ, ତେବେ କମିଟି ମେମ୍ବରମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

### ଜମି ହେଲାଣି...

ବିହୀନ ଓ କୃଷି ନିର୍ଭର କେନ୍ଦ୍ରାପଡ଼ା ଜିଲ୍ଲାର କୃଷି କ୍ଷେତ୍ରକୁ ଅନୁଧ୍ୟାନ କଲେ ଆଜି ବି ନିରାଶ ହେବାକୁ ପଡ଼େ । ଏହି ଜିଲ୍ଲାରେ ସରକାରୀ ଭାବେ କୃଷି ଉତ୍ପାଦନ ବଢୁଥିବାର କୁହାଯାଉଥିଲେ ମଧ୍ୟ ବାସ୍ତବତା କିନ୍ତୁ ଭିନ୍ନ । ବର୍ଷ ବର୍ଷ ଧରି ଏଠାରେ କୃଷି ଉପଯୋଗୀ ଜମିର ଉପଯୋଗ କମି କମି ଚାଲିଛି । ଜଳ ନିଷ୍କାସନ ସମସ୍ୟା କାରଣରୁ ଜିଲ୍ଲାର ଭାତ ହାଣ୍ଡି ରୂପେ ପରିଗଣିତ ମାର୍ଶାଘାଇର ଗହଗା ପାଟରୁ ଆରମ୍ଭ କରି ମହାକାଳପଡ଼ାର ବଡ଼ଦ ପାଟ, ଡ଼େରାବିଶର ନୂଆହାଟ ପାଟ, କେନ୍ଦ୍ରାପଡ଼ାର ବିଶିବିଲ ପାଟ ଓ ପଟ୍ଟାମୁଣ୍ଡାଇର ଉତିକଣ ପାଟରେ ଥିବା ହଜାର ହଜାର ହେକ୍ଟର ଜମି ପ୍ରତିବର୍ଷ ପଡ଼ିଆ ପଡୁଛି । ବହୁ ଜମି କ୍ରମେ ବେଣା ବଣରେ ପରିଣତ ହେଲାଣି । ସେହିପରି ସହର ବଜାର ଠାରୁ ଆରମ୍ଭ କରି ଗାଁ ଗହଳି ଯାଏ ଯେଉଁଠି ରାସ୍ତାଟିଏ ଅଛି ତା'ର ଦୁଇ ପାଖରେ ଥିବା ଚାଷ ଜମିମାନଙ୍କରେ କୋଠାବାଡ଼ି ଯେପରି ବଢି ଚାଲିଛି ସେଥିରେ ଚାଷ ଉପଯୋଗୀ ଜମି କମିବା ସ୍ୱାଭାବିକ କଥା । ଏଥିସହିତ ଜିଲ୍ଲାରେ ଯୌଥ ପରିବାର ସଂସ୍କୃତି ଲୋପ ପାଇବା ସହ ଯେପରି ଅଣୁ ପରିବାର ଗଢି ଉଠୁଛି ଏବଂ ସେଥିରେ ଚାଷ ଜମି ସବୁ କ୍ଷୁଦ୍ର କ୍ଷୁଦ୍ର ଅଂଶରେ ଭାଗ ଭାଗ ହୋଇଚାଲିଛି ତାହା କୃଷି କ୍ଷେତ୍ରକୁ ମଧ୍ୟ କମ୍ ପ୍ରଭାବିତ କରୁନାହିଁ । ଅନ୍ୟ ପଟରେ ଦେଖିଲେ ଜିଲ୍ଲାର କୃଷି କ୍ଷେତ୍ରରେ ଥିବା ଜଳ ସେଚନ ଓ ଜଳ ନିଷ୍କାସନ ଭଳି ମୌଳିକ ସମସ୍ୟାର ଏଯାଏ ସମ୍ଭବ ନହେବା ଏବଂ ଚାଷୀଙ୍କୁ ଆବଶ୍ୟକ ପ୍ରୋତ୍ସାହନ ନମିଳିବା କାରଣରୁ ପୂର୍ବରୁ ହେଉଥିବା ଝୋଟ, ଆଖୁ, ତୈଳବୀଜ, ଡ଼ାଲି, ଆଳୁ, ପନିପରିବା ଆଦି ବହୁ ଅର୍ଥକାରୀ ଫସଲର ଚାଷ କ୍ରମେ ଲୋପ ପାଇବାରେ ଲାଗିଛି । ସବୁଠାରୁ ଦୁର୍ଭାଗ୍ୟର କଥା ସରକାର ଚାଷୀଙ୍କୁ ବିହନ ଗଣ୍ଡା ଯୋଗାଇବା ଆଉ ସମ୍ଭବ ହେଉନାହିଁ । କେବଳ ଖରିଫ ଧାନ ଚାଷରେ ଜିଲ୍ଲାର କୃଷି ପହଂଚିଥିଲେ ମଧ୍ୟ ଆବଶ୍ୟକ ଧାନ ବିହନ ଓ ସାର ଗଣ୍ଡା ଠିକଣା ସମୟରେ ଚାଷୀଙ୍କୁ ଯୋଗାଇବାର ବ୍ୟବସ୍ଥା ହୋଇ ପାରିଲା ନାହିଁ । ପୂର୍ବରୁ ରବି ଚାଷ ପାଇଁ ଯେପରି ଚାଷୀଙ୍କ ଭିତରେ ଧାଁ ଧପଡ଼ ଦେଖାଯାଉଥିଲା ତାହା ଏବେ ଆଉ ଦେଖାଯାଉନି । ଚାଷ ଉପରେ ନିର୍ଭର କରିଚଳିବା ଆଉ ଚାଷୀ ପରିବାରଗୁଡ଼ିକ ପକ୍ଷେ ସମ୍ଭବ ହେଉନଥିବାରୁ ଏହି ପରିବାରରୁ ଲୋକେ ରାଜ୍ୟ ଓ ଦେଶ ବାହାରେ ଯାଇ ଦାଦନ ଖଟୁଛନ୍ତି । କେବଳ ବାଧ୍ୟ ବାଧ୍ୟକତାରେ କେତେକ କିଛି କିଛି ଖରିଫ ଧାନ ଚାଷ କରୁଥିବାର ଯାହା ଦେଖା ଯାଉଛି । ସେଥିରେ ପୁଣି ପ୍ରତିବର୍ଷ ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସେମାନଙ୍କୁ କ୍ଷତିଗ୍ରସ୍ତ କରିଚାଲିଛି । ଆଉ ଧାନ ଗଣ୍ଡାକ ସରକାରୀ ମଣ୍ଡିରେ ବିକିବାକୁ ଚାଷୀଙ୍କୁ ଯେଭଳି ଦହଗଂଜ ହେବାକୁ ପଡୁଛି ସେଥିରେ ଅନେକ ବେପାରୀଙ୍କୁ ଧାନ ବିକି ଦେଉଥିବାରୁ କ୍ଷତି ସହୁଛନ୍ତି । ଏହିଭଳି ଏକ ଜଟିଳ ପରିସ୍ଥିତିକୁ ଜିଲ୍ଲାରେ ମୁକାବିଲା କରୁଥିବା ଚାଷୀ ଓ ଚାଷର ବିକାଶ କେତେ ହୋଇଛି ତାହା ସହଜରେ ଅନୁମେୟ । କେନ୍ଦ୍ର ସରକାର ପିଏମ କିଶାନ ଯୋଜନାରେ ଓ ରାଜ୍ୟ ସରକାର ସିଏମ କିଶାନ ଯୋଜନାରେ ବର୍ଷ ରେ ଚାଷୀଙ୍କୁ ଟଙ୍କା କେଇଟା ଯୋଗାଇ ଦେଇ ଯଦି ଚାଷ ଓ ଚାଷୀର ବିକାଶ ହେଉଛି ବୋଲି ଡ଼ିଣ୍ଡିମ ପିଟାଯିବ ତେବେ ଚାଷ ବୁଡ଼ିବା ଥୟ ବୋଲି ବହୁ ଚାଷୀ ନିଜର ପ୍ରତିକ୍ରିୟାରେ କହିଛନ୍ତି ।

## ପାରାଦୀପରେ ହେବ ବ୍ଲୁ ଫ୍ଲାଗ୍ ବିଚ୍

ଭୁବନେଶ୍ୱର,୧୩।୨ ଏକ୍ସପ୍ରେସ୍ ନ୍ୟୁଜ୍



ପର୍ଯ୍ୟଟନ କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିବ ପାରାଦୀପ । ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଦିନିକିଆ ପାରାଦୀପ ଗସ୍ତରେ ଆସି ମୁଖ୍ୟ ଶାସନ ସଚିବ ଏନେଇ ସମୀକ୍ଷା କରିଛନ୍ତି । ପାରାଦୀପ ଲାଇଟ ହାଉସ୍ ବେଳାଭୂମିରେ ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲ, ଏସପି ଅଙ୍କିତ ବର୍ମା ଓ ବିଭିନ୍ନ ଅଧିକାରୀମାନଙ୍କ ସହିତ ଏନେଇ ବିସ୍ତୃତ ଆଲୋଚନା କରିଛନ୍ତି ।

ଏନେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ପ୍ରକୃତିର ବିରଳ ଅବଦାନ ବଙ୍ଗୋପସାଗର ଉପକୂଳର ପାରାଦୀପ ଠାରୁ ୭ କିଲୋମିଟର ସମୁଦ୍ର କୂଳ ବେଳାଭୂମିରେ ବ୍ଲୁ ଫ୍ଲାଗ୍ ବିଚ୍ ନିର୍ମାଣ ହେବ । ପ୍ରଥମ ପର୍ଯ୍ୟାୟରେ ୩ କିଲୋମିଟର ପାଇଁ ବ୍ଲୁ ଫ୍ଲାଗ ବିଚ୍ ନିର୍ମାଣ କାର୍ଯ୍ୟ ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଶେଷ କରିବାକୁ ସମସ୍ତ ପ୍ରୟାସ ଜାରି ରହିଛି । ଏହା ସହିତ ବିଭିନ୍ନ କୋଣରୁ ପାରାଦୀପର ମ୍ୟୁନିସିପାଲିଟି ହେଉ କିମ୍ବା ବନ୍ଦରନଗରୀର ବିକାଶ ପାଇଁ ବନ୍ଦର ଅଧକ୍ଷ ପି.ଏଲ ହର ନାଦଙ୍କ ସହିତ ବିଭିନ୍ନ ଶିକ୍ଷସଂସ୍ଥାମାନଙ୍କ ସହ ବିସ୍ତୃତ ଆଲୋଚନା କରାଯିବା ନେଇ ମଧ ସୂଚନା ଦେଇଛନ୍ତି ।

ପାରାଦୀପ ବ୍ଲୁ ଫ୍ଲାଗ ବିଚ୍ ନିର୍ମାଣ ହେବାପରେ ପର୍ଯ୍ୟଟନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନା କରିବା ସହିତ ଗୋଆ ବିଚ୍ ଭଳି ପାରାଦୀପ ବେଳାଭୂମିକୁ ଦେଶ ବିଦେଶର ପର୍ଯ୍ୟଟକମାନଙ୍କ ଆଗମନ ହେବ । ଯାହା ଫଳରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ସ୍ଥାନୀୟ ଲୋକେ ସ୍ୱାବଲମ୍ବୀ ହେବା ସହିତ ଓଡିଶାର ପର୍ଯ୍ୟଟନ କ୍ଷେତ୍ର ଦେଶ ବିଦେଶରେ ସୁନାମ ଅର୍ଜନ କରିବ । ରାଜ୍ୟ ସରକାର ଯେଉଁଭଳି ପୁରୀ, ପାରାଦୀପ ଓ ଭୁବନେଶ୍ୱରକୁ ଇକୋନୋମିକାଲ କରିଡର ନିର୍ମାଣ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି ଏହା ପାରାଦୀପ ବିକାଶରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିବ ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ।

## ଦୁବାଇରେ ପାଇପ ମିସ୍ତ୍ରୀଙ୍କ ମୃତ୍ୟୁ: ୨୩ଦିନ ପରେ ପହଞ୍ଚିଲା ଶବ

ଆଳି,୧୩।୨: ଏକ୍ସପ୍ରେସ୍ ନ୍ୟୁଜ୍

ଦୁବାଇରେ ପାଣି ପାଇପ କାମ କରୁଥିବା ଆଳି ଥାନା ଅନ୍ତର୍ଗତ କଣ୍ଟିପୁର ଗ୍ରାମର ଅନନ୍ତ ସାହୁଙ୍କ ମୃତ ଦେହ ଗାଁରେ ପହଞ୍ଚିଛି । ଗ୍ରାମରେ ମୃତ ଦେହ ପହଞ୍ଚିବା ପରେ ଗାଁ ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସୂଚନା ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା କଣ୍ଟିପୁର କଣ୍ଟିପୁର ଗ୍ରାମର ମାନସ ସାହୁଙ୍କ ପୁଅ ଅନନ୍ତ ସାହୁ(୩୭)ଦଶ ବର୍ଷ ହେବା ଦୁବାଇରେ ପାଣି ପାଇପ କାମ କରି ପରିବାର ପ୍ରତିପୋଷଣ କରୁଥିଲେ । ଗତ ଜାନୁୟାରୀ ମାସ ୨୨ ତାରିଖ ରାତିଠୁ ତାଙ୍କ ସହିତ ପରିବାର ଲୋକଙ୍କର କୌଣସି ଯୋଗାଯୋଗ ହୋଇ ପାରିନଥିଲା । ପରିବାର ଲୋକ ବାରମ୍ବାର ଫୋନ କଲେ ମଧ୍ୟ ଅନନ୍ତଙ୍କ ଫୋନ ଲାଗିନଥିଲା । ଏ ନେଇ ଅନନ୍ତଙ୍କ ସାନ ଭାଇ ପ୍ରଶାନ୍ତ ଆଳି ଥାନାରେ ଏକ ଲିଖିତ ଅଭିଯୋଗ କରିବା ସହ ଆଳି ବିଜେପି ନେତା କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ସହାୟତାରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଏହି ଘଟଣା ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ । ବୈଜୟନ୍ତ ପଣ୍ଡାଙ୍କ ଅଫିସ ତରଫରୁ ଆମ୍ବାସି ସହିତ ଯୋଗାଯୋଗ କରାଯିବା ପରେ ଜାନୁୟାରୀ ୨୨ ତାରିଖ ରାତିରେ ଏକ ସଡ଼କ ଦୁର୍ଘଟଣାରେ ଅନନ୍ତଙ୍କ ମୃତ୍ୟୁ ହୋଇଥିବା ଜଣା ପଡିଥିଲା । ମୃତ୍ୟୁର ୨୩ ଦିନ ପରେ ଶୁକ୍ରବାର ଦିନ କଣ୍ଟିପୁର ଗ୍ରାମରେ ଅନନ୍ତଙ୍କ ମୃତଦେହ ପହଞ୍ଚିବା ପରେ କାନ୍ଦ ବୋବାଳିରେ ଗାଁ ଫାଟି ପଡିଛି । ଗାଁରେ ଶୋକର ବାତାବରଣ ଖେଳି ଯାଇଛି । ଅନନ୍ତ ଜଣେ ମେଳାପି ପିଲା ଥିବାରୁ ତାଙ୍କୁ ସମସ୍ତେ ଭଲ ପାଆନ୍ତି । ତାଙ୍କ ମୃତ୍ୟୁରେ ପରିବାର ସମେତ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି । ଗ୍ରାମ ଶ୍ମଶାନରେ ଅନନ୍ତଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

## ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ

କେନ୍ଦ୍ରାପଡ଼ା,୧୩।୨:ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ପୁରୁଷୋତ୍ତମପୁର ଗ୍ରାମରେ ଜଣେ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଆକ୍ରମଣରେ ଶୀକାର ଦମ୍ପତି ହେଉଛନ୍ତି ପୁରୁଷୋତ୍ତମପୁର ଗ୍ରାମର ସୁବାଷ ଖଟୁଆ ଓ ତାଙ୍କ ପତ୍ନୀ ରଶ୍ମୀତା । ଉଭୟଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ରଶ୍ମୀତା ତାଙ୍କ ଏତଲାରେ ଦର୍ଶାଇଛନ୍ତି ତାଙ୍କ ଗ୍ରାମର ବାବୁଲି ସ୍ୱାଇଁଙ୍କ ପରିବାର ସହ ପୂର୍ବରୁ ଶତୃତା ରହିଥିଲା । ଏହି କାରଣରୁ ବାବୁଲି ସ୍ୱାଇଁ ଓ ତାଙ୍କ ସହଯୋଗୀମାନେ ଆକ୍ରମଣ କରିଥିବା ଏତଲାରେ ଦର୍ଶାଯାଇଛି । ସଦର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ
Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ